R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୭୬
ତିଥି : ସପ୍ତମୀ
୦୧ ଏପ୍ରିଲ ୨୦୨୪, ସୋମବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 176
01 April 2024, Monday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ବିଜେଡିରେ ମିଶିଲେ ଚିରଞ୍ଜୀବ ବିଶ୍ୱାଳ

ଭୁବନେଶ୍ୱର, ୩୧।୩ (ସବ୍ୟୁ) : ପୂର୍ବତନ ବିଧାୟକ ତଥା ପିସିସିର ପୂର୍ବତନ କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ରବିବାର ବିଜେଡିରେ ଯୋଗ ଦେଇଛନ୍ତି । ହଜାର ହଜାର ସମର୍ଥକଙ୍କ ସହ ସେ ବିଜେଡିରେ ସାମିଲ ହୋଇଛନ୍ତି । ତାଙ୍କର ଯୋଗଦାନ ବିଜେଡିକୁ କେବଳ ଜଗତସିଂହପୁର ଜିଲ୍ଲା ନୁହେଁ ସାରା ରାଜ୍ୟରେ ଦଳକୁ ଶକ୍ତିଶାଳୀ କରିବାରେ ସହାୟକ ହେବ ବୋଲି ସାଂସଦ ମାନସ ମଙ୍ଗରାଜ ମିଶ୍ରଣ ପର୍ବରେ କହିଛନ୍ତି । ଶ୍ରୀ ବିଶ୍ୱାଳ ଆଜି ନିଜର ଶତାଧିକ ସମର୍ଥକଙ୍କ ସହ ନିଜ ବାସଭବନରୁ ଏକ ରାଲି ଯୋଗେ ଶଙ୍ଖଭବନ ଯାଇଥିଲେ । ସେଠାରେ ସାଂସଦ ମାନସ ମଙ୍ଗରାଜ ଓ ଡ. ସସ୍ମିତ୍ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ । ଶଙ୍ଖଭବନରେ ଶ୍ରୀ ବିଶ୍ୱାଳଙ୍କ ସମେତ କଂଗ୍ରେସ ଦଳର ବିଭିନ୍ନ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ଶ୍ରୀ ମଙ୍ଗରାଜ ଓ ଡ. ପାତ୍ର ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ପୂର୍ବତନ କଂଗ୍ରେସ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, କୌଣସି ସ୍ୱାର୍ଥ ନେଇ ବିଜେଡ଼ିରେ ସାମିଲ ହୋଇନି । ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ମହିଳା, ଯୁବପିଢ଼ି, ଚାଷୀଙ୍କ ପାଇଁ ବହୁ କାମ କରିଛନ୍ତି ମୁଖ୍ୟମନ୍ତ୍ରୀ । ନୂତନ ଓଡ଼ିଶା ଗଠନ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

ଶଙ୍ଖ ଭବନରେ ମିଶ୍ରଣ ପର୍ବ ପରେ ନବୀନ ନିବାସ ଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରିଥିଲେ ଚିରଞ୍ଜୀବ ବିଶ୍ୱାଳ ।

ଏହି ମିଶ୍ରଣ ପର୍ବରେ ପୂର୍ବତନ ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ରବୀନ୍ଦ୍ରନାଥ ମହାନ୍ତି, ନାଉଗାଁ ବ୍ଲକ କଂଗ୍ରେସ କମିଟି ସଭାପତି ନିରଞ୍ଜନ ବେହୁରା, ଜଗତସିଂହପୁର ବ୍ଲକ କଂଗ୍ରେସ କମିଟି ସଭାପତି ଅଦ୍ୱୈତ (୯ ପୃଷ୍ଠାରେ)






## ଆଡଭାନୀଙ୍କୁ ଭାରତ ରତ୍ନ ସମ୍ମାନ



ନୂଆଦିଲ୍ଲୀ, ୩୧।୩ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତର ପୂର୍ବତନ ଉପପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡଭାନୀଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନୀତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଉପରାଷ୍ଟ୍ରପତି ଜଗଦୀପ ଧନଖଡଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ଘରେ ଆଡବାନୀଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନୀତ କରିଛନ୍ତ । ଗତ ଶନିବାର ରାଷ୍ଟ୍ରପତି ଭବନରେ ଆୟୋଜିତ ସମ୍ମାନ ପ୍ରଦାନ ସମାରୋହରେ ଆଡଭାନୀ ଯୋଗ ଦେଇପାରି ନ ଥିଲେ । କାରଣ କିଛିଦିନ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନାହିଁ । ତେଣୁ ସେ ଘରେ ବିଶ୍ରାମ ନେଉଛନ୍ତି । ଏଭଳି ସମୟରେ ରାଷ୍ଟ୍ରପତି , ଉପରାଷ୍ଟ୍ରପତ ଓ ପ୍ରଧାନମନ୍ତ୍ରୀ ତାଙ୍କ ଘରେ ପହଞ୍ଚି ଆଡୱାନୀଙ୍କୁ (୯ ପୃଷ୍ଠାରେ)

## ନକ୍ସଲଙ୍କ ଲଙ୍କାକାଣ୍ଡ, ଜାଳିଦେଲେ ୪ ଟ୍ରକ୍

ରାୟପୁର, ୩୧।୩ : ଲୋକସଭା ନିର୍ବାଚନ ପୂର୍ବରୁ ଲାଲ ଆତଙ୍କ । ଛତିଶଗଡରେ ଲଙ୍କାକାଣ୍ଡ ଘଟାଇଲେ ନକ୍ସଲ ବାହିନୀ । ଜାଳିଦେଲେ ୪ଟି ଟ୍ରକ । ନାରାୟଣ ପୁର ଜିଲ୍ଲାରେ ଲୁହା ପଥର ବୋଝେଇ ୪ଟି ଟ୍ରକରେ ନକ୍ସଲମାନେ ନିଆଁ ଲଗାଇ ଦେଇଛନ୍ତି । ଛୋଟେଡଙ୍ଗର ଥାନା ଠାରୁ ମାତ୍ର କିଛି ମିଟର ଦୂରରେ ଏଭଳି କାଣ୍ଡ ଘଟିଛି ।ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି । ଆମଦେଇ ଲୁହା ପଥର ଖଣିକୁ ବିରୋଧ କରି ଏଭଳି କାଣ୍ଡ ଘଟାଇଛନ୍ତି ଲାଲ ବାହିନୀ । ତେବେ ଏଥିରେ କେହି ମୃତାହତ ହୋଇ ନାହାନ୍ତି । କିନ୍ତୁ ଘଟଣା ସମ୍ପର୍କରେ ଜଣାପଡିବା ପରେ ପୂରା ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ଜଣେ ପୁଲିସ ଅଧିକାରୀଙ୍କ କହିବା ମୁତାବକ, ନକ୍ସଲମାନେ ଲୁହା ପଥର ବୋଝେଇ ଟ୍ରକକୁ ଓରଛା-ନାରାୟଣପୁର ରାସ୍ତାର ଛୋଟେଡଙ୍ଗର ପୁଲିସ ଥାନା ନିକଟରେ ଅଟକାଇ ଥିଲେ । ଏହାପରେ ଡ୍ରାଇଭରମାନଙ୍କୁ ଟ୍ରକରୁ ଓହ୍ଲାଇ ସେଥିରେ ନିଆଁ ଲଗାଇ ସେଠାରୁ ଫେରାର ହୋଇ ଯାଇଥିଲେ । ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ (୯ ପୃଷ୍ଠାରେ)

## ଇଣ୍ଡିଆ ମେଣ୍ଟର ମହାମେଳି

## ବିଜେପିକୁ ଟାର୍ଗେଟ କଲେ ରାହୁଲ

ନୂଆଦିଲ୍ଲୀ, ୩୧।୩ : କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀ ଆଜି ରାମଲୀଳା ମୈଦାନରେ ଗଣତନ୍ତ୍ର ବଞ୍ଚାଅ ରାଲିକୁ ସମ୍ବୋଧିତ କରି କହିଛନ୍ତି ଯେ ଏହି ନିର୍ବାଚନ ସାଧାରଣ ନିର୍ବାଚନ ନୁହେଁ । ଗଣତନ୍ତ୍ର, ସମ୍ବିଧାନ, ଗରିବ ଏବଂ କୃଷକଙ୍କୁ ବଞ୍ଚାଇବା ପାଇଁ ଏହି ନିର୍ବାଚନ । ସେ ଅଭିଯୋଗ କରିଛନ୍ତି ଯେ ଏଠାରେ ମ୍ୟାଚ୍ ଫିକ୍ସିଂ କରାଯାଉଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ପୂର୍ବରୁ ମ୍ୟାଚ୍ ଫିକ୍ସିଂ କରୁଛନ୍ତ । ରାହୁଲ ଗାନ୍ଧୀ କହିଛନ୍ତି ଯେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏଠାରେ ନାହାଁନ୍ତି, କିନ୍ତୁ ସେମାନେ ତାଙ୍କ ହୃଦୟରେ ଅଛନ୍ତି । 'ଇଣ୍ଡିଆ ଆଲାଇନ୍ସ'ର ସମସ୍ତ କର୍ମୀଙ୍କୁ ସ୍ୱାଗତ କରି ସେ କହିଛନ୍ତି ଯେ ଆଜିକାଲି ଆଇପିଏଲ୍ ମ୍ୟାଚ୍ ଚାଲିଛି । ସେ କହିଛନ୍ତି ଯେ ଅମ୍ପାୟାର କିଣିବା ସହ ଅଧିନାୟକଙ୍କୁ ଭୟଭୀତ କରି ମ୍ୟାଚ୍ ଜିତିବା ପରେ ଆପଣ ମ୍ୟାଚ୍ ଫିକ୍ସିଂ ଶବ୍ଦ ଶୁଣିଥିବେ ।

ରାହୁଲ କହିଛନ୍ତି ଯେ ଆମ ଦଳର ମ୍ୟାଚ୍ ପୂର୍ବରୁ ଦୁଇ ଖେଳାଳି (କେଜ୍ରିୱାଲ-ସୋରେନ) ଙ୍କୁ ଜେଲରେ ରଖାଯାଇଛ । ରାହୁଲ ଗାନ୍ଧୀ ମଧ୍ୟ ରାଲି ସମୟରେ ଇଭିଏମ୍ ମେସିନ୍ ଉପରେ (୯ ପୃଷ୍ଠାରେ)












# ଉତ୍କଳ ଦିବସ

୧୯୩୬ ଅପ୍ରେଲ ୧ ତାରିଖରେ ଓଡ଼ିଶାକୁ ଏକ ରାଜ୍ୟ ଭାବେ ଗଠନ କରାଯାଇଥିଲା । ଏହି ଦିନର ସ୍ମୃତିରେ ଏପ୍ରିଲ୍ ମାସ ୧ ତାରିଖକୁ ଉତ୍କଳ ଦିବସ ଭାବେ ପାଳନ କରାଯାଇଥାଏ । ୧ ୨ ଭାଷା ଭିତ୍ତିରେ ରାଜ୍ୟଗଠନ ହେବାରେ ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ । ୧୫୬୮ରେ ଶେଷ ରାଜା ମୁକୁନ୍ଦ ଦେବଙ୍କ ଦେହାନ୍ତ ପରେ ବ୍ରିଟିଶ ଶାସନରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ, ସୁଢ଼ଳ ଦେବ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କ ଚେଷ୍ଟାରେ ଆନ୍ଦୋଳନ ତେଜିଥିଲା । ପ୍ରଥମେ ଛଅଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମକୁ ନେଇ ଓଡ଼ିଶା ଗଠନ କରାଯାଇଥିଲା । ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ମୁଖ୍ୟ ବିପ୍ଳବ ଭାବେ ଉତ୍କଳ ସମ୍ମିଳନୀ କାର୍ଯ୍ୟ କରିଥିଲା । ଏହା ଗଠନ ହେବା ଠାରୁ ତିନି ଦଶନ୍ଧି ଧରି ଏହି କାର୍ଯ୍ୟରେ ଲାଗିରହିଥିଲା ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ମୂଳଦୁଆ ସ୍ଥାପନକରିଥିଲା । ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢ଼ଳ ଦେବ ଓ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଆଦିଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅଧିକ ତୀବ୍ର ହୋଇଥିଲା । ସାର ଅଷ୍ଟିନ ହବାକ ଓଡ଼ିଶାର ପ୍ରଥମ ରାଜ୍ୟପାଳ ଭାବରେ ଶପଥ ନେଇଥିଲେ । ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଥିଲା । ୧୯୯୨ ମସିହାରେ ଓଡ଼ିଶାର ୧୩ଟି ଜିଲ୍ଲାକୁ ପୁନର୍ବିଭାଜନ କରି ୩୦ଟି ଜିଲ୍ଲାରେ ଭାଗ କରାଗଲା । ପ୍ରତି ବର୍ଷ ଏପ୍ରିଲ ପହିଲା ଦିନଟିକୁ ଉତ୍କଳ ଦିବସ ନାମରେ ପାଳନ କରାଯାଇ ସ୍ୱତନ୍ତ୍ର ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କୁ ସମ୍ମାନ ଅର୍ପଣକରାଯାଏ ।



## ଇତିହାସ

୧୫୮୨– ପୋପ୍ ଚାର୍ଲ୍ସ ପୁରୁଣା କ୍ୟାଲେଣ୍ଡର ସ୍ଥାନରେ ନୂଆ ରୋମାନ କ୍ୟାଲେଣ୍ଡର ଆରମ୍ଭ କଲେ ।

୧୭୯୩– ଜାପାନରେ ଏକ ଜ୍ୱାଳାମୁଖୀ ବିସ୍ଫୋରଣ ହେବା କାରଣରୁ ପ୍ରାୟ ୫୩ ହଜାର ଲୋକଙ୍କ ମୃତ୍ୟୁ ।

୧୮୩୯– କୋଲକାତା ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ର ଶୁଭାରମ୍ଭ ।

୧୮୭୮– କୋଲକାତାରେ ନିର୍ମିତ ସଂଗ୍ରହାଳୟକୁ ସର୍ବସାଧାରଣଙ୍କ ପାଇଁ ଖୋଲାଗଲା ।

୧୮୯୧– ଫ୍ରାନ୍ସର ରାଜଧାନୀ ପ୍ୟାରିସ ଓ ବ୍ରିଟେନର ରାଜଧାନୀ ଲଣ୍ଡନ ମଧ୍ୟରେ ଦୂରଭାଷରେ କଥାବାର୍ତ୍ତା ଆରମ୍ଭ କରାଗଲା ।

୧୯୧୨– ଦିଲ୍ଲୀକୁ ଭାରତର ରାଜଧାନୀ ରୂପେ ଘୋଷଣା କରାଗଲା ।

## ସୋସିଆଲ କୋଟ୍ସ



କ୍ରୁ କୁ ମିଳିଥିବା ସଫଳତାରେ ମୁଁ ଖୁବ ଖୁସି । ଦର୍ଶକଙ୍କର ଏଭଳି ଭଲ ପାଇବା ମିଳିବ ଆଶା କରି ନଥିଲି । ଫିଲ୍ମ ପାଇଁ ମୁଁ ଖୁବ ପରିଶ୍ରମ କରିଛି ।

**କରୀନା କପୁର, ଅଭିନେତ୍ରୀ**



ମୋତେ ଯେତେବେଳେ ଇଚ୍ଛା ହେବ ସେତେବେଳେ ରାଜନୀତିରେ ଯୋଗ ଦେବି । ହେଲେ ବର୍ତ୍ତମାନ ଇଚ୍ଛା ନାହିଁ । ବର୍ତ୍ତମାନ ମୁଁ କେବଳ ଅଭିନୟ ଉପରେ ଧ୍ୟାନ ଦେବାକୁ ଚାହୁଁଛି ।

**କ୍ରିତି ସନନ୍, ଅଭିନେତ୍ରୀ**



ମୋ ଶୋ' ପାଇଁ ଅନେକ ଜଣ ଲକି ସାବ୍ୟସ୍ତ ହୋଇଛନ୍ତି । ସେହି ତାଲିକା ବେଶ୍ ଲମ୍ବା । ଏଥିରେ ଅର୍ଚ୍ଚନା ପୂରଣ ସିଂଙ୍କ ନାଁ ସବୁଠାରୁ ଆଗରେ ରହିବ । ସେ ମୋ ପାଇଁ ଓ ମୋ ଶୋ' ପାଇଁ ଖୁବ ଲକି ।

**କପିଲ ସର୍ମା, ଅଭିନେତା**

# କାଳିମୁଦ୍ରା



ଏହି ଯୋଗାସନଟିକୁ କରିବା ପାଇଁ ସର୍ବପ୍ରଥମେ ଧ୍ୟାନମୁଦ୍ରାରେ ବସିଯାଆନ୍ତୁ । ଏହାପରେ ଆପଣଙ୍କ ଦୁଇ ହାତର ପାପୁଲିକୁ ଯୋଡ଼ିଦିଅନ୍ତୁ । ଏହାପରେ ବିସି ଆଙ୍ଗୁଠି ବା ତର୍ଜନୀ ଅଙ୍ଗୁଳିକୁ ଛାଡ଼ି ଅନ୍ୟ ସମସ୍ତ ଆଙ୍ଗୁଠିକୁ ପରସ୍ପର ସହିତ ଛନ୍ଦୁରେଇଦିଅନ୍ତୁ । ଧ୍ୟାନ ରଖିବେ ଯେମିତି ଆପଣଙ୍କ ବାମ ପାପୁଲିର ବୁଢ଼ା ଅଙ୍ଗୁଳି ଡାହାଣ ପାପୁଲିର ବୁଢ଼ା ଅଙ୍ଗୁଳି ଉପରେ ରହିଥିବ । ଏହି ସମୟରେ ଆପମଙ୍କ ତର୍ଜନୀ ଅଙ୍ଗୁଳି ପରସ୍ପର ସହିତ ଯୋଡ଼ିହୋଇ ଉପରକୁ ସିଧା ହୋଇ ରହିଥିବ ।

**ଉପକାର**

– ପାଚନ ପ୍ରକ୍ରିୟାକୁ ସହଜ କରିବ ।

– ନକରାତ୍ମକତା ଆଙ୍ଗଜାଇଟି, ଅବସାଦ ଆଦି ଦୂର ହେବ ।

– ଶରୀରକୁ ଶକ୍ତି ଯୋଗାଇବ ।

– କେଶଝଡ଼ା ସମସ୍ୟାରୁ ଆଶ୍ୱସ୍ତି ମିଳିବ ।

# ହିମୋଗ୍ଲୋବିନ୍ ବୃଦ୍ଧି ପାଇଁ ଖାଦ୍ୟ

ସମଗ୍ର ଶରୀରକୁ ସୁସ୍ଥ ରଖିବା ଲାଗି ଶରୀରରେ ହିମୋଗ୍ଲୋବିନର ସ୍ତର ସଠିକ୍ ରହିବା ବେଶ୍ ଗୁରୁତ୍ୱପୂର୍ଣ୍ଣ । ହିମୋଗ୍ଲୋବିନ ହେଉଛି ଲାଲ୍ ରକ୍ତ କଣିକାରେ ଥିବା ଏକ ପ୍ରୋଟିନ୍, ଯାହା ପୂରା ଶରୀରକୁ ଅମ୍ଳଜାନ ପହଞ୍ଚାଇଥାଏ । ହେଲେ ଶରୀରରେ ହିମୋଗ୍ଲୋବିନର ସ୍ତର କମ୍ ହେବା କାରଣରୁ ଦୁର୍ବଳ ଲାଗିବା ସହିତ କ୍ଲାନ୍ତ ଏବଂ ଅନ୍ୟାନ୍ୟ ସମସ୍ୟା ପରିଲକ୍ଷିତ ହୋଇଥାଏ । ତେବେ ଏହାର ସ୍ତରକୁ ବଢ଼ାଇବା ଲାଗି ଡାଳିମ୍ବ ଏବଂ ପିଜୁଳି ବେଶ୍ ଫଳପ୍ରଦ







ସାବ୍ୟସ୍ତ ହେବ । ଡାଳିମ୍ବରେ ଭରପୂର ପରିମାଣରେ ଭିଟାମିନ ସି ରହିଛି, ଯାହା ଆଇରନ ମାତ୍ରାକୁ ବଢ଼ାଇବାରେ ବିଶେଷ ସହାୟକ ହୋଇଥାଏ । ତେବେ ନିୟମିତ ଡାଳିମ୍ବ ରସ ପିଇବା ଦ୍ୱାରା ହିମୋଗ୍ଲୋବିନ ଅଭାବରୁ ହେଉଥିବା ଆନିମିଆ ରୋଗରୁ ମଧ୍ୟ ଆଶ୍ୱସ୍ତି ମିଳିଥାଏ । ଡାଳିମ୍ବ ବ୍ୟତୀତ ପିଜୁଳି ମଧ୍ୟ ହିମୋଗ୍ଲୋବିନ ସ୍ତରକୁ ବୃଦ୍ଧି କରିବାରେ ବେଶ୍ ସହାୟକ ହୋଇଥାଏ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି, ପୋଟାସିୟମ୍, ଫାଇବର ଆଦି ରହିଛି । ଯାହା ଆଇରନ୍‌ର ମାତ୍ରାକୁ ବଢ଼ାଇବାରେ ସାହାଯ୍ୟ କରିବ । ଏହାସହିତ ସେଓ, କଦଳୀ, ତରଭୁଜ, ଆପ୍ରିକଟ୍ ଆଦି ଫଳର ହିମୋଗ୍ଲୋବିନ ସ୍ତରକୁ ବଢ଼ାଇବାରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

## ହାଃ ହାଃ



ଶିକ୍ଷକ– କାଲି ମୁଁ ସୂର୍ଯ୍ୟ ଉପରେ ପଢ଼େଇବି । କୌଣସି କ୍ଲାସ୍ ମିସ୍ କରିବ ନାହିଁ ।

ଚିଣ୍ଟୁ– ହେଲେ ସାର୍ ମୁଁ ଆସିପାରିବି ନାହିଁ ।

ଶିକ୍ଷକ– କାହିଁକି ?

ଚିଣ୍ଟୁ– ମୋ ମା ଏତେ ଦୂର ଯିବାକୁ ଅନୁମତି ଦେବେନାହିଁ ।

# ୧୭ ବର୍ଷ ପରେ ଏକାଠି





ନିକଟରେ ଫିଲ୍ମ ଖେଲ୍ ଖେଲ୍‌ର ସୁଟିଂ ସରିଛି । ଏଥିରେ ଦର୍ଶକ ଅକ୍ଷୟ କୁମାରଙ୍କୁ ଲିଡ୍ ରୋଲରେ ଦେଖିବାକୁ ପାଇବେ । ତେବେ ଏହି ଫିଲ୍ମରେ ୧୭ ବର୍ଷ ପରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି ଅକ୍ଷୟ କୁମାର ଏବଂ ଫରଦିନ୍ ଖାନ୍ । ଉଭୟଙ୍କୁ ଆଗରୁ ୨୦୦୭ରେ ହେ ବେବି ଫିଲ୍ମରେ ଏକାଠି ଦେଖିବାକୁ ମିଳିଥିଲା । ଉଭୟଙ୍କୁ ହେ ବେବିରେ କମେଡି କରୁଥିବାର ଦେଖିବାକୁ ମିଳିଥିଲା । ପୁଣିଥରେ ଉଭୟଙ୍କୁ କମେଡି କରୁଥିବାର ଦର୍ଶକ ଦେଖିବାକୁ ପାଇବେ । ଏନେଇ ଜଣା ପଡିବା ପରେ ଉଭୟଙ୍କ ଫ୍ୟାନମାନେ ଖୁବ ଖୁସି ଅଛନ୍ତି । ସେହିଭଳି ଏହି ଫିଲ୍ମଟି ଭରପୂର ଏଣ୍ଟରଟେନ୍‌ମେଣ୍ଟ ପ୍ୟାକେଜ୍ ହେବ । ଏଥିରେ ଅକ୍ଷୟଙ୍କ ସହିତ ତାପସୀ ପନ୍ନୁ ଓ ବାଣୀ କପୁର ନଜର ଆସିବେ । ଫିଲ୍ମଟିର ସୁଟିଂ ସରିସାରିଥିବା ବେଳେ ଫିଲ୍ମଟିର ରିଲିଜ୍ ଡେଟ୍ ଖୁବ ଶୀଘ୍ର ଘୋଷଣା ହେବ ବୋଲି ଜଣାପଡିଛି ।

# ୱାର୍କଆଉଟ୍ ପରେ ନିଅନ୍ତୁ ବିଶ୍ରାମ



ଆଜିକାଲି ଫିଟ୍ ରହିବା ପାଇଁ ସମସ୍ତେ ୱାର୍କଆଉଟ୍ କରୁଛନ୍ତି । ୱାର୍କଆଉଟ୍ କରିବାଦ୍ୱାରା ଆପଣଙ୍କର ହାଡ ସହ ମାଂସପେଶୀ ଶକ୍ତ ଓ ଟାଇଟ୍ ହୋଇଥାଏ। ହେଲେ ବେଳେବେଳେ ୱାର୍କଆଉଟ୍ ପରେ ଆମ ମାଂସପେଶୀରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ପ୍ରଥମେ ପ୍ରଥମେ ଏକ୍ସରସାଇଜ୍ କରିବା ଦ୍ୱାରା ଏଭଳି ଅସୁବିଧା ଦେଖାଯିବାର ଆଶଙ୍କା ବେଶି ଥାଏ । ତେବେ କିଛିଟା ଛୋଟଛୋଟ ଟ୍ରିକ ରହିଛି, ଯାହାକୁ ଫଲୋ କରିବା ଦ୍ୱାରା ଆମେ ଏହି ଯନ୍ତ୍ରଣାରୁ ବଞ୍ଚିପାରିବା । ଏହାର ପ୍ରାଥମିକ ଉପଚାର ହେଉଛି ବିଶ୍ରାମ ନେବା । ଯଦି ଏହି ଯନ୍ତ୍ରଣାକୁ କମାଇବାକୁ ଚାହୁଁଛନ୍ତି ତେବେ ୱାର୍କଆଉଟ୍ ପରେ ନିଜର ମାଂଶପେଶୀକୁ ବିଶ୍ରାମ ଦିଅନ୍ତୁ । ବିଶ୍ରାମ ଦେବା ଦ୍ୱାରା ମାଂଶପେଶୀ ଯନ୍ତ୍ରଣା କିଛି ମାତ୍ରାରେ କମ ହୋଇଥାଏ । ୱାର୍କଆଉଟ ପରେ ଧୀରେଧୀରେ ହାତ ହେଉ କିମ୍ବା ଗୋଡକୁ ଷ୍ଟ୍ରେଚ କରନ୍ତୁ । ଏପରି କରିବା ଦ୍ୱାରା ମସଲମାନଙ୍କର ଫ୍ଲେକ୍ସିବିଲିଟି ବଢିଥାଏ । ଏହାସହିତ ମାଂସପେଶୀରେ ରକ୍ତ ସଞ୍ଚାଳନ ମଧ୍ୟ ବଢିଥାଏ । ଏହାଦ୍ୱାରା ଯନ୍ତ୍ରଣାରୁ ଉପଶମ ମିଳିଥାଏ । ଏହି ସମୟରେ ମସାଜ୍‌ର ସାହାଯ୍ୟ ନେଇପାରିବେ । ଏକ ଭଲ ମସାଜ୍ ମଧ୍ୟ ୱାର୍କଆଉଟ୍ ପରର ଯନ୍ତ୍ରଣାରୁ ଆପଣଙ୍କୁ ମୁକ୍ତି ଦେବ । ମସାଜ ଦ୍ୱାରା ମାଂଶପେଶୀ ରିଲାକ୍ସ ହେବାସହ ବ୍ଲଡ ଫ୍ଲୋ ବଢିଥାଏ ।







ବିଜେଡିରେ ସାମିଲ ହେବା ପରେ ମୁଖ୍ୟମନ୍ତ୍ରୀ ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓ ୫-ଟି, ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍‌ଙ୍କୁ ସାକ୍ଷାତ କରୁଛନ୍ତି ଚିରଞ୍ଜୀବ ବିଶ୍ୱାଳ





ଭୁବନେଶ୍ୱର ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବ : ବିଜେଡିରେ ଯୋଗଦାନ କରୁଛନ୍ତି ଚିରଞ୍ଜୀବ ବିଶ୍ୱାଳ

# ଇନଷ୍ଟାଗ୍ରାମରେ ପ୍ରେମ: କେନାଲ ବନ୍ଧରୁ ଯୁବତୀ ଉଦ୍ଧାର

ସିମୁଳିଆ, (ସବ୍ୟୁ) : ଇନଷ୍ଟା ଗ୍ରାମରେ ଅଜଣା ଯୁବକ ସହ ପ୍ରେମ ସଂପର୍କ ,ବିବାହ ପ୍ରଲୋଭନ ଦେଖାଇ ଝିଅକୁ ମାରିଦେବାକୁ ଉଦ୍ୟମ କରିଥିବା ଯୁବକ ନାମରେ ପିଡିତାର ମା ସିମୁଳିଆ ଥାନାରେ ଅଭିଯୋଗ କରିଥିବାବେଳେ ଅଭିଯୋଗ ପାଇ ସିମୁଳିଆ ପୋଲିସ ଘଟଣାର ତଦନ୍ତ କରୁଥିବାର ଜଣାଯାଇଛି । ସୂଚନାରୁ ପ୍ରକାଶ କଟକ ଜିଲ୍ଲା ସଦର ଥାନା ଅନ୍ତର୍ଗତ ବାଲିକୁଦା ଅଞ୍ଚଳର ଜନୈକା ଯୁବତୀର ୪ମାସ ତଳେ ଏକ ଅଜଣା ଯୁବକ ସହ ପ୍ରେମ ସଂପର୍କ ଗଢି ଉଠିଥିଲା । ପରେ ଯୁବକ ଜଣକ ପ୍ରେମକୁ ଉଜ୍ଜୀବିତ ରଖିବା ନିମନ୍ତେ ବିବାହ ବନ୍ଧନରେ ବାନ୍ଧି ହେବାକୁ ପରାମର୍ଶ ଦେଇ ଯୁବତୀକୁ କଟକ ଷ୍ଟେସନକୁ ଡାକିଥିଲା । ଯୁବତୀ ଜଣକ ଘରେ ସିଲେଇ ଶିଖିବାକୁ କହି ଘରୁ ଶନିବାର ଦିନ ଚାଲି ଆସିଥିଲା । ଯୁବକକୁ ଦେଖା କରିବା ପରେ ଯୁବକ ଜଣକ ତାକୁ ଘରକୁ ନେଇ ଯିବାକୁ କହି ଟ୍ରେନ ଯୋଗେ ଭଦ୍ରକ ଅଭିମୁଖେ ଆଣିଥିଲା । ଟ୍ରେନରେ ବସିବା ପରେ ଯୁବକ ଜଣକ ଯୁବତୀକୁ ରୁମାଲଟିଏ ଦେଇ ମୁହଁ ପୋଛି ହେବା ପାଇଁ କହିଥିଲା । ମୁଁ ପୋଛିହେବା ପରେ ଯୁବତୀ ଜଣକ ଧିରେ ଧିରେ ନିସ୍ତେଜ ହୋଇ ଯାଇଥିଲା । ପରେ ଏକ ଷ୍ଟେସନରୁ ଓହ୍ଲାଇ ବାଇକ ଯୋଗେ ଘର ଅଭିମୁଖେ ଯୁବତୀକୁ ନେଇ ଆସିଥିଲା ଯୁବକ ଜଣଙ୍କ । ତେବେ ନିଛାଟିଆ ସ୍ଥାନରେ ଯୁବତୀକୁ ବସାଇ ଯୁବକ ଜଣକ ଯୁବତୀ ପିନ୍ଧିଥିବା ଷ୍ଟଲରେ ତଣ୍ଟିକୁ ଜାରିଥିଲା । ଯୁବତୀର ଚେତା ଚାଲି ଯାଇଥିବା ପ୍ରକାଶ କରିଥିବାବେଳେ ଚେତା ଫେରି ପାଇବା ପରେ ନିଜ ଦେହରେ ମାଡ ମାରିଥିବାର ଯନ୍ତ୍ରଣା ଓ ଅସଦ ବ୍ୟବାହର କରିଥିବାର ଯୁବତୀ ଜଣକ ପ୍ରକାଶ କରିଥିବାର ଜଣାଯାଇଛି । ତଣ୍ଟି ଦରଜ ହେଉଥିବା ଯୋଗୁଁ କାହାକୁ ଡାକି ନ ପାରି ଏକ ନିଛାଟିଆ ସ୍ଥାନରେ କାନ୍ଦୁଥିବାର ରଘୁବିନ୍ଧା ଗ୍ରାମର ରମାକାନ୍ତ ବାରିକ ରଘୁବିନ୍ଧା କେନାଲ ବନ୍ଧରେ ଦେଖିବାକୁ ପାଇଥିଲେ । ପରେ ଏ ସଂକ୍ରାନ୍ତରେ ପରିବାର ଲୋକଙ୍କୁ ଖବର ଦେବା ପରେ ଯୁବତୀର ପରିବାର ଲୋକେ ଝିଅକୁ ଉଦ୍ଧାର କରିବା ସହ ଝିଅକୁ ଅଜଣା ଯୁବକ ଜଣଙ୍କ ଅସଦ ବ୍ୟବହାର କରିଥିବା,ଝିଅ ପିନ୍ଧିଥିବା ସୁନା ଅଳାଙ୍କର ଓ ମୋବାଇଲ ନେଇ ଯାଇଥିବାର ସିମୁଳିଆ ଥାନାରେ ଲିଖିତ ଅଭିଯୋଗ କରିଥିବାର ଜଣାଯାଇଛି । ଅଭିଯୋଗ ପାଇ ସିମୁଳିଆ ପୋଲିସ ଯୁବତୀକୁ ଚିକିତ୍ସା କରାଇବାକୁ କହି ତଦନ୍ତ କରୁଥିବା ଜଣାଯାଇଛି । ପ୍ରକାଶ ଥାଉକି ପୂର୍ବରୁ ଏହି କେନାଲ ବନ୍ଧରେ ୫ଟିରୁ ଉର୍ଦ୍ଧ୍ୱ ଅଚିହ୍ନା ଯୁବତୀଙ୍କର ମୃତଦେହ ଉଦ୍ଧାର ହୋଇଛି । କିଏ,କାହିଁକି ହତ୍ୟା କରିଛି ପୋଲିସ ତାର ସୁରାକ ପାଇ ପାରିନାହିଁ । ପ୍ରଥମ କରି ଏହି ଯୁବତୀ ଜଣକ ମୃତ୍ୟୁମୁଖରୁ ବର୍ଞ୍ଚି ଯାଇଥିବାର ଗ୍ରାମବାସୀମାନେ କହିବା ସହ ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଦାବି କରିଛନ୍ତି ।

## ୨ ବାଲି ବୋଝେଇ ଟ୍ରାକ୍ଟରକୁ ଜୋରିମାନା

ପାଟଣା,(ସବ୍ୟୁ) : ରବିବାର କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅନ୍ତର୍ଗତ ବୈତରଣୀ ନଦୀ ରୁ ଚୋରା ବାଲି ଚାଲାଣ କରୁଥିବା ବେଳେ ୨ଟି ଟ୍ରାକ୍ଟର କୁ ଜିଲ୍ଲା ଖଣି ବିଭାଗ ଧରି ଜୋରିମାନା କରିଛନ୍ତି। ଅଚାନକ ଖଣି ବିଭାଗ ଚଢ଼ାଉ ସମୟରେ ପାଟଣା ଦେଇ ଯାଇଥିବା ବୈତରଣୀ ନଦୀ ଦୁର୍ଗାଦେଇପୁର ଘାଟ ରୁ ଏକ ଟ୍ରାକ୍ଟର ବାଲି ନେଇ ଯାଉଥିବା ଓ ଅନ୍ୟ ଏକ ଟ୍ରାକ୍ଟର କୁ ପାଟଣା କେନ୍ଦେଇପଶି ରାସ୍ତାର ପୁଟୁଳିଆ ଛକ ନିକଟରୁ ଖଣି ବିଭାଗ ଧରିଥିଲେ। ଏହି ଚଢ଼ାଉ ରେ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଅନ୍ତର୍ଜାମି ସାହୁ,ସୂର୍ଯ ହେମ୍ବ୍ରମ ସାମିଲ ହୋଇଥିଲେଛ ଦୁଇ ଟ୍ରାକ୍ଟର ଉପରେ ମୋଟ ୩୦ହଜାର ଟଙ୍କା ଜରିମାନା କରାଯାଇଥିବା ଖଣି ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି ।

# ବିଜେଡ଼ିରେ ଯୋଗଦେଲେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅବକାଶ ସାହୁ



ଭୁବନେଶ୍ୱର (ସବ୍ୟୁ): ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ବୌଦ୍ଧ ନିର୍ବାଚନମଣ୍ଡଳୀର ୨୦୧୪ ସାଧାରଣ ନିର୍ବାଚନର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅବକାଶ ସାହୁଙ୍କ ସମେତ ଶତାଧିକ କଂଗ୍ରେସ ଓ ସିପିଆଇ କର୍ମୀ ରବିବାର ଶଙ୍ଖଭବନ ଠାରେ ମନ୍ତ୍ରୀ ତଥା ବୌଦ୍ଧ ବିଧାୟକ ପ୍ରଦୀପ ଅମାତ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ଏବଂ ଶତାଧିକ କଂଗ୍ରେସ ଓ ସିପିଆଇ କର୍ମୀଙ୍କୁ ଶ୍ରୀ ଅମାତ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି କଂଗ୍ରେସ କର୍ମୀ ଓ ସିପିଆଇ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ଅମାତ ଓ ଡକ୍ଟର ପାତ୍ର କହିଥିଲେ। ଏହି ମିଶ୍ରଣ ପର୍ବରେଅଲ ଇଣ୍ଡିଆୟୁଥ୍ ଫେଡେରେସନର ବୌଦ୍ଧ ଜିଲ୍ଲା ସଭାପତି ସୁଧାଂଶୁ ପ୍ରଧାନ, ସମ୍ପାଦକ ପ୍ରଦୀପ ବେହେରା, ବୌଦ୍ଧ ଜିଲ୍ଲା ସିପିଆଇ ସମ୍ପାଦକ ଭୀମସେନ ଘିବିଲା, ବୌଦ୍ଧ ଜିଲ୍ଲା ସିପିଆଇ ଜୋନ ସମ୍ପାଦକ ସତ୍ୟନାରାୟଣ ସାହୁ, ବୌଦ୍ଧ ଜିଲ୍ଲା ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ମମତା ପଣ୍ଡାଙ୍କ ସହ ଶତାଧିକ କଂଗ୍ରେସଓ ସିପିଆଇ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ରକିଙ୍ଗ୍ ଷ୍ଟାର୍ ଯଶ୍‌ଙ୍କୁ ନୂଆ ବ୍ରାଣ୍ଡ୍ ଆମ୍ବାସାଡର ଘୋଷଣା କଲା ଆକ୍‌ଜୋନୋବେଲ

ଭୁବନେଶ୍ୱର (ସବ୍ୟୁ) : ଏକ ଅଗ୍ରଣୀ ପେଂଟ୍‌ସ ଓ କୋଟିଙ୍ଗ୍‌ସ କମ୍ପାନୀ ଓ ଡ୍ୟୁଲକ୍ସ ପେଂଟସ୍‌ର ନିର୍ମାତା ଆକ୍‌ଜୋନୋବେଲ ଇଣ୍ଡିଆ ପକ୍ଷରୁ ଅଭିନେତା ଯଶ୍‌ଙ୍କୁ ଭାରତରେ ଏହାର ଡ୍ୟୁଲକ୍ସ ୱେଦରସିଲ୍ଡ ଏକ୍ସଟେରିୟର ଇମଲ୍‌ସନ୍ସ ପାଇଁ ନୂଆ ବ୍ରାଣ୍ଡ ଆମ୍ବାସାଡର୍ ଭାବେ ସ୍ୱାଗତ କରାଯାଇଛି। ଏସମ୍ପର୍କରେ ଆକ୍‌ଜୋନୋବେଲ ଇଣ୍ଡିଆର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ରାଜୀବ ରାଜଗୋପାଳ କହିଛନ୍ତି, 'ଆମେ ରକିଙ୍ଗ୍ ଷ୍ଟାର୍ ଯଶ୍‌ଙ୍କୁ ଆମ ପରିବାରକୁ ସ୍ୱାଗତ କରି ଉତ୍ସାହିତ ଅଛୁ। ସେ ଉଭ ।ବନର ଆତ୍ମବିଶ୍ୱାସରୁ ଜନ୍ମିତ ଡ୍ୟୁଲକ୍ସ ୱେଦରସିଲ୍ଡର ଅତୁଳନୀୟ କାର୍ଯ୍ୟଦକ୍ଷତା ଓ ମୌଳିକତାର ଉତ୍ସାହକୁ ଉପଯୁକ୍ତ ଭାବେ ଧାରଣ କରିଛନ୍ତି । ଜଣେ ପ୍ରକୃତ ସୁପରଷ୍ଟାର ଯଶ୍, ଠିକ୍ ଆମର ଆଇକୋନିକ୍ ଡ୍ୟୁଲକ୍ସ ୱେଦରସିଲ୍ଡ ଏକ୍ସଟେରିୟର ଇମଲ୍‌ସନ୍ସ ଭଳି ଭାରତର ଲକ୍ଷ ଲକ୍ଷ ପ୍ରଶଂସକଙ୍କ ଭଲ ପାଇବା ଅର୍ଜନ କରିଛନ୍ତି' ଏହି ନୂତନ ସହଭାଗିତା ସମ୍ପର୍କରେ ସୁପରଷ୍ଟାର୍ ଯଶ୍ କହିଛନ୍ତି, 'ପ୍ରତ୍ୟେକ ଭୂମିକା ନିଜ ସହିତ ଲୋକମାନଙ୍କୁ ଅନୁପ୍ରାଣିତ ଓ ଆକର୍ଷିତ କରିବା ଏବଂ ମନୋରଞ୍ଜନ ପ୍ରଦାନ କରିବା ପାଇଁ କ୍ଷମତା ଆଣିଥାଏ ।

# ବିଜେଡ଼ିରେ ମିଶିଲେ ସୁକାନ୍ତ : ନିଜ ଫାର୍ମ ହାଉସରେ ଶକ୍ତି ପ୍ରଦର୍ଶନ କଲେ ସନ୍ତୋଷ

ନୀଳଗିର, (ସବ୍ୟୁ) :ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ବିଜୁ ଜନତା ଦଳରେ ମିଶିବାପରେ ନୀଳଗିରିସ୍ଥିତ ନିଜ ଫାର୍ମ ହାଉସରେ ଶକ୍ତିପ୍ରଦର୍ଶନ କରିଛନ୍ତି ସନ୍ତୋଷ ଖଟୁଆ । ରୋଚକ ମୋଡ଼ରେ ନୀଳଗିରି ରାଜନୀତି କିଏ ହାତେଇବ, ନୀଳଗିରି ବିଜେଡ଼ି ଟିକଟ କାହାକୁ ଦେବ ଏନେଇ ୨ନେତାଙ୍କ ମଧ୍ୟରେ ଆରମ୍ଭ ହୋଇଯାଇଛି କସରତ । ସୂଚନା ଅନୁଯାୟୀ ନୀଳଗିରି ବିଧାୟକ ସୁକାନ୍ତ ନାୟକ ଶୁକ୍ରବାରଦିନ ବିଜେପି ସଦସ୍ୟତା ପଦରୁ ଇସ୍ତଫା ଦେବାପରେ ସୁକାନ୍ତ ବିଜେଡ଼ିରେ ଯୋଗଦେବେ ବୋଲି ଚର୍ଚ୍ଚା ଯୋର ଧରିଥିଲା । ଯାହା ଆଜି ସତ ହୋଇଛି । ରବିବାର ଦିନ ୧୨ଟା ୩୦ ମିନିଟ୍ ସମୟରେ ନିଜର ୨ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସହ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ଶ୍ରୀ ନାୟକ ଯୋଗଦାନ କରିଥିବା ବେଳେ ସନ୍ତୋଷ ଖଟୁଆ ମଧ୍ୟ ସମାନ୍ତରାଳ ଭାବରେ ନୀଳଗିରିସ୍ଥିତ ନିଜ ଫାର୍ମ ହାଉସରେ ଏକ କର୍ମୀ ସମ୍ମିଳନୀ କରି ନିଜର ଶକ୍ତି ପ୍ରଦର୍ଶନ କରିଥିଲେ । ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସନ୍ତୋଷ କହିଥିଲେ ମୁଁ ବିଜେଡ଼ି ଛାଡ଼ିନାହିଁ କି ଛାଡ଼ିବି ନାହିଁ । ମୁଁ ଶଙ୍ଖ ଦଳର ଜଣେ ଶୃଙ୍ଖଳିତ କର୍ମୀଭାବେ ଦଳରେ ରହିଛି । ଦଳ ଯାହାକୁ ଯୋଗ୍ୟ ଭାବିବ ତାକୁ ଟିକଟ ଦେବ । ମୁଁ ଦଳ ପାଇଁ ମଧ୍ୟ ପୋଷ୍ଟର ମାରିବି । ମୋତେ ଉପରୁ ନିର୍ଦ୍ଦେଶ ମିଳିଛି ମୋର ଟିକଟ ଫାଇନାଲ । ନୀଳଗିରିରେ ବିଜେଡ଼ି ସୁନିଶ୍ଚିତ ଜିତିବ । ସୁକାନ୍ତ ଦଳରେ ମିଶିଲେ ମୋର କିଛି ଫରକ ପଡ଼ିବନି। ସିଏ ଜଣେ ଦଳଭଙ୍ଗା ବ୍ୟକ୍ତି ପୂର୍ବରୁ ୨୦୧୯ରେ ବିଜେଡ଼ିର ଦଳ ଭାଙ୍ଗିଥିଲେ ଓ ୨୦୨୪ରେ ବିଜେପିର ଦଳ ଭାଙ୍ଗିଲେ । ମୋର ଓ ମୋ କର୍ମୀଙ୍କ ଦୁଃଖକାଳେ ପୁଣି ବିଜେଡ଼ିର ଦଳ ଭାଙ୍ଗିଦେବେ ।

# କମଳା ବୈକୁଣ୍ଠ' ଫାଉଣ୍ଡେସନ ପକ୍ଷରୁ ରୋଡ ସେଫ୍ଟି ମିରର ସ୍ଥାପନା

କଟକ, (ସ୍ୱପ୍ର): କଟକ ସହରରେ ବଢୁଥିବା ଜନଗହଳି ଓ ସେଥିପାଇଁ ଦୈନନ୍ଦିନ ଘଟୁଥିବା ସଡ଼କ ଦୁର୍ଘଟଣାକୁ ଆଖି ଆଗରେ ରଖି କଟକର ସହରର ଅଗ୍ରଣୀ ସାମଜିକ ଅନୁଷ୍ଠାନ 'କମଳା ବୈକୁଣ୍ଠ' ଫାଉଣ୍ଡେସନ ପକ୍ଷରୁ ଏକ ଭିନ୍ନ ଧରଣର କାର୍ଯ୍ୟକ୍ରମ କରାଯାଉଛି । ଫାଉଣ୍ଡେସନ ତରଫରୁ କଟକ ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନମାନଙ୍କରେ ବା ରୋଡ ସେଫ୍ଟି ମିରର ସ୍ଥାପନ କରାଯାଉଛି । ଏହି ଅବସରରେ ଆଜି ପ୍ରଥମ କରି କଟକ ଶ୍ରୀରାମନଗର ସ୍ଥିତ ରୁଚି ମସଲା କମ୍ପାନୀ ଓ ମଙ୍ଗଳ ମନ୍ଦିର ନିକଟରେ ଦୁଇଟି ରୋଡ ସେଫ୍ଟି ମିରର ସ୍ଥାପନ କରାଯାଇଛି । ଆଗାମୀଦିନରେ କଟକ ସହରର ବିଭିନ୍ନ ସ୍ଥାନରେ ଏହି ଭଳି ମିରର ସ୍ଥାପନ କରାଯିବାର ଯୋଜନା ରହିଛି ବୋଲି ଅନୁଷ୍ଠାନର ସଂଯୋଜକ ଆୟେଶକାନ୍ତ ମହାପାତ୍ର କହିବା ସହ ଏହିଭଳି ସମ୍ବେଦନଶୀଳ ଜାଗାମାନଙ୍କରେ ସରକାରଙ୍କ ତରଫରୁ ରୋଡ ସେଫ୍ଟି ମିରର ସ୍ଥାପନା କରାଗଲେ ଜନଗହଳିପୂର୍ଣ୍ଣ ରାସ୍ତାରେ ଦୁର୍ଘଟଣାକୁ ବହୁ ମାତ୍ରାରେ କମାଯାଇପାରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ରେକୀ ମିଶନ ପ୍ରତିଷ୍ଠାତା ଗୁରୁ ଶ୍ରୀସନ୍ତୁ, ସ୍ଥାନୀୟ କର୍ପୋରେଟର ସୌଭାଗିନି ଜେନା, ଓଡିଆ ସିନେ କଳାକାର ବୀରେନ ମିତ୍ର, ପିନୁ ଭାଇଙ୍କ ସମେତ ବହୁ କର୍ମକର୍ତାମାନେ ଉପସ୍ଥିତ ଥିଲେ ।

# ବିଜେଡ଼ିରେ ଯୋଗଦେଲେ କୁଚିଣ୍ଡାର ପୂର୍ବତନ ବିଜେପି ବିଧାୟକ ବୃନ୍ଦାବନ ମାଝୀ



ଭୁବନେଶ୍ୱର (ସବ୍ୟୁ) : ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ କୁଚିଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେପି ବିଧାୟକ ବୃନ୍ଦାବନ ମାଝୀଙ୍କ ସମେତ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶଙ୍ଖଭବନ ଠାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ ଓ ରାଜ୍ୟସଭା ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ପୂର୍ବତନ ବିଜେପି ବିଧାୟକ ବୃନ୍ଦାବନ ମାଝୀ ଏବଂ ଶତାଧିକ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ନାୟକ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ନାୟକ ଓ ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବୃନ୍ଦାବନ ମାଝୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ସ୍ୱଚ୍ଛଶାସନ, ନିର୍ମଳଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ଏହି ମିଶ୍ରଣ ପର୍ବରେଲଇକେରା ନିର୍ବାଚନ ମଣ୍ଡଳୀର ପୂର୍ବତନ ଜନତା ଦଳ ସଭାପତି ଅଭିମନ୍ୟୁ ନାଏକ, ପୂର୍ବତନ ବ୍ଲକ ଉପସଭାପତି ପ୍ରମୋଦ କୁମାର ନାଏକ, ଗ୍ରାମପଞ୍ଚାୟତ ସଂଗଠକ ଦିବ୍ୟରାଜ ସାହୁ, ଜମନକିରା ବ୍ଲକର ଯୁବ ସଂଗଠକ ଅନାଦୀ ମିର୍ଦ୍ଧା ଓ ପ୍ରମୋଦ ମିର୍ଦ୍ଧାଙ୍କ ସହଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୪୭ ବିଧାନସଭା ଆସନରେ ପ୍ରାର୍ଥୀ ପାଉନି ରାଜ୍ୟ ବିଜେପି : ବିଜେଡି

## ଯୋଗ୍ୟ ପ୍ରାର୍ଥୀଙ୍କ ଘୋର ଅଭାବ ରାଜ୍ୟ ବିଜେପି ପାଖରେ

ଭୁବନେଶ୍ୱର (ସବ୍ୟୁ): ୧୪୭ ବିଧାନସଭା ଆସନରେ ଲଢ଼ିବାକୁ ବିଜେପି ପ୍ରାର୍ଥୀ ପାଉନି । ସେଥି ପାଇଁ ଏଯାଏଁ ଜଣେ ପ୍ରାର୍ଥୀଙ୍କ ନାଁ ବି ବିଜେପି ଘୋଷଣା କରି ପାରିନି ବୋଲି କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡକ୍ଟର ସସ୍ମିତ ପାତ୍ର । ଡକ୍ଟର ପାତ୍ର ରବିବାର ଏଠାରେ ଗଣମାଧ୍ୟମକୁ କହିଛନ୍ତି ଯେ, ଓଡ଼ିଶା ଭାରତୀୟ ଜନତା ପାର୍ଟି କହୁଛି ୧୪୭ ନିର୍ବାଚନ ମଣ୍ଡଳୀରେ ଲଢ଼ିବ, ହେଲେ ସେମାନେ ସେହି ୧୪୭ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ପାଇପାରୁ ନାହାନ୍ତି, ଏହା ହେଉଛି ବାସ୍ତବିକ ସତ୍ୟ । ବିଜେପି ୨୧ ଲୋକସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ଘୋଷଣା କଲା, ହେଲେ ଏବେ ଯାଏଁ ଗୋଟିଏ ବି ବିଧାନସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରିପାରିଲା ନାହିଁ । ପ୍ରାର୍ଥୀ ପାଉନଥିବାରୁ ବିଜେପି ଜନବିରୋଧୀ ଓ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବା ନେତାଙ୍କୁ ନିଜ ଦଳକୁ ନେଉଛି । ନିର୍ବାଚନ ଲଢ଼ିବାକୁ ପ୍ରାର୍ଥୀ ପାଉନଥିବାରୁ ରାଜ୍ୟ ବିଜେପି ଅସହାୟ ହୋଇପଡ଼ିଛି ବୋଲି ଡକ୍ଟର ପାତ୍ର କହିଛନ୍ତି ।



# ବିଜେଡ଼ିରେ ଯୋଗଦେଲେ ନୀଳଗିରି ବିଜେପି ବିଧାୟକ ସୁକାନ୍ତ ନାୟକ




ଭୁବନେଶ୍ୱର (ସବ୍ୟୁ): ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ସୁକାନ୍ତ ନାୟକଙ୍କ ସମେତ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ରବିବାର ଶଙ୍ଖଭବନ ଠାରେ ମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ବିଜେପି ବିଧାୟକ ସୁକାନ୍ତ ନାୟକ ଏବଂ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ଦେବ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ନୀଳଗିରି ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବବୋଲି ଶ୍ରୀ ଦେବ ଓ ଡକ୍ଟର ପାତ୍ର କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ବିଧାୟକ ସୁକାନ୍ତ ନାୟକ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ଆଜି ବିଜେଡ଼ିରେ ମିଶିବା ପରେ ଏହା ମୋର ଘରବାହୁଡ଼ା ହେଲା । ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲି । ଶଙ୍ଖଭବନରେ ମିଶ୍ରଣ ପର୍ବ ପରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରିଥିଲେ ସୁକାନ୍ତ ନାୟକ। ଏହି ମିଶ୍ରଣ ପର୍ବରେ ବିଜେପି ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ମଣ୍ଡଳ ସଭାପତି ଅକ୍ଷୟ ବେହେରା, ଉପେନ୍ଦ୍ର ନାୟକ, ଜିଲ୍ଲା ସମ୍ପାଦକ ନିରଞ୍ଜନ ମହାନ୍ତି, ପୂର୍ବତନ ସରପଞ୍ଚ ନିରଞ୍ଜନ ମଲ୍ଲିକ, ଉଦୟ କୁମାର ସ ଙ୍କ ସହଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମା ତାରିଣୀଙ୍କ ହୁଣ୍ଡିରୁ ମିଳିଲା ୨୭ ଲକ୍ଷ

କେନ୍ଦୁଝର , (ସ୍ୱପ୍ର) : ଘଟଗାଁ ମା' ତାରିଣୀଙ୍କ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଛି।ଦେବୋତ୍ତର ବିଭାଗର ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ର, ଶ୍ରୀନିବାସ ବେହେରା, ନଳିନୀ ମହାନ୍ତ ଓ ମଦନ ମୋହନ ପୂର୍ତ୍ତିଙ୍କ ଉପସ୍ଥିତରେ ୧୩ଟି ହୁଣ୍ଡି ଖୋଲା ଯାଇଥିଲା।ମନ୍ଦିର କର୍ମଚାରୀ ଅବନି ଜେନା, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ କୁମାର ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ସନାତନ ନାଏକ, ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖୀ, ଚନ୍ଦନ ବେହେରା, ପୀତାମ୍ବର ଗିରି, ଚକ୍ରଧର ନାଏକ, ନାରାୟଣ ମୁଖୀ ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେଛ ହୁଣ୍ଡିରୁ ୨୭ ଲକ୍ଷ ୯୦ ହଜାର ୭୭୯ଟଙ୍କା, ୧୪୪ ଗ୍ରାମ ୧୭୦ ମିଲିଗ୍ରାମ ସୁନା, ୧ କେଜି ୮୮୫ ଗ୍ରାମ ୫୦୦ ମିଲିଗ୍ରାମ ରୁପା ମିଳିଛି।



ନିର୍ବାଚନ ଆଚରଣବିଧି ଉଲ୍ଲଘଂନ ଅଭିଯୋଗରେ ତିନି ଜଣ ରେଳ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟୁଛନ୍ତି ବିଜେଡି ପ୍ରତିନିଧି ଦଳ

## ମାହାଙ୍ଗାରେ ପ୍ରଚାର ଆରମ୍ଭ କଲେ ଅଂଶୁମାନ ମହାନ୍ତି

# ପ୍ରତାପ ଜେନାଙ୍କ ନେତୃତ୍ୱରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀର ନୂତନ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ତାଙ୍କର ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି । ଏହି ଅବସରରେ ୫ହଜାରରୁ ଉର୍ଦ୍ଧ୍ୱ ଭୋଟରମାନେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ପ୍ରଥମେ କୁଳିଆ ସ୍ଥିତ ରଘୁନାଥଜୀଉ ମନ୍ଦିର , ବ୍ଲକ ଛକ ସ୍ଥିତ ବାବାସାହେବ



ଡ଼.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି, ନିଶ୍ଚିନ୍ତକୋଇଲି ବଜାର ସ୍ଥିତ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ହଜାର ହଜାର ସଂଖ୍ୟାରେ ବିଜେଡ଼ି ନେତୃବୃନ୍ଦ,ମହିଳା, ବିଜେଡ଼ି କର୍ମୀ ଓ ସାଧାରଣ ଲୋକେ ଏଥିରେ ଯୋଗ ଦେଇଥିଲେ । ପ୍ରାର୍ଥୀତ୍ୱ ଘୋଷଣା ପରେ ଶ୍ରୀ ମହାନ୍ତି ରବିବାର ଅପରାହ୍ନରେ କୁଳିଆ ଶ୍ରୀ ରଘୁନାଥଜୀଉ ଓ ମହାବୀରଙ୍କୁ ଦର୍ଶନ କରି ତାଙ୍କର ପ୍ରଥମ ପ୍ରଚାର ଆରମ୍ଭ କରିଛନ୍ତି । ସ୍ୱର୍ଗତ ବିଜୁ ବାବୁଙ୍କ ପରିକଳ୍ପନା ସ୍ୱପ୍ନର ଓଡ଼ିଶାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ବାସ୍ତବ ରୂପ ଦେଉଛନ୍ତି ସେଥିରେ ଅଂଶୁମାନ ନିଜେ ସମ୍ପୃକ୍ତ ହୋଇ ଗୁଣ୍ଡୁଚି ମୂଷା ଭଳି ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ। କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀ ଏବଂ ଏହା ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଲୋକମାନଙ୍କର ସୁଖ ଦୁଃଖର ସାଥୀ ହେବା ସହିତ ପ୍ରଗତିପଥରେ ଆଗେଇ ନେବେ ବୋଲି ଉପସ୍ଥିତ ଜନତାଙ୍କୁ ଶ୍ରୀ ମହାନ୍ତି ବାର୍ତ୍ତା ପ୍ରଦାନ କରିଛନ୍ତି। ମାହାଙ୍ଗା ବିଧାୟକ ଶ୍ରୀ ଜେନା ତାଙ୍କ ନିର୍ବାଚନ ମଣ୍ଡଳୀରୁ ବହୁ ସଂଖ୍ୟାରେ ଶଙ୍ଖ ଚିହ୍ନରେ ଭୋଟ ପ୍ରଦାନ କରି ବିଧାୟକ ତଥା ସାଂସଦ ପ୍ରାର୍ଥୀଙ୍କୁ ସର୍ବାଧିକ ବ୍ୟବଧାନରେ ବିଜୟ ଲାଭ କରିବା ପାଇଁ ମାହାଙ୍ଗା ବାସୀଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜନଗର ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ,ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା,ବ୍ଲକ ଅଧ୍ୟକ୍ଷା ରୋଜୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ ।

# ବିଜେପିରେ ସାମିଲ ହେଲେ ପୂର୍ବତନ ବିଧାୟକ ଆକାଶ ଦାସନାୟକ

ଭୁବନେଶ୍ୱର (ସବ୍ୟୁ): ବିଜେପିରେ ସାମିଲ ହେଲେ ପୂର୍ବତନ ବିଧାୟକ ଆକାଶ ଦାସନାୟକ । ରବିବାର ବିଜୁ ଜନତା ଦଳ ପରିତ୍ୟାଗ କରି ନିଜ ସମର୍ଥକଙ୍କ ଗହଣରେ ବିଜେପିରେ ସାମିଲ ହୋଇଛନ୍ତି । ଶ୍ରୀ ଦାସନାୟକଙ୍କ ସହ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ତଥା ରାଜ୍ୟ ସଂଯୋଜକ କନିଷ୍କ ବୋଧିସତ୍ତ୍ୱ ଦାସ, ସ୍ୱାଧୀନ ବିଧାୟକ ପ୍ରାର୍ଥୀ ବିଶ୍ୱଜିତ୍ ମହାନ୍ତି, ପୂର୍ବତନ ସାଧାରଣ ସମ୍ପାଦକ ପ୍ରହ୍ଲାଦ ପଣ୍ଡା, ପୂର୍ବତନ ସରପଂଚ ସୁବାଷ ନାୟକ, ପୂର୍ବତନ ପଂଚାୟତ ସମିତି ସଦସ୍ୟ କୁଳମଣି ଦାସ, ଏସ୍‌କେ ଜହରଅଲ୍ଲି, ଅଶୋକ ବାରିକ, ପୂର୍ବତନ କାଉନସିଲର ସୌମେନ୍ଦ୍ର ରାଉତ, ସଂଯୁକ୍ତା ଖଟୁଆ, ଭାନୁପ୍ରଭା କରନ, ପୂର୍ବତନ ସରପଂଚ ଗୋପାଳ ସେଠୀ, ପ୍ରଫୁଲ୍ଲ ଜେନା, ସୁଶାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ସିନେ ତାରକା



ପଦାରବିନ୍ଦ ନାୟକ, ଶିଶିର କୁମାର ରାଉତ, ଉଦୟ ପାଣି, ସମାଜସେବୀ ବୀରବର ବାରିକ ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ସେହିପରି କେନ୍ଦୁଝର ଜିଲ୍ଲା କଂଗ୍ରେସ ସାଧାରଣ ସଂପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ମଧ୍ୟ ବିଜେପିରେ ଯୋଗଦାନ କରିଛନ୍ତି । ଆତ୍ମ ସ୍ୱାଭିମାନକୁ ବଳି ଦେବା ଅପେକ୍ଷା ଓଡିଶାର ଅସ୍ମିତା ଓ ସ୍ୱାଭିମାନର ସୁରକ୍ଷା ମୋ ପାଇଁ ଅନେକ ଗୁରୁତ୍ୱ ରଖୁଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ରାଜ୍ୟ ଏବଂ କୋରେଇର ବିକାଶ ପାଇଁ ବିଜେପିରେ ଯୋଗଦାନ କରିଛି । ମା'ମାଟିର କାମ କରିବା ପାଇଁ ସଂଗ୍ରାମ ଜାରି ରଖିବି। ସମସ୍ତଙ୍କ ଆଶୀର୍ବାଦକୁ ସାଥୀରେ ନେଇ ଓଡିଆ ଏବଂ ଓଡିଶାର ବିକାଶ ପାଇଁ କାର୍ଯ୍ୟ କରିବି ବୋଲି ଶ୍ରୀ ଦାସ ନାୟକ କହିଛନ୍ତି । ଆଉ କ୍ରୀତଦାସ ଜୀବନ ବଂଚିବେ ନାହିଁ ବୋଲି ଓଡିଶାବାସୀ ବୋଲି ପଣ ନେଇଛନ୍ତି । ପାଇକ ବିଦ୍ରୋହରେ ଓଡିଆ ପାଇକଙ୍କ ବୀରଗାତା ସମସ୍ତେ ଜାଣିଛନ୍ତି । ସମୟ ଆସିଛି କ୍ରୀତଦାସ ପ୍ରଥାକୁ ହଟାଇ ରାଜ୍ୟରେ ଗଣତନ୍ତ୍ର ପ୍ରତିଷ୍ଠା କରିବା ବୋଲି ମିଶ୍ରଣ ପର୍ବରେ ଉପସ୍ଥିତ ଥିବା ବ୍ରହ୍ମପୁରର ପୂର୍ବତନ ସାଂସଦ ଶ୍ରୀ ସିଦ୍ଧାନ୍ତ ମହାପାତ୍ର କହିଛନ୍ତି । ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି, ବିଧାୟକ ପ୍ରଦୀପ ପାଣିଗ୍ରାହୀ, ପ୍ରଶାନ୍ତ ଜଗଦେବ, ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ବିଧାୟିକା ସଂଚିତା ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ମନୋଜ ମହାପାତ୍ର, ଶ୍ରୀତମ ଦାସ, ଅରିନ୍ଦମ ରାୟ, ପୂର୍ବତନ ମହିଳାମୋର୍ଚ୍ଚା ସଭାନେତ୍ରୀ ସିମନ୍ତୀନି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡ଼ିରେ ଯୋଗଦେଲେ ରାଜଗାଙ୍ଗପୁରର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ




ଭୁବନେଶ୍ୱର (ସବ୍ୟୁ): ସୁନ୍ଦରଗଡ ଜିଲ୍ଲା ଅନ୍ତର୍ଗତ ରାଜଗଙ୍ଗପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନଙ୍କ ସମେତ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନ ଠାରେ ମନ୍ତ୍ରୀ ସାରଦା ନାୟକ, ପୂର୍ବତନ ବିଧାୟକ ମଙ୍ଗଳାକିଶାନ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ ଏବଂ ଶତାଧିକ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ନାୟକ, ଶ୍ରୀ ଦଳରେ ମୋତେ ଏବଂ ମୋ ସହଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମା'ଦପା ନାୟକାଣୀଙ୍କ ଆଶୀର୍ବାଦ ଭିକ୍ଷା କଲେ ବିଧାୟକ ପ୍ରାର୍ଥୀ ସଞ୍ଜୟ

ତିହିଡି,(ସବ୍ୟୁ):ଧାମନଗର ନିର୍ବାଚନମଣ୍ଡଳୀ ଲାଗି ବିଜେଡିର ବିଧାୟକ ପ୍ରାର୍ଥୀ ଭାବେ ଡା. ସଞ୍ଜୟ ଦାସଙ୍କ ନାମ ଘୋଷଣା କରାଯିବା ପରେ ବିଜେଡି କର୍ମୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି । ଏହି ଅବସରରେ ଶ୍ରୀ ଦାସ ରବିବାର ଦିନ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଈଶ୍ୱରପୁରସ୍ଥିତ ଆରାଧ୍ୟ ଦେବୀ ମା'ଦପାନାୟକାଣୀଙ୍କ ପୀଠରେ ଉପସ୍ଥିତ ହୋଇ ପୂଜାର୍ଚ୍ଚନା କରିବା ସହ ମା'ଙ୍କ ଆଶୀର୍ବାଦ କାମନା କରିଛନ୍ତି । ବିଜେଡି ସୁପ୍ରିମୋ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କୁ ଏଠାରେ ପ୍ରଥମ ଥର ଲାଗି ଲଢିବାର ସୁଯୋଗ ଦେଇଥିବାରୁ ସେ ତାଙ୍କୁ ଗଭୀର କୃତଜ୍ଞତା ଜଣାଇବା ସହ ଧାମନଗରବାସୀ ତାଙ୍କୁ ଆଶୀର୍ବାଦ କରିବେ ବୋଲି ସେ ଆଶା ପ୍ରକଟ କରିଛନ୍ତି । ରବିବାର ପୂର୍ବାହ୍ଣରେ ବିଜେଡି କର୍ମୀ ମାନେ ଏକ ବାଇକ ଶୋଭାଯାତ୍ରାରେ ଦୋଳସାହି ଗେଟ ବଜାରରୁ ପାଛୋଟି ଆଣିଥିଲେ । ଏହି ବାଇକ ଶୋଭାଯାତ୍ରା ବାଟରେ ଗୁଆମାଳ, କୁବେରା, ବିଲଣା ଓ ବୋଡକ ଦେଇ ଈଶ୍ୱରପୁର ଠାରେ ପହଞ୍ଚି ଥିଲା । ବାଟରେ ବିଜେଡି କର୍ମୀ ମାନେ ଶ୍ରୀ ଦାସଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ଶ୍ରୀ ଦାସଙ୍କ ସହିତ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବରିଷ୍ଠ ନେତା ହରେକୃଷ୍ଣ ଜେନା, ଲକ୍ଷ୍ମୀକାନ୍ତ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ସାହୁ, ସଭ୍ୟା ବିଦ୍ୟୁତଲତା ନାୟକ ପ୍ରାକ୍ତନ ସରପଞ୍ଚ ପ୍ରଦୀପ ପଣ୍ଡା, ଶିଶିର ମିଶ୍ର, ମଧୁସୂଦନ ଜେନା, ପ୍ରଶାନ୍ତ ଜେନା, ଆଦିତ୍ୟ ଜେନା, ଭାଗିରଥି ଜେନା, ଜୀବନଜ୍ୟୋତି ପଲେଇ, ଭୀମସେନ ବାରିକ, ଲିଟୁ ମହାପାତ୍ର ଶରତ ମଲ୍ଲିକ, ଜୟପ୍ରକାଶ ମଲିକ, ପ୍ରଫୁଲ୍ଲ ଦାସ, ସରପଞ୍ଚ ପବିତ୍ରମୋହନ ଦାସ, ଧନଞ୍ଜୟ ଦାସ, ବିଷ୍ଣୁମୋହନ ଜେନା, ବିଷ୍ଣୁମୋହନ ପଲେଇ, ରତିକାନ୍ତ ମଲିକ, ଜଗବନ୍ଧୁ ବାରିକ, ନାରାୟଣ ପାତ୍ର, ଯଶୋବନ୍ତ ମଲିକ, ଦୀନବନ୍ଧୁ ବାରିକ, ଭୀମସେନ ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅନ୍ୟ ଦଳ ପରିତ୍ୟାଗ କରି କେତେକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

# ହତ୍ୟା ଉଦ୍ୟମ କରି ଟଙ୍କା ଲୁଟ୍, ୨ଗିରଫ



ଭୁବନେଶ୍ୱର, (ସବ୍ୟୁ) : ହତ୍ୟା ଉଦ୍ୟମ କରି ଟଙ୍କା ଲୁଟ କରିଥିବା ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ସହିଦନଗର ଥାନା ପୋଲିସ । ଆଚାର୍ଯ୍ୟ ବିହାର ଛକରେ ଅଭିଯୁକ୍ତମାନେ ନରେଶ ସ୍ୱାଇଁ ଓ ତାଙ୍କ ବାପାଙ୍କୁ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଥିଲେ । ଅଭିଯୋଗ ହେବାପରେ ପୋଲିସ ବୁଦ୍ଧିରାମ ସ୍ୱାଇଁ ଓରଫ ବୁଦ୍ଧିଆ (୫୪), ଗୁରୁ ନାୟକ ଓରଫ ମୁନା (୨୬) ନାମକ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୭ହଜାର ଟଙ୍କା, ୪ଟି ମୋବାଇଲ ଫୋନ, ନିଶା ଔଷଧ ପ୍ରଭୃତି ଜବତ କରିଛି । ରବିବାର ଦୁଇ ଅଭିଯୁକ୍ତଙ୍କୁ ଦଫା ୩୨୮, ୩୯୪, ୩୦୭/୩୪ ଆଇପିସିରେ କୋର୍ଟ ଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯାଇଥିଲା । ଦୁହିଁଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି । ବୁଦ୍ଧିଆ ନାଁରେ ଭୁବନେଶ୍ୱର ପୋଲିସରେ ୧୨ଟି ମାମଲା ପଞ୍ଜିକୃତ ରହିଛି । ସେହିପରି ମୁନା ନାମରେ ନୂଆପଲ୍ଲୀ ଥାନାରେ ମଧ୍ୟ ମାମଲା ରହିଛି । ବୁଦ୍ଧିଆ ଘର ଭଦ୍ରକ ଜିଲ୍ଲାରେ ହୋଇଥିଲାବେଳେ ସେ ଭୁବନେଶ୍ୱର ରେଳଷ୍ଟେସନ ପାଖରେ ରୁହେ । ମୁନା ଘର ଗଞ୍ଜାମ ଜିଲ୍ଲାରେ ହୋଇଥିବାବେଳେ ସେ ନୂଆପଲ୍ଲୀ ଥାନା ଅଞ୍ଚଳରେ ରହେ ବୋଲି ପୋଲିସ କହିଛି ।

## ପ୍ରାର୍ଥୀ ଘୋଷଣା ପରେ ୯ ପଞ୍ଚାୟତ ପରିକ୍ରମା କଲେ ବିଷ୍ଣୁବ୍ରତ

ତିହିଡି,(ସବ୍ୟୁ):ବାସୁଦେବପୁର ନିର୍ବାଚନମଣ୍ଡଳୀ ଲାଗି ୨ୟ ଥର ବିଜେଡିର ବିଧାୟକ ପ୍ରାର୍ଥୀ ଭାବେ ବିଷ୍ଣୁବ୍ରତ ରାଉତରାୟଙ୍କ ନାମ ପୁନର୍ବାର ଘୋଷଣା ପରେ ଶ୍ରୀ ରାଉତରାୟ ନିଜ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିହିଡି ବ୍ଲକର ୯ ପଞ୍ଚାୟତ ପରିକ୍ରମା କରିଛନ୍ତି । ଏହି ଅବସରରେ ଦଳୀୟ କର୍ମୀ ଓ ସମର୍ଥକ ମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଦଳ ପୁଣି ଥରେ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କୁ ଏଠାରେ ପ୍ରାର୍ଥୀ କରିଥିବାରୁ ଶ୍ରୀ ରାଉତରାୟ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଲୋକଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଶ୍ରୀ ରାଉତରାୟ ରବିବାର ଦିନ ନନ୍ଦପୁରସ୍ଥିତ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଦଳୀୟ କର୍ମୀମାନେ ଏକ ବାଇକ ଶୋଭାଯାତ୍ରାରେ ତାଙ୍କୁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୯ ପଞ୍ଚାୟତ ପରିକ୍ରମାରେ ପାଛୋଟି ନେଇଥିଲେ । ଶ୍ରୀ ରାଉତରାୟ ପ୍ରଥମେ ନିଜ ଗାଁ ମୁକୁନ୍ଦପୁର ଯାଇ ନିଜ ଜେଜେବାପା ସ୍ୱର୍ଗତ ନୀଳମଣି ରାଉତରାୟ ଓ ବାପା ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ସମାଧି ପୀଠରେ ମାଲ୍ୟାର୍ପଣ କରିଥିଲେ । ପରେ କାଳିମେଘା ଦଧିବାମନ ମନ୍ଦିର ଦର୍ଶନ କରିଥିଲେ । ସେଠାରୁ ତିହିଡି ପୁରୁଣାହାଟ ସଂଖ୍ୟାଲଘୁ ବସ୍ତି ଜମାଲସାହା ବାବାଙ୍କ ମାଝାର ପରିଦର୍ଶନ, ତିହିଡି ବଜାରରେ ଥିବା ଦୁଇ ତୁଙ୍ଗ ନେତା ସ୍ୱର୍ଗତ ବିଷ୍ଣୁ ସେଠୀ ଓ ସ୍ୱର୍ଗତ ବୈରାଗୀ ଜେନାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସେଠାରୁ ଶ୍ରୀ ରାଉତରାୟ ସୟା ବୁଢା ମହାଦେବ ମନ୍ଦିର, ବହାବଳପୁର ବାବା ଧବଳେଶ୍ୱର ମନ୍ଦିର, କମାରିଆ, କନାଟିଆ ଲକ୍ଷ୍ମୀ ନାରାୟଣ ମନ୍ଦିର, ମଙ୍ଗଳପୁର ମା' ମଙ୍ଗଳା ମନ୍ଦିର, ସିନ୍ଦୋଳ ନୂଆ ଲକ୍ଷ୍ମୀନାରାୟଣ ମନ୍ଦିର, ଇନ୍ଦିରା ପୀରବାବା ବସ୍ତି ପରିଦର୍ଶନ ପରେ ସିନ୍ଦୋଳ ପୁରୁଣା ଲକ୍ଷ୍ମୀନାରାୟଣ ପୀଠରେ ପହଞ୍ଚି ଲକ୍ଷ୍ମୀ ନାରାୟଣଙ୍କ ଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ରାଉତରାୟଙ୍କ ସହିତ ତାଙ୍କ ବଡଭାଇ ଦୁର୍ଗାଦତ୍ତ ରାଉତରାୟ, ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ବ୍ଲକ ବିଜେଡି ସଭାପତି ରଘୁନାଥ ପଣ୍ଡା, ବରିଷ୍ଠ ନେତା ସୁରେନ୍ଦ୍ର ନାୟକ, ହରିହର ସେନାପତି, ଜିଲ୍ଲା ବିଜେଡି ସଂପାଦକ କମଳାକାନ୍ତ ଲେଙ୍କା, ପ୍ରବୀର ନାୟକ, କୀର୍ତ୍ତନ ରାଉତ, ନିତ୍ୟାନନ୍ଦ ବେହେରା, ଗଣେଶ ନାୟକ, କୈଳାସ ରାଉଳ, ବୈକୁଣ୍ଠ ପାଣି, ପ୍ରଦୀପ ଦାସ, ଉମାକାନ୍ତ ସେଠୀ, ନରେନ୍ଦ୍ର ବାରିକ, ଭରତ ମହାପାତ୍ର, ସଂଗ୍ରାମ ଦାସ, ଅନିରୁଦ୍ଧ ବାରିକ, ବିଷ୍ଣୁ ଦାସ, ଉର୍ମିଳା ସେଠୀ, ମମତା କୁଣ୍ଡ ଓ ପଦ୍ମାବତୀ ସେଠୀ, ତିଳୋତ୍ତମା ସାହୁ, ବାସନ୍ତୀ ସାହୁ ଓ ପାର୍ବତୀ ସାହୁ ପ୍ରମୁଖ ବହୁ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# 'ସାହାଯ୍ୟ' ଗୋ-ସେବା ଆଶ୍ରମର ପ୍ରତିଷ୍ଠା ଦିବସ

କଟକ, (ସ୍ୱପ୍ର): ପବିତ୍ର ଦୋଳ ପୂର୍ଣ୍ଣମୀ ଅବସରରେ ସାର୍ତୋଳ ସ୍ଥିତ ସାହାଯ୍ୟ ଗୋ-ସେବା ଆଶ୍ରମର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଗୋ-ସେବା ଆଶ୍ରମର କର୍ମକର୍ତାଙ୍କ ବ୍ୟତୀତ ରାଜ୍ୟର ପ୍ରମୁଖ ଗୋଶାଳା ତଥା ଆଧ୍ୟାତ୍ମିକ ଗୁରୁ, ଗୋ-ସେବକ, ବିଭିନ୍ନ ପୂଜା କମିଟି ଏବଂ ସାହିର ମୁଖ୍ୟ, ସ୍ୱେଚ୍ଛାସ୍ୱେବୀ ସଂଗଠନର ୧୫୦୦ରୁ ଉର୍ଦ୍ଧ କର୍ମୀଙ୍କ ଜନସମାଗମ ହୋଇଥିଲା । ପ୍ରାରମ୍ଭରେ ସକାଳ ୮ ଘଟିକାରେ ଗୋପୂଜନ, ଶ୍ରୀ ରାଧାକୃଷ୍ଣଙ୍କ ପ୍ରାଣପ୍ରତିଷ୍ଠା ଓ ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଦିବା ୧୧ ଘଟିକା ସମୟରେ ମନ୍ତ୍ର ଉଚାରଣ ସହ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଶ୍ରୀଗୁରୁ ଆଶ୍ରମର ମୁଖ୍ୟ ସନ୍ଥ ଜ୍ଞାନନନ୍ଦ ସରସ୍ୱତୀ, ସମ୍ମାନୀୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଡାକ୍ତର କିଷନଲାଲ ଅଗ୍ରୱାଲ, ସାହାଯ୍ୟର ମୁଖ୍ୟ ଉପଦେଷ୍ଟା ଆଡ଼ଭୋକେଟ ରାମଚନ୍ଦ୍ର ରାୟ, ଅନୁଷ୍ଠାନର ମାର୍ଗଦର୍ଶକ ଦୀନେଶ ଗୁପ୍ତା, ସନ୍ଥ ତଥା ଗୋ-ପ୍ରବଚକ ଶ୍ରୀ କୃଷ୍ଣ ଦାସ, ଆଡ଼ଭୋକେଟ ପ୍ରଦୀପ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ ଉପଦେଷ୍ଟା ରବୀନ୍ଦ୍ରନାଥ ଓଝା । ଉକ୍ତ ସଭାରେ ବିଶିଷ୍ଟ ବ୍ୟକ୍ତି, ଗୋ-ସେବକ, ସାଧୁସନ୍ଥ, ଗଣମାଧ୍ୟମର ପ୍ରତିନିଧି, ସାମାଜିକକର୍ମୀ, ଆଇନଜୀବୀ, ପଶୁପ୍ରେମୀ ଓ ସାହି ମୁରବିମାନଙ୍କୁ ଉତରୀୟ ଏବଂ ଗୋମାତାଙ୍କ ପ୍ରତିମୂର୍ତୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସନ୍ଧ୍ୟାରେ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଷ୍ଠା ଉତ୍ସବରେ ମଧୁପଟଣା ଥାନାର ଥାନା ଅଧିକାରୀ ଚିତରନ ରାଉତ, ଆଡ଼ଭୋକେଟ ତଥା ରାଜ୍ୟ ଗୋସୁରକ୍ଷା ବାହନୀର ରାଜ୍ୟ ସଭାପତି ସୁରେଶ ପଣ୍ଡା, ବିଶିଷ୍ଟ ସମାଜସେବୀ ବିଶ୍ୱଜିତ ସୂର୍ଯ୍ୟବଂଶୀ, ସମାଜସେବୀ ବିଭୁତି ରାୟ, ଆଡ଼ଭୋକେଟ ଶଶିଭୂଷଣ ଜେନା, ହରିଶଙ୍କର ରାଉତ, କର୍ପୋରେଟର ମିନା ସାହୁ, ରାକେଶ ସ୍ୱାଇଁ ଦୀପକ କୁମାର ଦାସ, ମୁନୁ ପରମାଣିକ ପ୍ରମୁଖ ଉପସ୍ଥିତ ଥିବା ବେଳେ ସମ୍ପୂର୍ଣ୍ଣ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମଟିକୁ ସଂଗଠନର ପ୍ରତିଷ୍ଠାତା ତଥା ସଭାପତି ସୁଜିତ ଦାସ ପରିଚାଳନା କରିଥିଲେ ।

## ମଦ୍ୟପଙ୍କ ଯୋଗୁ ଜଳିଗଲା ବଖରା

ସିମୁଳିଆ,(ସବ୍ୟୁ) : ଘରୋଇ କଳିରୁ ମଦ୍ୟପଙ୍କ ଉନ୍ମୁକ୍ତ କାଣ୍ଡ । ଘରେ ନିଆଁ ଲଗାଇ ଦୁଇ ବଖରା ଘର ପୋଡି ଦେଇଛି । ସିମୁଳିଆ ପୋଲିସ ମଦ୍ୟପଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚାଲୁ ରଖିଛି । ସୁଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ମଇତାପୁର ପଞ୍ଚାୟତର ଖଳଦା ଗ୍ରାମର ଧରଣୀଧର ପଣ୍ଡା ଘରୋଇ କଳିରୁ ନିଶାସକ୍ତ ଅବସ୍ଥାରେ ନିଜ ଘରେ ନିଆଁ ଲଗାଇ ଦେଇଥିଲେ । ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ପୋଡି ଯିବା ସହ ଘରେ ଥିବା ସମସ୍ତ ଆସବାବ ପତ୍ର ପୋଡି ପାଉଁଶ ହୋଇଯାଇଛି । ଖବର ପାଇ ଭଦ୍ରକରୁ ଦୁଇଟି ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସିମୁଳିଆ ପୋଲିସ ଧରଣୀକୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ଜଣାଯାଇଛି ।

# ପୁରୀ ସଦର ବ୍ଲକ ୧୧ ଗୋଟି ପଞ୍ଚାୟତରେ ଶକ୍ତି ପ୍ରଦର୍ଶନ କଲେ ଉମାକାନ୍ତ

ପୁରୀ (ସବ୍ୟୁ): : ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ସଦର ବ୍ଲକ୍ ଅଧିନସ୍ଥ ୧୧ ଗୋଟି ପଞ୍ଚାୟତରେ ରବିବାର ଶକ୍ତି ପ୍ରଦର୍ଶନ କରିଛନ୍ତି ବ୍ରହ୍ମଗିରି ବିଧାୟକ ପ୍ରାର୍ଥି ତଥା ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ । ବିଜେଡ଼ି ସୁପ୍ରିମୋଙ୍କ ପ୍ରାର୍ଥୀ ଘୋଷଣା ପରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ପାଦ ଥାପିଥିଲେ ଉମାକାନ୍ତ ସାମନ୍ତରାୟ । ପ୍ରଥମେ ବ୍ରହ୍ମଗିରି ବ୍ଲକ୍ ପରେ ପରେ କୃଷ୍ଣ ବ୍ଲକ୍ ଏବଂ ଆଜି ପୁରୀ ସଦର ବ୍ଲକ୍ ର ୧୧ ଗୋଟି ପଞ୍ଚାୟତରେ କରିଛନ୍ତି ବିଶାଳ ବାଇକ୍ ରାଲୀ ସହ ଶକ୍ତି ପ୍ରଦର୍ଶନ । ପ୍ରଥମେ ଚନ୍ଦନପୁରର ବିରନରସିଂହପୁର ଗ୍ରାମର ଛକ ଠାରେ ପହଞ୍ଚିବା କ୍ଷଣି ସେଠାରେ ଉପସ୍ଥିତ ଥିବା ବିଜେଡ଼ି କର୍ମୀ ଓ ସଦର ବ୍ଲକ୍ ଅଧ୍ୟକ୍ଷ ତଥା ପୁରୀ ଜିଲ୍ଲା



ବିଜେଡ଼ି ସଭାପତି ଦିବାକର ପାତ୍ର,୧୧ ଗୋଟି ପଂଚାୟତ ର ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ପୁର୍ବତନ ଜିଲ୍ଲା ପରିଷଦ ସଦସ୍ୟଙ୍କ ସହ ଦଳ ଆଗ ଧାଡ଼ିର ତୁଙ୍ଗ ନେତାଙ୍କ ସହ କର୍ମୀ ମାନେ ଏକ ବିରାଟକାୟ ଫୁଲମାଳ ସହ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏହା ପରେ ଏକ ହଜାରରୁ ଉର୍ଦ୍ଧ୍ୱ ବିଜେଡ଼ି କର୍ମି ଏକ ବିଶାଳ ବାଇକ୍ ଶୋଭାଯାତ୍ରା କରି ବିରନରସିଂହପୁର ଗ୍ରାମ ପରିଦର୍ଶନ କରି ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପୁରୀ ସଦର ବ୍ଲକ୍ର ୧୧ ଗୋଟି ପଞ୍ଚାୟତ ପରିକ୍ରମା କରି ସିରୁଳି ମହାବୀର ମନ୍ଦିର ଠାରେ ପହଞ୍ଚି ମହାପ୍ରଭୁ ମହାବିରଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ । ସୁଚନା ମୁତାବକ ୨୦୨୪ ସାଧାରଣ ନିର୍ବାଚନ ପାଇଁ ପୁରୀ ସାଂସଦୀୟ କ୍ଷେତ୍ରରେ ରାଜ୍ୟ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି କ୍ରମେ ଉଭୟ ସତ୍ୟବାଦୀ ଓ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ନେତୃତ୍ୱରେ କରାଯାଇଛି ପରିବର୍ତ୍ତନ । ସତ୍ୟବାଦୀ ରୁ ସଞ୍ଜୟ ଦାସ ବର୍ମା ଓ ବ୍ରହ୍ମଗିରିରୁ ଉମାକାନ୍ତ ସାମନ୍ତରାୟଙ୍କୁ ବିଜେଡ଼ି ପକ୍ଷରୁ ଲଢ଼ିବା ପାଇଁ ଦିଆଯାଇଛି ଟିକେଟ । ବିଜେଡ଼ି ସୁପ୍ରିମୋଙ୍କ ନିର୍ଦ୍ଦେଶକୁ ମାନି ଉଭୟ ନେତା ଆରମ୍ଭ କରିଛନ୍ତି ସେମାନଙ୍କ ରଣନୀତି, ଏଥିସହ ଉଭୟ ନିର୍ବାଚନ ମଣ୍ଡଳୀରେ ଉଭୟ ନେତା ବିଜୁ ଜନତା ଦଳକୁ ବହୁମତ ଦେବାସହ ବିଜୟ ଲାଭ କରି ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ଦେଖିବା ପାଇଁ ହୋଇଛନ୍ତି ଆଶାବାଦୀ ।

# ଗଞ୍ଜେଇ, ଦୁଇ ଦେଶୀ ବନ୍ଧୁକ ଜବତ: ୪ ବେପାରୀ ଫେରାର



ବାଲିଗୁଡା, (ସବ୍ୟୁ): ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ ପରିଚାଳନା କରିବା ପାଇଁ କନ୍ଧମାଳ ଏସପିଙ୍କ ନିର୍ଦ୍ଦେଶ କ୍ରମେ ବାଲିଗୁଡା ପୁଲିସ ପକ୍ଷରୁ ପାଟ୍ରୋଲିଂ କୁ କଡାକଡି କରିବା ସହ ଅବକାରୀ ଚଢାଉ କୁ ମଧ ଜୋରଦାର କରାଯାଇଛି । ଏହି ଆଧାରରେ ବାଲିଗୁଡା ଥାନା ଅଧିକାରୀ ସୁଶାନ୍ତ ସାହୁଙ୍କ ସହ ଏକ ଟିମ ପାଟ୍ରୋଲିଂ କରୁଥିବା ସମୟରେ ଖବର ପାଇ ବାଲିଗୁଡା ଥାନା ଅନ୍ତର୍ଗତ ମୁସୁକୁଲି ଜଙ୍ଗଲ ରାସ୍ତା ପାର୍ଶ୍ୱରେ ଚାଲାଣ କରିବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ୧୫୦୪ କେଜି ଗଞ୍ଜେଇ ସହ ଦୁଇଟି ଦେଶିବନ୍ଧୁକକୁ ଜବତ କରିଛନ୍ତି । ପୋଲିସ ଚଢ଼ାଉ ଖବର ଜାଣି ସେଠାରୁ ୪ ଜଣ ଗଞ୍ଜେଇ ବ୍ୟବାସାୟୀ ଫେରାର ହୋଇଯାଇଥିଲେ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧କୋଟି ୫୦ ଲକ୍ଷ ଟଙ୍କାର ହେବ ବୋଲି ବାଲିଗୁଡା ଏସଡିପିଓ ରାହୁଲ ଗୋଏଲ ସୂଚନା ଦେଇଛନ୍ତି । ଏନେଇ ବାଲିଗୁଡା ପୋଲିସ କେଶ ନଂ.୮୪/୨୪ ପ୍ରକାରେ ଏକ ମକଦ୍ଦମା ରୁଜୁ କରି ଫେରାର ହୋଇଥିବା ଗଞ୍ଜେଇ ବ୍ୟବାସାୟୀ ଙ୍କୁ ଖୁବ ଶିଘ୍ର ଧରିବା ପାଇଁ ଯୋଜନା କରୁଥିବା ଜଣାପଡିଛି ।

# ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ବାର୍ଷିକ ସାଧାରଣ ଅଧିବେଶନ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁରର ସହୀଦ କାମୁନିଟି ହଲ ଠାରେ ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଗଂଜାମ ଜିଲ୍ଲା ଶାଖାର ୩ୟ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଅଧିବେଶନ ଆରମ୍ଭରୁ ଉପସ୍ଥିତ ସମସ୍ତ ସଭ୍ୟ ସହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତିରେ ପୁଷ୍ପଗୁଚ୍ଛ ଦେଇଥିଲେ । ସଭାରେ ଗଂଜାମ ଜିଲ୍ଲାର ସଭାପତି ଡି. ମୋହନ ରାଓ ସଭାପତିତ୍ୱ କରି ସମ୍ୟକ ସୂଚନା ଦେଇଥିଲେ ।

ସମ୍ପାଦକୀୟ ବିବରଣୀ ସହ ସମ୍ପାଦକ ନୀଳାଞ୍ଚଳ ମିଶ୍ର ଉପସ୍ଥାପନ କରିଥିଲେ । ଆୟ ବ୍ୟୟର ହିସାବ କୋଷାଧକ୍ଷ ନିରାକାର ସାବତ ଉପସ୍ଥାପନ କରିଥିଲେ । ଓଡିଶା ରାଜ୍ୟ ଅବସରପ୍ରାପ୍ତ ମହାସଂଘର ମହାସଚିବ ଗୋକୁଳି ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡା. ଶଙ୍କର୍ଷଣ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ବୟସର ଅପରାହ୍ନରେ ବି ପେନସନର ଭଉଣୀ ଓ ଭାଇମାନେ ନ୍ୟାର୍ଯ୍ୟ ଦାବୀ ପୂରଣ ପାଇଁ ଅହରହ ସଂଗ୍ରାମ ଚଳାଇଥିବା ଯୋଗୁଁ ମୋତେ ମଧ ପ୍ରଭାବିତ କରିଛି । ସାମାଜିକ



ଚେତନା ପାଇଁ ଚକ୍ଷୁଦାନ ଓ ପ୍ଲାଷ୍ଟିକ ବର୍ଜନ ପାଇଁ ହୋଇଥିବା ବେଗ ଓ ସବୁଜିମା ସୃଷ୍ଟି କରି ଜଳବାୟୁକୁ ସନ୍ତୁଳିତ ରଖିବା ପାଇଁ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ବୃକ୍ଷଉପହାର ଦେଇ ଉଦାହରଣ ସୃଷ୍ଟି କରିଛନ୍ତି । ସ୍ୱାସ୍ଥ୍ୟ ସୁରକ୍ଷାପାଇଁ କିଛି ଉପଦେଶ ଦେଇଥିଲେ । ମୁଖ୍ୟବକ୍ତା ରାଜ୍ୟ ସଂଗଠନର ସାଧାରଣ ସମ୍ପାଦକ ଗୋକୁଳି ଚନ୍ଦ୍ର ବେହେରା ରାଜ୍ୟ ସରକାର ଓ କେନ୍ଦ୍ର ସରକାରର ପେନସନର ମାନଙ୍କ ନ୍ୟାଯ୍ୟ ଦାବି ନୂଆ ପେନ୍ସନକୁ ବାତିଲ କରି ପୁରୁଣା ପେନସନ ଲାଗୁକରିବା, କରୋନା ସମୟର ୧୮ ମାସର ମହଙ୍ଗଭତ୍ତା ଦେବା ଓ ରେଳ ଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ଦିଆଯାଉଥିବା ୪୦ ଶତକଡ଼ା ରିହାତିକୁ ପୁନଃ ପ୍ରଚଳନ କରିବା ନେଇ କେନ୍ଦ୍ର ସରକାରଙ୍କ ଅବହେଳା ଓ ବହୁ ପ୍ରତିବାଦ ସତ୍ୱେ ରାଜ୍ୟସରକାର ପେନସନର ମାନଙ୍କୁ ଚିକିତ୍ସା ଭତ୍ତା ଓ ଚିକିତ୍ସା ବୀମା ଯୋଗାଇବାରେ ଅବହେଳା କରି ଆସୁଛନ୍ତି । ସେ ସମସ୍ତ ଉପସ୍ଥିତ ସଭ୍ୟଙ୍କୁ ଆହ୍ୱାନ ଦେଇଥିଲେ ଯେ ଏହି ନିର୍ବାଚନରେ ନିଃଶ୍ଚୟ ଭାବେ ଉଚିତ ଶିକ୍ଷାଦେବାକୁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । କରତାଳି ଦେଇ ସମସ୍ତ ବନ୍ଧୁ ସମ୍ମତି ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ୩୫୦ ଜଣ ସଭ୍ୟ ଯୋଗ ଦେଇଥିଲେ ।

ସଂଗଠନର ସମସ୍ତ ୮୦ ବର୍ଷରୁ ଅଧିକ ବୟୋଜ୍ୟେଷ୍ଠ ସଭ୍ୟ ସର୍ବଶ୍ରୀକୁଞ୍ଜ ବିହାରୀ ପାଢି, ରାମଶଙ୍କର, ଶଙ୍କର ନାରାୟଣ ସରାଫ, ପଦ୍ମ ଚରଣ ଚୌଧୁରୀ, ଡି.ନରସିଂହ ପାତ୍ର, ଦୀନବନ୍ଧୁ ପାତ୍ର, ଅନ୍ତର୍ଯ୍ୟାମୀ ମହାରଣାଙ୍କୁ ମହାସଚିବ ଉତ୍ତରୀୟ ଓ ଚାରା ଦେଇ ସମ୍ମାନିତ କରିଥିଲେ । ସଂଗଠନର ଲଢୁଆ ସଂଗଠକ ସଭ୍ୟ ଡି. ଗୁରୁମୂର୍ତୀ ପାତ୍ରଙ୍କୁ ମଧ ସମ୍ମାନିତ କରାଯାଇଥିଲା । କନ୍ଧମାଳ ଜିଲ୍ଲାରୁ ମହମ୍ମଦ ସୁକୁର, ଗଜପତିଜିଲ୍ଲାରୁ ଅଶ୍ୱିନୀ କୁମାର ପାଢୀ, ନବୀନ ଚନ୍ଦ୍ର ଜେନା, ରମ୍ଭାରୁ ବାନାମ୍ବର ପୋଲାଇ, ବି ଧର୍ମ ରାଓ, ଉପସଭାପତି ଚିକିଟି, ପଞ୍ଚାନନ ଜେନା ବିଜୁଳି କର୍ମଚାରୀ ସଂଗଠନର ଉପଦେଷ୍ଟା ପଞ୍ଚାନନ ଜେନା ପ୍ରମୁଖ ସହଯୋଗ କରିଥିଲେ । ସଂଗଠନର ପୂର୍ବତନ ସଭାପତି କେ.ନନ୍ଦେଷୁ ସେନାପତି ଧନ୍ୟବାଦ ଦେଇଥିଲେ ।

# ରୋଜଗାର ଆଶାରେ ଘରୁ ପାଦ କାଢ଼ିଥିବା ଯୁବକ ଶବ ହୋଇ ଫେରିଲା

ବାରିପଦା, (ସବ୍ୟୁ) : ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ଆର୍ଥିକ ରୋଜଗାର ଅନ୍ୱେସନରେ ଚଳିତ ମାସ ୨୦ତାରିଖ ବୁଧବାର ରାଜଧାନୀ ଯାଇଥିବା ଅବିଭାବକଙ୍କ ଏକମାତ୍ର ପୁତ୍ର ୨୯ରାତିରେ ଶବ ହୋଇ ଘରକୁ ଫେରିଛି । ମିଳିଥିବା ସୂଚନା ଅନୁଯାୟୀ ବାରିପଦା ସଦର ଥାନା ଅଧିନ ଶମାଖୁଣ୍ଟା ବ୍ଲକ ବାଉଁଶ ବିଲ୍ଲା ପଞ୍ଚାୟତ ନୁରୁଡ଼ି ଗ୍ରାମର ବୋକା ସିଂଙ୍କ ଏକମାତ୍ର ପୁଅ ଜଗର ସିଂ(୩୧) ଚଳିତ ମାସ ୨୦ତାରିଖ ବୁଧବାର ନିଜ ସମ୍ପର୍କୀୟ ତଥାକଥିତ ଶ୍ରମିକ ଯୋଗାଣକାରୀ କାର୍ତ୍ତିକ ସିଂ(୪୨)ଙ୍କ କଥାରେ ରାଜଧାନୀ ଭୁବନେଶ୍ୱର ଠାରେ ଗୃହ କାର୍ଯ୍ୟ କରୁଥିବା ମନରଞ୍ଜନ ଅଧୀନରେ କାମ କରିବାକୁ ଯାଇଥିଲେ ।

ତେବେ ସେଠାରେ ଦୈନିକ ଉଚିତ ପାରିଶ୍ରମିକ ନ ମିଳିବାରୁ ହେଅ କିମ୍ବା ଅନ୍ୟକୌଣସି କାରଣରୁ ଜଗର ନିଜ ଗ୍ରାମକୁ ଫେରିବା ପାଇଁ ୨୩ତାରିଖ ଶନିବାର ସକାଳ ସମୟରେ ବସରେ ବସିଥିଲେ ବୋଲି କାର୍ତିକ ପରିବାର ବର୍ଗଙ୍କୁ ଜଣାଇଥିଲେ । ସେହିଦିନ ରାତି ସମୟରେ ସମ୍ପର୍କୀୟ ଭାଇ ମକରା ସିଂଙ୍କ ପାଖକୁ ମୋବାଇଲ ଯୋଗେ ଖବର ଆସିଥିଲା ଯେ, ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନା ଅଧିନ ପଟାରା ଗ୍ରାମର ବାବୁପାତ୍ର ଘରେ ୪ଜଣ ଚୋର ପଶିଥିବା ଅଭିଯୋଗ ଉଠାଇଥିଲେ ଗ୍ରାମବାସି । ସେମାନଙ୍କ ମଧ୍ୟରୁ ୩ଜଣ ସେଠାରୁ ଫେରାର ହେବାକୁ ସକ୍ଷମ ହୋଇଥିବା ବେଳେ ଜଗର ସିଂ ଗ୍ରାମବାସୀଙ୍କ ହାତରେ ଧରାପଡିଥିଲେ । ଗ୍ରାମବାସୀ ଜଗରକୁ ଅମାନୁଷିକ ଭାବେ ପିଟାମରା କରିଥିଲେ ବୋଲି ଖବର ମିଳିଥିଲା । ଏହାର କିଛି ସମୟ ପରେ ଖନ୍ତାପଡା ଥାନା ପୋଲିସ ଖବର ପାଇ ସେଠାରେ ପହଞ୍ଚି ମୁର୍ମୁସ ଅବସ୍ଥାରେ ଜଗରକୁ ଉଦ୍ଧାର କରିଥିଲେ । ଏହାପରେ ପୋଲିସ ଜଗର ପରିବାର ଲୋକଙ୍କୁ ଅଘଟଣ ବିଷୟରେ ଜଣାଇ ଥାନାକୁ ଆସିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଖବର ପାଇ ଜଗର ସିଂର ପିତା ଓ ଭିଣେଇ ଲଛମନ ସିଂ ୨୪ତାରିଖ ପୋଲିସ ସହ ଯୋଗଯୋଗ କରି ଫଖୀର ମୋହନ ମେଡିକାଲ କଲେଜରେ ପହଞ୍ଚି ଥିଲେ । ସେଠାରେ ଜଗରକୁ ଅଚେତ୍ ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରିବାର ଦେଖିବାକୁ ପାଇଥିଲେ । ପରେ ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଜଗରକୁ କଟକ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରିଥିଲେ । ନିଜର ନିର୍ଦ୍ଦେଶ ଓ ସ୍ୱଳ୍ପ ମାନସିକ ବିକୃତ ପୁଅ ଉପରେ ମରଣାନ୍ତକ ଆକ୍ରମଣ ସମ୍ପର୍କରେ ଓ ନ୍ୟାୟ ପାଇବା ପାଇଁ ବୋକା ସିଂ ଖନ୍ତାପୋଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଗ୍ରହଣ କରି ପୋଲିସ ବାବୁ ପାତ୍ର ଏବଂ ଅନ୍ୟ ଅଜଣା ବ୍ୟକ୍ତିଙ୍କ ନାମରେ ୬୩/୨୪ରେ ଏକମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ ।

ତେବେ ମୁର୍ମୁସ ଅବସ୍ଥାରେ ୨୪ତାରିଖରୁ କଟକ ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଗର ୨୯ତାରିଖ ସକାଳ ସମୟରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା ବୋଲି ଡ଼ାକ୍ତର ଘୋଷଣା କରିଥିଲେ । ମୃତ ଶରୀର ଘରେ ପହଁଚିଲା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା । ଖନ୍ତାପୋଡା ପୋଲିସ ବାବୁ ପାତ୍ର ସମେତ ୬ଜଣଙ୍କୁ ଗିରଫ କରି ୩୦୨/୩୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ରବିବାର କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଜାରି ରଖିଛନ୍ତି ।

# ପ୍ରାର୍ଥିତ୍ୱ ଘୋଷଣା ପରେ ବିଜେଡିର ସାଙ୍ଗଠନିକ ବୈଠକ

ବୁଗୁଡା, (ସବ୍ୟୁ): ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟ ତଥା ମେ ୨୦ ତାରିଖରେ ଆସ୍କା ଲୋକସଭା ସଂସଦୀୟ କ୍ଷେତ୍ର ଏବଂ ଏହା ଅଧିନସ୍ଥ ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକରେ ମତଦାନ ହେବାକୁ ଯାଉଥିବା ବେଳେ ପୋଲସରା ର୍ନିବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଭାବେ ଶ୍ରୀକାନ୍ତ ସାହୁଙ୍କ ନାମ ପ୍ରଥମ ପର୍ଯ୍ୟାୟରେ ବିଜେଡି ସୁପ୍ରିମୋଙ୍କ ଦ୍ୱାରା ଘୋଷଣା ହେବା ପରେ କର୍ମୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି । ଏଥର ବିଜୟ ହୋଇ ହ୍ୟାଟ୍ରିକ୍ ମାରିବା ଲକ୍ଷ୍ୟରେ ଥିବା ଶ୍ରୀକାନ୍ତ ସାହୁଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆଜି ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣୀ ମଣ୍ଡପ ପରିସରରେ ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ପୌରହିତ୍ୟରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକ ଅବସରରେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଦଳୀୟ ସଂଗଠନକୁ ପୂର୍ବାପେକ୍ଷା ଆହୁରି ଅଧିକ ମଜଭୁତ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଏନଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧକ୍ଷା ଗିତାଞ୍ଜିଳୀ ପାଢୀ, ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରା, ସୁଧାଂଶୁ ଶେଖର ପାଢୀ, କେ. ନୀଳମାଧବ ଆଚାରୀ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଏବଂ କର୍ମୀ ଯୋଗ ଦେଇଥିଲେ ।

# ବିଧାୟକ ଟିକେଟ ନିଶ୍ଚିତ ପରେ ସିଦ୍ଧ ବିନାୟକଙ୍କ ପୀଠରୁ ଆଶୀର୍ବାଦ ନେଲେ ବିକ୍ରମ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ବିଧାୟକ ପ୍ରାର୍ଥୀ ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଙ୍କ ନାମ ଘୋଷଣା କରିଛନ୍ତି । ଏହି ପ୍ରରିପେକ୍ଷୀରେ ଆଜି ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡା ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଞ୍ଚମା ଗ୍ରାମରେ ଅବସ୍ଥିତ ଶ୍ରୀ ସିଦ୍ଧ ବିନାୟକଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରି ଏକ ପ୍ରକାର ପ୍ରଚାର ଆରମ୍ଭ କରି ଦେଇଥିଲେ। ପ୍ରଥମେ ରଣ୍ଢା ଗ୍ରାମ ବଜାରରେ ବିଜେଡି ଯୁବ କର୍ମୀ ମାନେ ବିଧାୟକ ପ୍ରାର୍ଥୀଙ୍କୁ ବାଣ, ବାଜା ସହ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ସେଇଠୁ ସିଦ୍ଧ



ବିନାୟକଙ୍କ ଦର୍ଶନ କରିଥିଲେ ।

ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡା ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ, ରଣ୍ଢା ପଞ୍ଚାୟତ ବାସି ଙ୍କ ସ୍ନେହ ଓ ଭଲ ପାଇବା ମୁଁ କେବେ ବି ଭୁଲି ପାରିବି ନାହିଁ ଏବଂ ମୁଁ ଗୋପାଳପୁର ନିର୍ବାଚନ ମଣ୍ଡଳୀବାସିଙ୍କ ସେବକ ଭାବେ ମୁଁ ମୁଖ୍ୟମନ୍ତ୍ରୀ ନିକଟରେ ଚିର ଋଣୀ। ଏହି ଶୁଭ ଅବସରରେ ବ୍ଲକ ବିଜେଡି ସଭାପତି ଅଜିତ କୁମାର ଦାସ, ଜିଲ୍ଲା ପରିଷଦ ଉପାଧାକ୍ଷା ରାଜେଶ୍ୱରୀ ଦୋରା, ୫୪ନମ୍ବର ଜିଲ୍ଲା ପରିଷଦ ଦୀପକ ସାମନ୍ତ, ସମାଜସେବୀ ରାମହରି ପାତ୍ର, ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ଶ୍ରୀଓମ ପ୍ରକାଶ ଜିନ୍ଦଲଙ୍କ ପୂଣ୍ୟତିଥି ପାଳିତ
# ୫ ରକ୍ତଦାନ ଶିବିର, ୭୦୩ ୟୁନିଟ ସଂଗୃହୀତ

ଅନୁଗୁଳ, (ସବ୍ୟୁ): ଓପି ଜିନ୍ଦଲ ଗ୍ରୁପ୍ ର ପ୍ରାଣ ପ୍ରତିଷ୍ଠାତା ଶ୍ରୀ ଓପି ଜିନ୍ଦଲ(ବାଉଜି)ଙ୍କ ୧୯ତମ ପୁଣ୍ୟତିଥି ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ଅନୁଗୁଳପକ୍ଷରୁ ମାର୍ଚ୍ଚ ୩୦, ୨୦୨୪ ରେ ଏକାଧିକ ରକ୍ତଦାନ ଶିବିର ଆୟୋଜନ କରାଯାଇ ଅନ୍ୟର ଜୀବନ ବଞ୍ଚାଇବା ଭଳି ମହତ୍ କାର୍ଯ୍ୟର ଆୟୋଜନ କରାଯାଇଥିଲା। ଏହି ଅବସରରେ ସମାଜ ତଥା ଷ୍ଟିଲ ଉଦ୍ୟୋଗ ପ୍ରତି ବାଉଜୀଙ୍କ ସମର୍ପିତ ପ୍ରୟାସକୁ ମନେପକାଇ ତାଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଏହି ରକ୍ତଦାନ ଶିବିର ରେ ମୋଟ ୭୦୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ଶ୍ରୀ ପଙ୍କଜ ମଲ୍ହନ୍‌ଙ୍କ ନେତୃତ୍ୱରେ ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ ଏବଂ ସ୍ଥାନୀୟ ଗ୍ରାମବାସୀମାନେ ଗଭୀର ଶ୍ରଦ୍ଧା ସୁମନ ଅର୍ପଣ କରିବା ସାଙ୍ଗକୁ ଏହି ମହାନ ଆତ୍ମାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟାବଳୀର ସ୍ମରଣ କରିଥିଲେ ।

ଏହି ଅବସରରେ ଜେଏସପି ଅଧକ୍ଷ ନବୀନ ଜିନ୍ଦଲ ଏକ ସୋସିଆଲ ମିଡିଆ ବାର୍ତ୍ତାରେ ତାଙ୍କ ପିତା ଓପି ଜିନ୍ଦଲଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ




କରି କହିଥିଲେ ଯେ ତାଙ୍କ ପିତାଙ୍କ ଜୀବନ ଯାତ୍ରା ତାଙ୍କ ପାଇଁ ଏକ ପୁସ୍ତକ ଯାହାକୁ ସେ ପ୍ରତିଦିନ ପଢିବାକୁ ପସନ୍ଦ କରନ୍ତି ଏବଂ ସେଥିରୁ ସେ ଶିକ୍ଷା ଲାଭ କରିଥାନ୍ତି। ଏହି ଅବସରରେ ପଙ୍କଜ ମାଲହାନ କହିଛନ୍ତି, ଜେଏସପିର ପ୍ରତିଷ୍ଠାତା ଓପି ଜିନ୍ଦଲ ଜିଙ୍କ ମାର୍ଗ ଦର୍ଶନ ଆମକୁ ସର୍ବଦା ସମାଜ ସେବା କରିବା ନିମନ୍ତେ ପ୍ରେରଣା ପ୍ରଦାନ କରିଥାଏ । ଏକ ରାଷ୍ଟ୍ର ନିର୍ମାଣ ତଥା ସମାଜର ଉନ୍ନତି ପାଇଁ ଆମେ ନିରନ୍ତର ଅନୁପ୍ରାଣିତ ଅଟୁ। ଏହିପରି ଏକ ବୃହତ ରକ୍ତଦାନ ଶିବିର ଆୟୋଜନ କରି ଆମେ ଆମ ସାମାଜିକ ଦାୟିତ୍ୱବୋଧ ପ୍ରତି ଥିବା ଦୃଢ଼ ପ୍ରତିବଦ୍ଧତା କୁ ରେଖାଙ୍କିତ କରି ପାରିଛୁ। ଶିବିରର ସଫଳତା ପାଇଁ ମୁଁ ଜେଏସପି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଧନ୍ୟବାଦ ଜ୍ଞାପନ କରୁଅଛି।

ଏହି ମେଗା ରକ୍ତ ଦାନ ଶିବିରରେ ରକ୍ତ ଦାନ କରି ସ୍ୱେଚ୍ଛାସେବୀମାନଙ୍କୁ ପ୍ରେରଣା ଦେବା ପାଇଁ ଶ୍ରୀ ଦାମୋଦର ମିତ୍ତଲ ଏକ ଉଦାହରଣ ସୃଷ୍ଟି କରିଥିଲେ। ଏହି ଅବସରରେ ଜେଏସପି ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ଜରଶ୍ରମ, ଗୋଶାଳା, ମାନବ ସେବାଶ୍ରମ ଏବଂ ବିଭିନ୍ନ ଭିନ୍ନକ୍ଷମ ଶିଶୁ ଆଶ୍ରୟ ସ୍ଥଳରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା।

ଜିନ୍ଦଲ ମହିଳା ସମିତି ପକ୍ଷରୁ ଅନିତା ମିତ୍ତଲଙ୍କ ସହ ଅନ୍ୟ ସମିତି ସଦସ୍ୟା ଓ କମ୍ପାନୀର ବିଭିନ୍ନ ଅଧିକାରୀ ଏହି ସବୁ କାର୍ଯ୍ୟରେ ସାମିଲ ହୋଇ ବାଉଜିଙ୍କ ପ୍ରତି ନିଜରଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେଜେଏସପି ଫାଉଣ୍ଡେସନ ଏବଂ ରେଡକ୍ରସ ବ୍ଲଡ଼ ବ୍ୟାଙ୍କ, ଅନୁଗୋଳ, ଆଠମଲ୍ଲିକ, ତାଳଚେରଓ ବୁର୍ଲାର ସହଯୋଗ କ୍ରମେ ପାଞ୍ଚଟି ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରଯାଇଥିଲା । ଏହି ରକ୍ତ ଦାନ ଶିବିରରେ ବିପୁଳ ମାତ୍ରାରେ କର୍ମଚାରୀ, ବ୍ୟବସାୟ ସହଯୋଗୀ, ପରିବାର ସଦସ୍ୟ ଏବଂ ପାର୍ଶ୍ୱବର୍ତୀ ଗ୍ରାମବାସୀ ମାନେରକ୍ତ ଦାନ କରି ବାଉଜୀଙ୍କ ପ୍ରତି ସେମାନଙ୍କର ଭକ୍ତି ସୁମନ ଅର୍ପଣ କରିଥିଲେ ।

# କୋଇଲା ଉତ୍ତୋଳନ ବିସ୍ଫୋରଣ
# ବନ୍ଦ କରିବା ନେଇ ଗ୍ରାମ ସ୍ଥାନାନ୍ତର ନିମନ୍ତେ ଦାବିପତ୍ର

ତାଳଚେର, (ସବ୍ୟୁ): ତାଳଚେର ବ୍ଲକ ମଦନମୋହନପୁର ଗ୍ରାମକୁ ସ୍ଥାନାନ୍ତର କରିବା ଏବଂ କୋଇଲା ଉତୋଳନ ପାଇଁ ଖଣି ମଧରେ ହେଉଥିବା ବିସ୍ଫୋରଣ ବନ୍ଦ କରିବା ନେଇ ଗ୍ରାମ୍ୟ କମିଟି ପକ୍ଷରୁ ଖଣି ମହାପ୍ରବନ୍ଧକଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ଦାବୀପତ୍ରରେ ଉଲ୍ଲେଖ କରାଯାଇଅଛି ଯେ, ଗ୍ରାମର ଅତି ନିକଟରେ ଲିଙ୍ଗରାଜ ଏବଂ ଜଗନ୍ନାଥ ଖୋଲା କୋଇଲା ଖଣି ଅବସ୍ଥିତ । ଉଭୟ କୋଇଲାଖଣିରେ କୋଇଲା ଉତୋଳନ ପାଇଁ ଦୈନନ୍ଦିନ ଖଣି ମଧରେ ବିସ୍ଫୋରକ ସାଗ୍ରମୀ ଦ୍ୱାରା ବିସ୍ଫୋରଣ ହେଉଅଛି ।

ଏହି ବିସ୍ଫୋରଣ ଏତେ ଯୋରରେ ହେଉଅଛି ଯେ, ଘରର କାନ୍ଥ ଏବଂ ଅନ୍ୟାନ୍ୟ ସାମଗ୍ରୀ ଥରି ଉଠି ଭୂମିକମ୍ପ ଭଳି ଲାଗୁଛି । ଯାହା ଫଳରେ ଘର ଭିତରୁ ଗ୍ରାମବାସୀମାନେ, ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରୁ ଛାତ୍ରଛାତ୍ରୀ ଭୟରେ ବାହାରକୁ ଦୌଡି ପଳାଇବା ସହିତ ଆସବାବ ପତ୍ର ଥରି ଉଠି ତଳକୁ ଖସି ପଡୁଛି । ଘରର କାନ୍ଥରେ ଫାଟ ସୃଷ୍ଟି ହୋଇ ବିପଦମାନ ଅବସ୍ଥାରେ ରହିଛି । କେତେବେଳେ ନା କେତେବେଳେ ଧନଜୀବନ ନଷ୍ଟ ନହେବ ତାହା କହି ହେବ ନାହିଁ । ଏହାକୁ ଜରୁରୀ ମନେ କରି ଗ୍ରାମକୁ ସ୍ଥାନାନ୍ତର ନହେବା ପର୍ଯ୍ୟନ୍ତ ବିସ୍ଫୋରଣ ବନ୍ଦ କରିବା ପାଇଁ ଗ୍ରାମ୍ୟ କମିଟି ପକ୍ଷରୁ ଲିଙ୍ଗରାଜ କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ଏବଂ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକଙ୍କୁ ଲିଖିତ ଭାବେ ଅନୁରୋଧ କରାଯାଇଛି । ଯଦି ଏହାକୁ ବନ୍ଦ କରାନଯାଏ ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଉଲ୍ଲେଖ କରାଯାଇଛି । ଏହି ଦାବୀପତ୍ର ପ୍ରଦାନ ବେଳେ ଗ୍ରାମ୍ୟ କମିଟିର ସଭାପତି ଚୈତନ୍ୟ ପ୍ରଧାନଙ୍କ ସମେତ କର୍ମକର୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# କୋଇଲା ଖଣି ଦୁର୍ଘଟଣାରେ ଦୁଇ ଠିକା ଶ୍ରମିକ ମୃତ

ତାଳଚେର, (ସବ୍ୟୁ): ତାଳଚେର ବ୍ଲକ ଅନ୍ତର୍ଗତ ଜଗନ୍ନାଥ ଅଧିନସ୍ଥ ଭୂବନେଶ୍ୱରୀ କୋଇଲା ଖଣିରେ ଦୁର୍ଘଟଣା ଘଟି ଦୁଇ ଠିକାକର୍ମଚାରୀ ମୃତ୍ୟୁ ହୋଇଥିବା ଘଟଣା ସେହି ଅଂଚଳରେ ଶୋକରଛାୟା ଖେଳାଇ ଦେଇଛି ।

ଗୋଡ଼ିବନ୍ଧ ବେଲପଡ଼ା ଗ୍ରାମର ଗଗନ ଦଣ୍ଡଧାରୀ (୪୨) ଓ ମାଣିକମରା ଅଂଚଳର ପ୍ରଶାନ୍ତ କୁମାର ପରିଡ଼ା (୪୩) କୋଇଲା ଖଣିର ବିପିଏଲ ନାମକ ଘରୋଇ କମ୍ପାନୀରେ ଠିକାକର୍ମଚାରୀ ଭାବେ କାର୍ଯ୍ୟ କରିଥାନ୍ତି । ଗତକାଲି ବିଳମ୍ବିତ ରାତ୍ରୀରେ ସେମାନେ ଡ୍ୟୁଟି କରିବାକୁ ଯାଉଥିବା ବେଳେ ଏକ ଦ୍ରୁତଗାମୀ କୋଇଲା ବୋଝେଇ ଟ୍ରକ ନଂ- ଓଡ଼ି ୩୫ଏଫ୍-୬୫୨୮ଖଣି ରାସ୍ତାରେ ତାଙ୍କୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଆଉ ଜଣଙ୍କୁ ଗୁରତର ଅବସ୍ଥାରେ ମେଡ଼ିକାଲ ନେବା ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

ତେବେ ଏହାକୁ ନେଇ ସେହି ଅଂଚଳରେ ଦୁଃଖର ଛାୟା ଖେଳିଯିବା ସହ ଲକ୍ଷଲକ୍ଷ ଟଙ୍କା ବିନିମୟରେ ବଡ଼ବଡ଼ ପୋଷ୍ଟର୍ ବ୍ୟାନର୍ ଲଗାଯାଇ ଲୋକଙ୍କୁ ଦୁର୍ଘଟଣା ଉପରେ ସଚେତନ କରାଯାଉଥିଲେ ମଧ ଏପରି ଘଟଣା କିପରି ଘଟୁଛି ଓ ଏଥିପାଇଁ ଦାୟୀ କିଏ ଏହା ତଦନ୍ତ ପରିସର ଭୂକ୍ତ ବୋଲି କାର୍ଯ୍ୟରତ ଠିକା କର୍ମଚାରୀମାନେ ଦାବି କରିଛନ୍ତି । ଏହି ଦୁର୍ଘଟଣାରେ ଶୀକାର ହୋଇଥିବା ମୃତ ପରିବାର ପକ୍ଷରୁ କ୍ଷତିପୂରଣ ଦାବି କରି ଆନ୍ଦୋଳନ ଚଳାଇଥିବା କୁହାଯାଉଛି । ଘଟଣା ସ୍ଥଳରେ ପୋଲିସ୍ ପଂହଚି ଶବକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ତାଳଚେର ସରକାରୀ ମଣ୍ଡାପାଳ ଡ଼ାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି ।

# ବିବାହ ଭୋଜି ଖାଇ ଦୁଇ ମୃତ, ୮ ଅସୁସ୍ଥ

ତାଳଚେର, (ସବ୍ୟୁ) : ତାଳଚେର ଟାଉନ ଥାନା ଅନ୍ତର୍ଗତ ବାଘୁଆବୋଲ ଗ୍ରାମରେ ଗତକାଲି ବିବାହ ଭୋଜି ଖାଇ ଜଣେ ବୃଦ୍ଧା ଏବଂ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ସହ ୮ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଘଟଣା ତାଳଚେର ଅଂଚଳରେ ମୁଖ୍ୟ ପ୍ରସଙ୍ଗ ହେବା ସହିତ ସେହି ଅଂଚଳରେ ଦୁଃଖରଛାୟା ଖେଳାଇ ଦେଇଛି। ଘଟଣାରୁ ପ୍ରକାଶ, ଗତକାଲି ଏକ ବିବାହ ଉତ୍ସବର ଭୋଜି ଖାଇ ବାଘୁଆବୋଲ ଗ୍ରାମର ସିଦ୍ଧେଶ୍ୱର ସାହୁ (୭୫) ସେହି ଅଂଚଳର ସୁଜାତା ସାହୁ (୪୮) ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକ ତାଙ୍କୁ ତୁରନ୍ତ ତାଳଚେର ମଣ୍ଡାପାଳ ଡ଼ାକ୍ତରଖାନାକୁ ନେଇଥିଲେ ଓ ଡ଼ାକ୍ତର ତାଙ୍କୁ ସେଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ମାତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ଅବସ୍ଥାରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ସ୍ଥାନୀୟ ନେହୁରୁଶତାବ୍ଦୀ ଚିକିତ୍ସାଳୟକୁ ଯୋଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିବା କୁହାଯାଉଛି। ଏହି ବିହାବ ଭୋଜି ଖାଇ ସେହିପରି ୮ଜଣ ଗୁରୁତର ଅସୁସ୍ଥ ହୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା କୁହାଯାଉଛି। ତେବେ ତାଳଚେର ଅଂଚଳରେ ଏଭଳି ଘଟଣା ପ୍ରଥମ ଥର ପାଇଁ ଘଟିଥିବା ବେଳେ ଲୋକଙ୍କ ମନରେ ଏହାକୁ ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ତେବେ ନିମ୍ନ ମାନର ଖାଦ୍ୟ କିମ୍ବା କେମିକାଲ ଯୁକ୍ତ ପାଟିକୁ ସୁଆଦିଆ ଲାଗିବା ପାଇଁ ରେଷ୍ଟେଇମାନଙ୍କର ଖାମଖିଆଲି ନୀତି ଯୋଗୁଁ ଆଜି ଦୁଇଜଣଙ୍କର ଅକାଳରେ ମୃତ୍ୟୁ ଘଟିଥିବା ଓ ୮ଜଣ ଗୁରୁତର ଅସ୍ଥତା ହୋଇଚିତ୍ସିତ ହେଉଥିବା ଘଟଣା ଅଂଚଳରେ ଏକ ଭୟର ବାତାବରଣ ସୃଷ୍ଟି କରିଛି। ତେବେ ଏଠାରେ ନିୟୋଜିତ ହୋଇଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ସରକାରଙ୍କ ତହବିଲରୁ ଦରମାନେଇ କରୁଛନ୍ତି କଣ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୁଆଡ଼େ ତାଳଚେର ଓ ଅନୁଗୋଳ ମେଡ଼ିକାଲ ଟିମ ଆସି ଉକ୍ତ ଖାଦ୍ୟର ମାନ ଯାଂଚ କରିଥିଲେ ବୋଲି ସ୍ଥାନୀୟ ଲୋକଙ୍କ ପକ୍ଷରୁ ଜଣାପଡ଼ିଛି।

# ଏନଟିପିସି ପକ୍ଷରୁ କଣିହାଁ ମେଡ଼ିକାଲକୁ ଅତ୍ୟାଧୁନିକ ଆମ୍ବୁଲାନ୍ସ ପ୍ରଦାନ

କଣିହାଁ, (ସବ୍ୟୁ): ଅନୁଗୋଳ ଜିଲା ଏନଟିପିସି କଣିହାଁ ପକ୍ଷରୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସ ପ୍ରଦାନ କରିଛି । ଏହି ପରିପ୍ରେକ୍ଷୀରେ ଶନିବାର କଣିହାଁ ମେଡିକାଲରେ ଆୟୋଜିତ କାର୍ଯ୍ୟକ୍ରମରେ ଏନଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଏ କେ ସେହଗଲ ଯୋଗଦେଇ ପତକା ଦେଖାଇ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଥିଲେ । ପରେ ଆମ୍ବୁଲାନ୍ସକୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡା. ସୁମନ୍ତ କୁମାର ପଟେଲଙ୍କୁ ହସ୍ତାନ୍ତର କରିଥିଲେ ।

ଉକ୍ତ ଆମ୍ବୁଲାନ୍ସ ଆମ୍ବୁଲାନ୍ସ ଦୁର୍ଗମ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସହାୟକ ହେବ ବୋଲି ପ୍ରକଳ୍ପ ମୁଖ୍ୟ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ପ୍ରଧାନ, ତହସିଲଦାର ଚିନ୍ମୟ ଦାସ, ଏନଟିପିସି ଏଚଆର ମୁଖ୍ୟ ବି କେ ପାଣ୍ଡେ, ଏନଟିପିସି ମେଡ଼ିକାଲ ସିଏମଓ ଡ଼ା. ଜି ମହାକୁଲ, ଡିଜିଏମ (ଏଚ ଆର) ପି କେ ସିଂହ ପ୍ରମୁଖ ଅନ୍ୟାନ୍ୟ ଅଧିକାରୀ, କଣିହାଁ ମେଡ଼ିକାଲ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାଧାରଣ ନିର୍ବାଚନ ୨୦୨୪

# ଗଣମାଧମ, ପ୍ରଶାସନ ଏବଂ ଯାଞ୍ଚ ପାଇଁ ଜିଲ୍ଲାସ୍ତରୀୟ ମିଡ଼ିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ ସେଲ

ବାରିପଦା, (ସବ୍ୟୁ) : ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ପାଇଁ ଭାରତୀୟ ନିର୍ବାଚନ କମିଶନ ନିର୍ବାଚନ ଘୋଷଣା ଫଳରେ ଆଦର୍ଶ ଆଚରଣ ବିଧି ମଧ ଲାଗୁ ହୋଇଛି । ଏଣୁ ନିର୍ବାଚନକୁ ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲାସ୍ତରରେ ଗଣମାଧମ ପ୍ରମାଣନ ଏବଂ ଯାଞ୍ଚ କମିଟି ବା ମିଡ଼ିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ ସେଲ (ଏମସିଏମସି) ଗଠନ କରାଯାଇଛି ।

ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏମସିଏମସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଥିବା ସମ୍ମିଳନୀ କକ୍ଷ, ଯାହା ଜିଲ୍ଲା ନିର୍ବାଚନ ନିୟନ୍ତ୍ରଣ କକ୍ଷ ଭାବେ କାର୍ଯ୍ୟ କରୁଛି । ଏହି ସେଲର ମୁଖ୍ୟ ଉଦ୍ଦେଶ୍ୟ ହେଲା ରାଜନୈତିକ ବିଜ୍ଞାପନର ପ୍ରାକ ପ୍ରମାଣନ, ଦେୟ ପ୍ରଦାନ କରାଯାଇଥିବା ଖବର (ପେଡ ନ୍ୟୁଜ୍) ତଦାରଖ ଓ କାର୍ଯ୍ୟାନୁଷ୍ଠାନ ଏବଂ ନିର୍ବାଚନ ପ୍ରକ୍ରିୟା ସମୟରେ ଗଣମାଧମ ଦ୍ୱାରା ହେଉଥିବା ଉଲଙ୍ଘନ ଉପରେ ନଜର ରଖିବା ସହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିଶ କରିବ । ଯେକୌଣସି ପଞ୍ଜୀକୃତ ରାଜନୈତିକ ଦଳ / ଗୋଷ୍ଠି / ସଂଗଠନ / ବ୍ୟକ୍ତି ବିଶେଷାଙ୍କ ଦ୍ୱାରା ସାମାଜିକ ଗଣମାଧମ ସମେତ ବୈଦ୍ୟୁତିକ ଗଣମାଧମରେ ବିଜ୍ଞାପନକୁ ପ୍ରସାରଣ କରିବା ପୂର୍ବରୁ ଏହି କମିଟିର ମଞ୍ଜୁରୀ ଆବଶ୍ୟକ ।

ପ୍ରାର୍ଥୀ ମାନଙ୍କର ପ୍ରାକ ସାର୍ଟିଫିକେସନ ଆବେଦନକୁ ଜିଲ୍ଲା ସ୍ତରୀୟ ଏମସିଏମସି କମିଟି ଗ୍ରହଣ କରୁଥିବା ବେଳେ ପଞ୍ଜୀକୃତ ରାଜନୈତିକ ଦଳ ଗୁଡିକର ଆବେଦନ ରାଜ୍ୟସ୍ତରୀୟ ଏମସିଏମସି କମିଟି ଗ୍ରହଣ କରିବ । ପ୍ରତ୍ୟେକ ପଞ୍ଜୀକୃତ ଦଳ କିମ୍ବା ପ୍ରାର୍ଥୀ ବିଜ୍ଞାପନ ପ୍ରସାରଣ ପାଇଁ ନିର୍ଦ୍ଧାରିତ ୩ଦିନ ରୁ ଅଧିକ ସମୟ ପୂର୍ବରୁ ଆବେଦନ କରିବାକୁ ପଡିବ । ଅଣପଞ୍ଜୀକୃତ ମାନଙ୍କ ପାଇଁ ଏହା ୭ଦିନ ରୁ ଅଧିକ ଦିନ ପୂର୍ବରୁ ଆବେଦନ କରିବାକୁ ଆବଶ୍ୟକ । ବିଜ୍ଞାପନର ପ୍ରାକ ସାର୍ଟିଫିକେସନ ପାଇଁ ୨ଟି ନକଲ ବୈଦ୍ୟୁତିକ ଆକାରରେ ଏବଂ ଉପଯୁକ୍ତ ଆଟେସଟେଡ ଟ୍ରାନସ୍କ୍ରିପ୍ଟ, ଉତ୍ପାଦନ ଖର୍ଚ୍ଚ, ଟିଭି କିମ୍ବା କେବୁଲ ନେଟୱାର୍କରେ ପ୍ରସାରଣର ଆନୁମାନିକ ମୂଲ୍ୟ ଏବଂ କେତେଥର ପ୍ରସାରଣ ହେବ ତାହାର ତାଲିକା ଦେବାକୁ ପଡିବ । ଯଦି କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଜ୍ଞାପନ ଜାରି କରନ୍ତି ତେବେ ସେହି ବ୍ୟକ୍ତି ସପକ୍ଷରେ କହିବେ ଯେ, ଏହା କୌଣସି ଦଳ କିମ୍ବା ପ୍ରାର୍ଥୀଙ୍କ ହିତ ପାଇଁ ନୁହେଁ ଏବଂ ସେମାନଙ୍କ ଦ୍ୱାରା ପ୍ରାୟୋଜିତ କିମ୍ବା କାର୍ଯ୍ୟକ୍ଷମ କିମ୍ବା ପ୍ରଦାନ କରାଯାଇନାହିଁ । ସମସ୍ତ ଦେୟ ଚେକ କିମ୍ବା ଡ୍ରାଫଟ ମାଧମରେ ହେବ ବୋଲି ଏକ ବିବୃତି କିମ୍ବା ଘୋଷଣା ନାମା ଦେବେ ।

ଲୋକସଭା ପ୍ରାର୍ଥୀଙ୍କ ଖର୍ଚ୍ଚ ୯୫ଲକ୍ଷ ହେଇଥିବା ବେଳେ ବିଧାନସଭା ପାଇଁ ପ୍ରାର୍ଥୀ ୪୦ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ । ଜନପ୍ରତିନିଧି ଆଇନ ୧୯୫୧ ଧାରା ୭୭(୧)ଅନୁସାରେ, ପ୍ରତ୍ୟେକ ପାର୍ଥୀ ନାମାଙ୍କନ ଦାଖଲ କରିଥିବା ତାରିଖ ଠାରୁ ନିର୍ବାଚନ ଫଳାଫଳ ଯାଏଁ ତାଙ୍କ ଦ୍ୱାରା କିମ୍ବା ତାଙ୍କ ଦ୍ୱାରା ନିର୍ବାଚିତ ଏଜେଣ୍ଟ ଦ୍ୱାରା ହୋଇଥିବା ଖର୍ଚ୍ଚର ହିସାବ ରଖିବା ଆବଶ୍ୟକ । ରାଜନୈତିକ ଦଳ ଗୁଡିକ ମଧ ନିଜର ନିର୍ବାଚନ ଖର୍ଚ୍ଚର ତାଲିକା ନିର୍ବାଚନ ଆୟୁକ୍ତଙ୍କ ନିକଟରେ ଦାଖଲ କରିବେ । ରାଜନୈତିକ ଦଳ ଗୁଡିକ ବିଧାନ ସଭା ପାଇଁ ୭୫ଦିନ ଏବଂ ଲୋକସଭା ପାଇଁ ୯୦ଦିନ ମଧରେ ଖର୍ଚ୍ଚ ବିବରଣୀ ପ୍ରଦାନ କରିବେ ।

ମୁଦ୍ରିତ ଗଣମାଧମରେ ଯଦି କୌଣସି ବିଜ୍ଞାପନ ପ୍ରାର୍ଥୀଙ୍କ ଅସହମତିରେ ପ୍ରକାଶିତ ହୋଇଥାଏ ତେବେ ଆଇପିସି ଧାରା ୧୭୧ (ଏଚ) ଉଲଂଘନ ପାଇଁ ପ୍ରକାଶକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ଆରପି ଆକ୍ଟ ୧୯୫୧ ଧାରା ୧୨୭(ଏ) ଅନୁସାରେ ସମସ୍ତ ନିର୍ବାଚନୀ ପାମ୍ପଲେଟ, ପୋଷ୍ଟର, ବ୍ୟାଙ୍କ ବିଲ ଓ ଅନ୍ୟାନ୍ୟ ପ୍ରଚାର ପତ୍ରରେ ପ୍ରକାଶକ ଓ ମୁଦ୍ରାକରଙ୍କ ନାମ, ଠିକଣା ଓ ମୁଦିଲ କପିର ସଂଖ୍ୟା ସମ୍ମୁଖ ଭାଗରେ ସ୍ଥାନ ପାଇବା ବାଧ୍ୟତାମୂଳକ । ନାମାଙ୍କନ ପତ୍ରରେ ପ୍ରାର୍ଥୀ ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସମ୍ପର୍କରେ ମଧ ଲେଖିବା ଆବଶ୍ୟକ । ମୟୂରଭଞ୍ଜ ଜିଲ୍ଲା ପ୍ରସାଶନ ପକ୍ଷରୁ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେଙ୍କ ନିର୍ଦ୍ଦେଶ କ୍ରମେ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଏମସିଏମସିର ଦାୟିତ୍ୱ ପ୍ରତିନିଧି ଜିଲ୍ଲାପାଳ ଡଃ ଶୁଭଙ୍କରୀ ସୁଦେଶନା ଦାଶ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କୁ ମିଳିଥିବା ବେଳେ, ସାରିକା ପ୍ରଜାପତି, ରଶ୍ମି ରଞ୍ଜନ ମହାନ୍ତ, ସସ୍ମିତା ମଞ୍ଜରୀ ମହାନ୍ତ, ମମତା ମଞ୍ଜରୀ ଦଳନାୟକ ଓ ଲଳିତରଞ୍ଜନ ନାଏକ ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଛନ୍ତି ।

# ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସର ୮ଟି ଚେକ୍ ପୋଷ୍ଟ

ସମ୍ବଲପୁର,(ସବ୍ୟୁ): ଅପରାଧ ନିୟନ୍ତ୍ରଣ ପାଇଁ ସମ୍ବଲପୁର ସହରରେ ୮ଟି ସ୍ଥାନରେ ପୋଲିସର ଚେକ୍ ପୋଷ୍ଟ କରାଯାଇଛି । ସହରର ପ୍ରବେଶ ଦ୍ୱାର ମାନେଶ୍ୱର ସମେତ ମୋତିଝରନ୍, ଦୁର୍ଗାପାଲି, ଜିଲ୍ଲା ସ୍କୁଲ ଛକ, ଚାଉଁରପୁର, ନେଲସନ୍ ମଣ୍ଡେଲା ଛକ ଓ ରେଳ ଷ୍ଟେସନରେ ଏସବୁ ରହିଛି । ସେହିପରି ନୂତନ ଫ୍ଲାଏଓଭରରେ ମଧ୍ୟ ଏକ ନୂଆଁ ଚେକ୍ ପୋଷ୍ଟ କରାଯାଇଛି । ଫଳରେ ଅପରାଧିମାନେ ଅପରାଧିକ କାର୍ଯ୍ୟକଳାପ ପରେ ଖସି ପଳାଇ ପାରିବେ ନାହିଁ । ପ୍ରତି ପୋଷ୍ଟରେ ୫ଜଣ ଅଧିକାରଙ୍କୁ ମୁତୟନ କରାଯାଇଛି । ଆଗକୁ ଆଉ ୬ଟି ଅଧିକ ପୋଷ୍ଟ କରିବାକୁ ଯୋଜନା ରହିଛି । ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ନାକାବନ୍ଦୀ ଜୋରଦାର କରାଯାଉଛି । ଯାନବାହାନ ଯାଞ୍ଚ ସହ ସନ୍ଦିଗ୍ଧମାନଙ୍କ ଉପରେ କଡା ନଜର ରଖାଯାଉଛି ବୋଲି ଏସ୍‌ପି ମୁକେଶ ଭାମୁ ସୂଚନା ଦେଇଛନ୍ତି ।




## ତାଓ୍ୱା ମାଡରେ ବଡଭାଇର ମୃତ୍ୟୁ, ସାନଭାଇ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଘରଡିହ ଭାଗବଣ୍ଟା ବିବାଦକୁ ନେଇ ସାନଭାଇ ଏକ ଲୁହା ତାଓ୍ୱାରେ ବଡଭାଇକୁ ଆକ୍ରମଣ କରିଛି । ଏଥିରେ ବଡଭାଇର ମୃତ୍ୟୁ ହୋଇଯାଇଛି । ଏହି ଅଭିଯୋଗରେ ପୋଲିସ ସାନଭାଇକୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ବୁର୍ଲା ଥାନା ଅନ୍ତର୍ଗତ ଟିହିକିପାଲି ଗ୍ରାମର ସଞ୍ଜୟ ବିଶ୍ୱାଳ(୩୬) ଓ ତାଙ୍କ ବଡଭାଇ ବିପ୍ର ବିଶ୍ୱାଳ(୪୮)ଙ୍କ ମଧ୍ୟରେ ଘରଡିହ ଭାଗବଣ୍ଟାକୁ ନେଇ ଗତ ୩୦ତାରିଖ ଅପରାହ୍ନ ସାଢେ ୫ଟାରେ ବିବାଦ ଦେଖାଯାଇଥିଲା । ଏଥିରେ ସଞ୍ଜୟ ଉତ୍କ୍ଷିପ୍ତ ହୋଇ ପାଖରେ ଥିବା ତାଓ୍ୱା ଦ୍ୱାରା ନିଜ ବଡଭାଇ ବିପ୍ରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ଫଳରେ ସେ ଗୁରୁତର ହୋଇ ପଡିଥିଲେ । ତାଙ୍କୁ ତୁରନ୍ତ ବୁର୍ଲା ହସ୍ପିଟାଲକୁ ନିଆଯାଇଥିଲା । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପଟେ ଅଭିଯୁକ୍ତ ଜଣକ ସାଇକଲ ଯୋଗେ ଫେରାର ହୋଇ ଯାଉଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଛି ।

## ଜମି କିଣାବିକାକୁ ନେଇ ହତ୍ୟାକାଣ୍ଡ, ଅଭିଯୁକ୍ତ ଗିରଫ

ସମ୍ବଲପୁର,(ସବ୍ୟୁ): ଜମି କିଣାବିକା ଟଙ୍କାକୁ ନେଇ ବିବାଦ ଓ ପରେ ହତ୍ୟାକାଣ୍ଡ ଘଟଣାରେ ସଦର ଥାନା ପୋଲିସ ରବିବାର ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ କୁଲତାନୂଆଁପାଲି ଗ୍ରାମର ସୁମନ୍ତ ପ୍ରଧାନ(୪୧) ବୋଲି ଜଣାପଡିଛି । ତାଙ୍କ ଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀ, ଏକ ବାଇକ, ବୁଲେଟ୍, ମୋବାଇଲ ଫୋନ ଓ ମୃତକର ଡାଏରୀ ଆଦି ଜବତ ହୋଇଛି । ସୂଚନାଯୋଗ୍ୟ, ବହିଦାର ନୂଆଁପାଲି ଗ୍ରାମର ସବ୍ୟସାଚୀ ସାହୁ(୪୬) ଜମି କାରବାର ପାଇଁ ଗତ ୩୦ତାରିଖରେ କୁଲତାନୂଆଁପାଲି ଗ୍ରାମକୁ ଯାଇଥିଲେ । ତେବେ ଅଭିଯୁକ୍ତଙ୍କ ସହ ତାଙ୍କର ଜମି କିଣାବିକା କାରବାରକୁ ନେଇ ବିବାଦ ରହିଥିଲା । ଏଭଳିସ୍ଥଳେ ସୁମନ୍ତ ତାଙ୍କୁ ଏକ ବଡ ଛୁରୀରେ ଆକ୍ରମଣ କରି ହତ୍ୟା କରିଥିଲା । ମୃତଦେହକୁ ଏକ ଶୁଖିଲା ନାଳରେ ଫୋପାଡିବା ସହ ରକ୍ତଲଗା ଛୁରୀକୁ ଏକ ବୁଦାତଳେ ଲୁଚାଇ ଘଟଣାସ୍ଥଳରୁ ଫେରାଇ ହୋଇ ଯାଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଥିଲା । ଏନେଇ ୮୩/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ତଦନ୍ତ ବେଳେ ଅଭିଯୁକ୍ତକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି ।

## ଯୁବକଙ୍କ ଆତ୍ମହତ୍ୟା

ତରଭା,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅଧିନସ୍ଥ କମଶରା ଗ୍ରାମରେ ଜଣେ ଯୁବକ ବେକରେ ରଶିଦେଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ପୋଲିସ ସୂତ୍ରରୁ ପ୍ରକାଶ କମଶରା ଗ୍ରାମର ରାଜକିଶୋର ବଗର୍ତ୍ତି ଓରଫ ନାଡୁ (୩୭ ) ଶନିବାର ରାତି ଉକ୍ତ ଗ୍ରାମର ଶିଶିର ପଣ୍ଡାଙ୍କ ସିମେଣ୍ଟ ଇଟା କାରଖାନାର ଏକ କୋଠରୀର ସିଲିଂ ଫଙ୍କାରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଫାଣ୍ଡି ଅଧିକାରୀ ଗଜାନନ ବେହେରାଙ୍କ ସୂଚନା ମତେ ମୃତ ରାଜକିଶୋର ଶନିବାର ଦିନବେଳା କୌଣସି କାମରେ ବଲାଙ୍ଗିର ଯାଇଥିଲା ଏବଂ ଫେରିବା ସମୟରେ ଦୁର୍ଘଟଣାର ଶିକାର ହୋଇ ଖଣ୍ଡିଆ ଖାବରା ହୋଇଥିଲେ । ପରେ ସେ ଗାଁ କୁ ଫେରି ଶିଶିର ପଣ୍ଡାଙ୍କ ଇଟା କାରଖାନାକୁ ଯାଇଥିଲା । ଯେଉଁଠାରେ କି ସେ ଉକ୍ତ କାରଖାନାର ରାତ୍ରୀ ଜଗୁଆଳି ଭାବେ କାମ କରୁଥିଲା । ଉକ୍ତ ଦିନ ରାତ୍ରୀ ଏହି ଦୁର୍ଘଟଣା ଘଟିଥିଲା । ଖବରପାଇ ସକାଳୁ ଫାଣ୍ଡି ଅଧିକାରୀ ଗଜାନନ ବେହେରା ଘଟଣାସ୍ଥଳକୁ ଯାଇ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିଥିଲେ। ଆତ୍ମହତ୍ୟା ସ୍ଥାନରେ ଶିଶି କେମେରା ଲାଗିଥିବାରୁ ଇନକ୍ୱାରୀ ଅଫିସର ଗଜାନନ ବେହେରା ସୋମବାର ଶିଶି ଟିଭି ଫୁଟେଜ ଦେଖିଲାପରେ ଏବଂ ମୃତକ ପରିବାରଙ୍କ ସହ କଥାହେଲା ପରେ ଆତ୍ମହତ୍ୟାର ବିଷୟରେ ଜଣା ପଡିବ ବୋଲି ପ୍ରକାଶ କରିଥିଲେ ।

# ସୁନ୍ଦର ଭିମା ଦେବତାଙ୍କ ବାଲିଯାତ୍ରା, ପୋଢ଼ବଳି ସହ ଉଦ୍‌ଯାପିତ

କୋକସରା,(ସବ୍ୟୁ): ଆଦିବାସୀ ପରମ୍ପରାରେ ମାଟି ମା ସ୍ଥାନ ସର୍ବାଗ୍ରେ। ଯେ କୌଣସି ଶୁଭ କାର୍ଯ୍ୟ ପ୍ରାରମ୍ଭରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଗ୍ରାମବାସୀ ମାନେ ମାଟି ମାକୁ ସୁମରଣା କରି ସମସ୍ତ କାର୍ଯ୍ୟ ଆରମ୍ଭ କରନ୍ତି। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ରେଙ୍ଗାଳପାଲି ପଞ୍ଚାୟତ ଝରିଆଗୁଡା ଗ୍ରାମରେ ପାଳିତ ହୋଇଯାଇଛି ସୁନ୍ଦର ଭିମା ଦେବତାଙ୍କ ବାଲିଯାତ୍ରା । ଦୀର୍ଘ ୫୩ ବର୍ଷ ଅନ୍ତରାଳରେ ଝରିଆଗୁଡା ଗ୍ରାମରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଗତ ବର୍ଷ ଅକ୍ଟୋବର ମାସ ବିଜୟା ଦଶମୀରୁ ଏହା ଆରମ୍ଭ ହୋଇ ରବିବାର ପୋଢ଼ ବଳି ସହ ଉଦଯାପିତ ହୋଇଯାଇଛି। ଏହା ଏକ କୃଷି ଭିତ୍ତିକ ପର୍ ହୋଇଥିବା ବେଳେ ଗାଁରେ ଭଲ ଫସଲ, ଗାଁର ସୁଖ ସମୃଦ୍ଧି, ରୋଗଶୋକ ଦୁର ସହ ଗାଁର ଦେବାଦେବୀଙ୍କ ଶୁଭଦୃଷ୍ଟି ଓ ମଙ୍ଗଳ କାମନା କରି ଏହି ପର୍ ପାଳନ କରାଯାଏ। ବାଲିଯାତ୍ରା ପର୍ବ ବଂଶାନୁଗତିକ ଭାବେ ପାଳନ ହୋଇ ଆସୁଥିବା ବେଳେ ଆଦିବାସୀ ପରମ୍ପରା ଓ ମାନସିକତାରେ ଏକ ପ୍ରମୁଖ ଭୂମିକା ରହିଛି । ଝରିଆଗୁଡା ଗ୍ରାମ୍ୟ ବାଲିଯାତ୍ରା ପୂଜା କମିଟି ଆୟୋଜନରେ ବାଲିଯାତ୍ରାର ମୁଖ୍ୟ ପୁରୋଧା ଗୁରୁମେଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦର ଭିମା ଦେବତାଙ୍କ ପାଇଁ ଗ୍ରାମର ପୂଜାସ୍ଥଳୀରେ ଏକ ଅସ୍ଥାୟୀ ଗୁଡି ସ୍ଥାପନା କରି ଗୁରୁମେ ଦୀର୍ଘ ମାସ ଧରି ପୁଝାରି ଡୁମା, ଧନବନ୍ତ ଭିମା, କନ୍ଧେନ ରାଣି, ପିଲା ଭିମା, ପାଟରାଣୀ, ଡୁମେର ରାଣୀ, ମଡିଆ ରାଣୀ, ବେଳମତି, ଫୁଲମତି, କାନ୍ଦରୀ, ଲାଡ଼ଳୀ, ଜଳକେଳି, ଗୋପବାଲି, ନିଆଳି ମଲ୍ଲି, ଭଣ୍ଡାର ମାଉଳି, ଭାଏସାଲ ମାଝୀ, ମାନ ପୁରେନ, ପର ଦେଶେନ, ବିର ମାଝୀ ମା, ଠାକୁରାଣୀ, ଲଙ୍କେଶ୍ୱରୀ, ଧାରଣୀ, ପାଟ ଧାରଣୀ, ଲଦାଲଦେନ, ବହଲେନ ମାଉଳି, ଠୁଟି ମାଉଳି ଗ୍ରାମ ଦେବାଦେବୀଙ୍କୁ ଆବାହନ ପୂର୍ବକ ପୂଜାର୍ଚ୍ଚନା କରିବା ପରେ ଭିମା ଦେବତାଙ୍କ ଜନ୍ମ ହୋଇଥିଲା । ସୁନ୍ଦରା ଭିମା ଯୁବା ବୟସରେ ଉପନୀତ ହେବାପରେ ଗତ ଶନିବାର ଭିମା ଦେବତାଙ୍କ ବିବାହ କନ୍ଧେନ ଦେବୀଙ୍କ ସହ ଅନୁଷ୍ଠିତ ହୋଇଥିଲା। ରବିବାର ଶେଷ ଦିନରେ ମାଟି ମା ଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏକ ପୋଢ଼କୁ ଗ୍ରାମ ପୁଜକ ଓରାଚନ ପୁଝାରିଙ୍କ ଘରୁ ପୂଜାର୍ଚ୍ଚନା କରି, ପୋଢ଼ ଦେହରେ ନୂତନ ଶୁକ୍ଳ ରଙ୍ଗର ବସ୍ତ୍ର ଓ ମନ୍ଦାର ଫୁଲ ମାଳ ଦେଇ ଗାଁ ଗୌନ୍ତିଆ ଯୁଧିଷ୍ଠିର ନାଏକ ତତ୍ୱାବଧାନରେ ଶହ ଶହ ସଂଖ୍ୟକ ଗ୍ରାମବାସୀ ମାନେ ବାଜା ବଜାଇ ନାଚି ନାଚି ବଳି ପଡ଼ିବାକୁ ଥିବା ପୋଢ଼କୁ ଗ୍ରାମରେ ପରିକ୍ରମା ସମୟରେ ଗାଁ ଗୌନ୍ତିଆ, ଗଣ୍ଡା ଘରକୁ ନେଇ ପୂଜାର୍ଚ୍ଚନା କରିବା ପରେ ଗ୍ରାମରେ ପରିକ୍ରମା କରାଇ ଗାଁ ନିକଟସ୍ଥ ଏକ ପଡ଼ିଆକୁ ନେଇ ଗ୍ରାମ୍ୟ ପୁଜକଙ୍କ ପୂଜା ପରେ ପୋଢ଼କୁ ବଳି ଦେଇ ମାଟି ଦେବତାଙ୍କୁ ଅର୍ପଣ କରିଥିଲେ। ପରେ ମୃତ ପୋଢ଼ର ଅଂଶବିଶେଷ କୁ ପୂର୍ବରୁ ଖୋଲା ଯାଇଥିବା ଗାତରେ ପୋତି ଦିଆ ଯାଇଥିଲା। ଉଦଯାପିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପିର କଳାହାଣ୍ଡି ସାଂସଦ ପ୍ରାର୍ଥିନି ମାଳବିକା କେଶରୀ ଦେଓ, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ ଉପସ୍ଥିତ ଥିଲେ। ପୂଜା କମିଟିର ସଭାପତି ଜୟଲାଲ ନାଏକ, ସମ୍ପାଦକ ରାଜ କିଶୋର ସାହୁ, ଉପ ସଭାପତି କୁରୁକ୍ଷେତ୍ର ପାଣିଗ୍ରାହୀ, ମୁକୁନ୍ଦ ପଟ୍ଟନାୟକ, ଅଚ୍ୟୁତାନନ୍ଦ ମାଝୀ, ଜିତେନ୍ଦ୍ର ନାଏକ, ଅରବିନ୍ଦ ପଟ୍ଟନାୟକ, ସମିତି ସଭ୍ୟ ମୁକ୍ତେଶ୍ୱର ନାଏକ ସମେତ ସ୍ୱାମୀ ବିବେକାନନ୍ଦ ୟଙ୍ଗ କ୍ଲବର ସଦସ୍ୟ ଓ ଝରିଆଗୁଡା ଗ୍ରାମବାସୀ ମାନେ ବାଲିଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।



## ଜୁଆଖେଳ ଉପରେ ଚଢାଉ : ୭ ଗିରଫ



ଜମନକିରା,(ସବ୍ୟୁ): ଜମନକିରା ବ୍ଲକ କୁଚିଣ୍ଡା ଥାନା ଭୋଜପୁର ପଞ୍ଚାୟତର ସୁଇପଦର ଜଙ୍ଗଲରେ ଶନିବାର ରାତିରେ ଜୁଆଖେଳ ଚାଲିଥିବା ସମୟରେ କୁଚିଣ୍ଡା ପୋଲିସ ଚଢାଉ କରି ୭ଜୁଆଡିଙ୍କୁ ଗିରଫ କରିଛି। ଗିରଫ ଜୁଆଡି ମାନେ ହେଲେ କୁଚିଣ୍ଡା ଥାନା ମନ୍ତ୍ରୀମୁଣ୍ଡାର ବସନ୍ତ ବୁଡା(୪୩), କୁଚିଣ୍ଡା ଏନଏସି ସର୍ଗିଡିହି ପଡାର ରଞ୍ଜନ ପାତ୍ର ଓରଫ ନନା(୨୭), ଭୋଜପୁରର ରିଙ୍କୁ ମୟୁର(୩୦), ଲଇଡାଗୁଣାର ପ୍ରଦୀପ କିଷାନ (୩୮), ଜମନକିରା ଥାନା ତୁଲୁବର ସୁଜିତ କୁମାର ନାୟକ (୪୧), ଅର୍ଜ୍ଜୁନପାଲିର ମଙ୍ଗଳା କିଷାନ (୪୦) ଏବଂ ମହୁଲପାଲି ଥାନା ତୁରେଇ ନିକ୍ତିମାଲର ଅଶୋକ କାଉ(୪୩)। ପୋଲିସ ତାଙ୍କ ଠାରୁ ନଗଦ ୩୭ହଜାର ୫୦ଟଙ୍କା,ଏକ ବୋଲେରୋ ଗାଡି(ନଂ.ଓଡି୧୫ଡି–୯୮୫୫)' ଏକ ବାଇକ (ନଂ.ଓଆର୧୫–୯୧୦୬),୬ଟି ମୋବାଇଲ ଫୋନ, ଜୁଆଖେଳରେ ବ୍ୟବହୃତ ଚମଡା ଢାଙ୍କୁଣି (ବାସ୍କେଟ), ଘୁଡୁଘୁଡି ପଟ୍ଟି ସହ ୬ଟି ଗୋଟି ଜବତ କରିଛି । ପୋଲିସ ଏନେଇ କୁଚିଣ୍ଡା ଥାନାରେ ୩ ଓପିଜି ଧାରା (ନଂ.୧୫୦/୨୪)ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ରବିବାର କୁଚିଣ୍ଡା ଏସଡିଜେଏମ କୋର୍ଟକୁ ଚାଲାଣ କରିଛି। କୋର୍ଟ ସେମାନଙ୍କ ଜାମିନ ନାମଞ୍ଜୁର କରି ଜେଲ ହାଜତକୁ ପଠାଇ ଦେଇଛନ୍ତି। ପୋଲିସର ସୂଚନା ଅନୁଯାୟୀ, ଶନିବାର ରାତିରେ କୁଚିଣ୍ଡା ଥାନା ଅନ୍ତର୍ଗତ ଭୋଜପୁର ପଞ୍ଚାୟତର ସୁଇପଦର ଜଙ୍ଗଲରେ (ଦେବଗଡ ଜିଲ୍ଲା ବୋର୍ଡର) ବେଆଇନ ଜୁଆଖେଳ ଚାଲିଥିବା ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। କୁଚିଣ୍ଡା ଆଇଆଇସି ଦିଲିପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଟିମ ଚଢାଉ କରି ୭ ଜୁଆଡିଙ୍କୁ ଗିରଫ କରି ନଗଦ ଟଙ୍କା ସହ ଏଥିରେ ବ୍ୟବହୃତ ବୋଲେରୋ ଓ ବାଇକ ଆଦି ଜବତ କରିଥିଲା।

## ଝିଙ୍କ ମାଂସ ଜବତ, ଜଣେ ଗିରଫ



ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା ମାଥିଲି ବନ୍ୟାଞ୍ଚଳ ଅନ୍ତର୍ଗତ ପାତ୍ର ପୁଟ ଗ୍ରାମ ନିକଟବର୍ତ୍ତୀ ନାଳ ପାଖରେ ଝିଙ୍କ ଶିକାର କରି କାଟୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମାଥିଲି ବନ୍ୟାଞ୍ଚଳ ଅଧିକାରୀ ବାସୁଦେବ ନାୟକ ନିର୍ଦ୍ଦେଶକ କ୍ରମେ ବନକର୍ମଚାରୀମାନେ ଘଟଣା ସ୍ଥଳକୁ ଯାଇ ଚଢାଉ କରିଥିଲେ। ସେଠାରେ କିଛି ଲୋକ ରୁଣ୍ଡ ହୋଇଥିବା ବେଳେ ବନକର୍ମଚାରୀମାନଙ୍କୁ ଦେଖି ଛତ୍ରଭଙ୍ଗ ଦେଇ ଥିଲେ। ସେଠାରେ ମାଧବ ଚାଲାଣ (୬୪) ଙ୍କୁ କାବୁ କରିଥିଲେ। ତାଙ୍କ ଗ୍ରାମ ପାତ୍ରପୁଟ ହୋଇ ଥିବା ବେଳେ ତାଙ୍କ ଠାରୁ ୯ କିଲୋ ୭୦୦ ଗ୍ରାମ ଝିଙ୍କ ମାଂସ ସହ ୫୭ଟି ଝିଙ୍କ କାଠି, ଗୋଟିଏ କଟୁରୀ, ୨ଟି ଟାଙ୍ଗିଆ ଜବତ କରାଯାଇଥିଲା। ମାଥିଲି ବନାଞ୍ଚଳ କେସ ନମ୍ବର:୧୩୨/୨୦୨୪ ବନ୍ୟପ୍ରାଣୀ ଆଇନ୍ ୧୯୭୨ ଅନୁସାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ବନପାଳ ପବିତ୍ର କୁମାର ଦାସ, ବନରକ୍ଷୀ ଜଗବନ୍ଧୁ ପାତ୍ର , ଦିଲ୍ଲୀପ କୁମାର ଡାକୁଆ, ଦୀପ୍ତି ରଞ୍ଜନ ନାୟକ,ପାରାଷ୍ଟାଫ ଖଗେଶ୍ୱର ପଟ୍ଟନାୟକ, ସଦାଶିବ ଶଗରିଆ, ଦେବେନ୍ଦ୍ର ଦଳାଇ, ରଞ୍ଜନ ପାଙ୍ଗି,ପଦମନ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଦେଶି ବନ୍ଧୁକ, ମାରଣାସ୍ତ୍ର ସହ ଦୁଇ ସନ୍ଦିଗ୍ଧ ଗିରଫ



ଜମନକିରା,(ସବ୍ୟୁ): ଶନିବାର ସନ୍ଧ୍ୟା ସମୟରେ ଜମନକିରା ପୋଲିସ ଏବଂ ଗୌଡ଼ପାଲି ପୋଲିସ ପକ୍ଷରୁ ପେଟ୍ରୋଲିଂ କରୁଥିବା ସମୟରେ ଜମନକିରା ଥାନା ଗୌଡପାଲି ଫାଣ୍ଡି ବଡବାହାଲ ଅଞ୍ଚଳରୁ ଦୁଇ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଧରିଥିଲେ । ଯାଞ୍ଚ ପରେ ତାଙ୍କ ପାଖରୁ ଦୁଇଟି ଧାରୁଆ ଅସ୍ତ୍ର ଏବଂ ଦୁଇଟି ଦେଶୀ ବନ୍ଧୁକ ଜବତ କରିଥିଲେ । ଜମନକିରା ଥାନା ଅଧିକାରୀ ପଦ୍ମାଳୟା ସାହୁ ଦୁଇ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ବେଳେ ରବିବାର ପ୍ରେସମିଟରେ କୁଚିଣ୍ଡା ଏସଡିପିଓ ଅମିତାଭ ପଣ୍ଡା ପ୍ରକାଶ କରିଛନ୍ତି । ପ୍ରକାଶ ଥାଉ କି କିଛି ଦିନ ପୂର୍ବରୁ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗିବା ଆଗରୁ ପୋଲିସ ତରଫରୁ ବନ୍ଧୁକ ରଖିଥିବା ପ୍ରତ୍ୟେକ ନାଗରିକଙ୍କୁ ନିଜ ନିଜର ବନ୍ଧୁକ ଥାନାରେ ଜମା ଦେବାପାଇଁ ସୂଚନା ଦେଇଥିଲେ। ରବିବାର ବଡବାହାଲ ଅଞ୍ଚଳରୁ ଦେଶୀ ଚୋରା ବନ୍ଧୁକ ଜବତ ହେବା ପରେ ଅଞ୍ଚଳରେ ଯାଞ୍ଚ ପ୍ରକ୍ରିୟା କଡ଼ା କଡି କରାଯିବ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଅଟକ ଥିବା ଦୁଇଜଣ ଯୁବକ ହେଲେ ବଡବାହାଲ ଗ୍ରାମର ଫକୀର ଛତ୍ରିଆ (୨୭)ଓ କିଶୋର କିସାନ (୨୨)ବୋଲି ଜଣା ପଡିଛି।

# ବିଧାନସଭା ପ୍ରାର୍ଥୀ ଚୟନ ପାଇଁ କସରତ ଆରମ୍ଭ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଲୋକସଭା ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଚୟନ ପାଇଁ ତିନି ପ୍ରମୁଖ ଦଳ କସରତ ଆରମ୍ଭ କରିଛନ୍ତି । ବିଶେଷ କରି ବିଜେପି ଓ ବିଜେଡି ଦଳର ବୈଠକ ବାରମ୍ବାର ବସୁଛି । ଗ୍ରାଉଣ୍ଡ ଜିରୋର ସ୍ଥିତି, ଆଶାୟୀ ପ୍ରାର୍ଥୀଙ୍କ ଲୋକପ୍ରିୟତାକୁ ଆଧାର କରି ପ୍ରାର୍ଥୀ ଚୟନ କରିବାକୁ ଦଳ ଗୁଡିକ ନିଷ୍ପତି ନେଇଛନ୍ତି । ତେବେ ଏହା ବିଳମ୍ବ ହେଉଥିବାରୁ ସମର୍ଥକମାନେ ଦ୍ୱନ୍ଦ୍ୱରେ ଅଛନ୍ତି । ବିଗତ ୨୦୧୯ ସାଧାରଣ ନିର୍ବାଚନରେ ସମ୍ବଲପୁର ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ନିତେଶ ଗଙ୍ଗଦେବ ବିଜୟୀ ହୋଇଥିଲେ। ଅନ୍ୟପଟେ ସମ୍ବଲପୁର ଜିଲ୍ଲାର ଚାରୋଟି ବିଧାନସଭା ଆସନ ମଧ୍ୟରୁ ସମ୍ବଲପୁରରେ ବିଜେପିର ଜୟନାରାୟଣ ମିଶ୍ର ଚତୁର୍ଥ ଥର ପାଇଁ ନିର୍ବାଚିତ ହୋଇଥିଲେ । ସେହିପରି ରେଙ୍ଗାଲିରେ ବିଜେପିର ନାଉରୀ ନାୟକ, ରେଢ଼ାଖୋଲରେ ବିଜେଡିର ତତ୍କାଳୀନ ବିଧାୟକ ରୋହିତ ପୂଜାରୀ ଓ କୁଚିଣ୍ଡାରୁ ବିଜେଡ଼ିର କିଶୋରଚନ୍ଦ୍ର ନାୟକ ବିଜୟ ଲାଭ କରି ବିଧାୟକ ହୋଇଥିଲେ । ଏଭଳିସ୍ଥଳେ ବର୍ତ୍ତମାନ ବିଜୟ ସମ୍ଭାବନାକୁ ଦୃଷ୍ଟିରେ ରଖି ଦଳଗୁଡିକ ନିଜନିଜର ପ୍ରାର୍ଥୀ ଦେବେ ବୋଲିଚର୍ଚ୍ଚା ଓ ଆଲୋଚନା ଜୋରଧରିଛି । ତେବେ ବର୍ତ୍ତମାନ ବିଧାୟକ ଥିବା ବିଜେପି ପ୍ରାର୍ଥୀମାନଙ୍କ ନାମ ଟିକେଟ ଦୌଡ଼ରେ ଆଗରେ ଥିବା ଜଣାପଡିଛି ।

ସମ୍ବଲପୁର ଲୋକସଭା ପ୍ରାର୍ଥୀ ଭାବେ ବିଜେପିରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେଡ଼ି ପକ୍ଷରୁ ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାଶ (ବବି)ଙ୍କ ନାମ ଘୋଷଣା ହୋଇଛି । ଏହି ଉଭୟ ନେତା ନିଜନିଜର ଦଳୀୟ ସମର୍ଥକଙ୍କୁ ନେଇ ନିର୍ବାଚନୀ ଅଭିଯାନ ଆରମ୍ଭ କରିଛନ୍ତି। ଏଥିସହ ସେମାନେ ସ୍ଥିତି ପରଖିବା ସହ ଗୋଷ୍ଠୀ ବିବାଦକୁ ରୋକିବାକୁ ଉଦ୍ୟମ ଚଳାଇଛନ୍ତି । ଧର୍ମେନ୍ଦ୍ର ଓ ବବି ଦୀର୍ଘ ସମୟ ହେବ ସମ୍ବଲପୁର ଲୋକସଭା ଆସନକୁ ନଜରରେ ରଖି କାର୍ଯ୍ୟ କରୁଥିଲେ। ତେବେ ଜିଲ୍ଲାର ୪ଟି ଯାକ ବିଧାନସଭା ନିର୍ବାଚନୀମଣ୍ଡଳୀରେ ମଜବୁତ୍ ଓ ସୁଦୃଢ଼ ଭିତ୍ତିଭୂମି ଥିବା ପ୍ରାର୍ଥୀ ଚୟନ ହେଲେ ନିର୍ବାଚନ ଲଢ଼େଇ ସହଜ ଓ ବିଜୟଲାଭ କରିବାରେ ବେଶ ସହାୟକ ହେବ ବୋଲି ଉଭୟେ ଭଲ ଭାବେ ଜାଣିଛନ୍ତି। ସେଥିପାଇଁ ଏସବୁ ବିଧାନସଭା ଆସନରେ ଉପଯୁକ୍ତ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିବାକୁ ସେମାନେ ଦଳୀୟ ସୁପ୍ରିମୋଙ୍କ ଠାରେ ସୁପାରିଶ କରିଥିବା ଜଣାପଡିଛି । ଏଭଳିସ୍ଥଳେ ଏକାଧିକ ବ୍ୟକ୍ତିଙ୍କ ନାମ ତାଲିକାରେ ରହିଛି । କେବଳ ନାମ ଘୋଷଣା ପାଇଁ ବାକି ଥିବାବେଳେ ଆଶାୟୀ ପ୍ରାର୍ଥୀ ମାନେ ନିଜନିଜର ସମର୍ଥକଙ୍କୁ ଧରି ଲବି କରୁଥିବା ଦେଖିବାକୁ ମିଳୁଛି ।

## ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା

# ଅଭିଯୁକ୍ତକୁ ଦିଲ୍ଲୀରୁ ଗିରଫ

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲାରେ ବିପର୍ଯ୍ୟୟ ସୁରକ୍ଷା ବ୍ୟବସ୍ଥା । କେତେବେଳେ କାହାକୁ ହତ୍ୟା କରାଯାଉଛି ତ କେତେବେଳେ ଦୁଷ୍କର୍ମ ପରେ ହତ୍ୟା କରାଯାଉଛି। ଲୋକଙ୍କ ପାଖରେ ପୋଲିସର ଆଉ ଭୟ ନାହିଁ । ଯାହା ଘଟଣା ଘଟିବାର ଦୀର୍ଘ ୨୪ ଦିନ ପରେ ନାବାଳିକା ଛାତ୍ରୀଙ୍କ ହତ୍ୟା ମାମଲାର ରହସ୍ୟ ଫିଟିଛି । ସୈତାନ୍ ପାଲଟିଥିଲା ବିହାରୀ ପ୍ରବାସୀ ଶ୍ରମିକ, ଦୁଷ୍କର୍ମ ଉଦ୍ୟମ ପରେ ହୋଇଥିଲା ହତ୍ୟା । ଅଭିଯୁକ୍ତ ଜଣଙ୍କ ବିହାର ରାଜ୍ୟର ହରିଶ ରାମ ବୋଲି ଜଣା ପଡ଼ିଥିବା ବେଳେ ସେ ମୁନିଗୁଡା ଅଞ୍ଚଳରେ ମେଗା ପ୍ରୋଜେକ୍ଟ ପାଣି ଟାଙ୍କିରେ ଶ୍ରମିକ ଭାବରେ କାମ କରୁଥିଲା। ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରି ଫେରାର ହୋଇଯାଇଥିବା ବେଳେ ଦିଲ୍ଲୀରୁ ଗିରଫ କରିଥିଲା ମୁନିଗୁଡା ପୋଲିସ । ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ବାଇନିବସା ଜଙ୍ଗଲରୁ ଗତ ୧୭ ତାରିଖ ଦିନ ୪ର୍ଥ ଶ୍ରେଣୀ ନାବାଳିକା ମୃତ ଶବ ମିଳିବା ପରେ ମୁନିଗୁଡା ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା । ଘଟଣାକୁ ନେଇ ପରିବାର ତରଫରୁ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ମୁନିଗୁଡ଼ା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜୋରଦାର କରିଥିଲା। ଘଟଣା ଘଟିବାର ୨୪ ଦିନ ପରେ ଆଜି ମୁନିଗୁଡା ପୋଲିସକୁ ସଫଳତା ମିଳିଛି । ବିଳମ୍ବ ହେଲେ ମଧ ମୁନିଗୁଡ଼ା ପୋଲିସ ଘଟଣାର ସତ୍ୟାସତ୍ୟ ପ୍ରମାଣିତ କରିବା ସହିତ ଅଭିଯୁକ୍ତ ବିହାର ଅଞ୍ଚଳର ପାଣି ଟାଙ୍କି କର୍ମଚାରୀ ହରିଶ ରାମକୁ ଦିଲ୍ଲୀରୁ ଗିରଫ କରିଛି। ଘଟଣା ଦିନ ବାଇନବସା ଗାଆଁରେ ଭୋଜି ଖାଇ ୧୦ବର୍ଷର ନାବାଳିକା ଓ ତା ବଡ଼ଭାଇ ଘରେ ଶୋଇ ଟିଭି ଦେଖୁଥିଲେ। ଅନ୍ୟଏକ ଘରେ ତାର ବାପାମାଆ ସୋଇଥିଲେ,ବଡ଼ ଭାଇ ରାତ୍ରି ୮ଟା ବେଳକୁ ଶୋଇ ଯିବା ପରେ ନାବାଳିକା ଜଣଙ୍କ ଏକୁଟିଆ ଟିଭି ଦେଖୁଥିଲା। ରାତି ସମୟରେ ସେହି ଗାଁରେ ମେଗା ପାଣି ଟାଙ୍କିରେ ମଜୁରିଆ ଭାବେ କାମ କରୁଥିବା ବିହାର ଅଞ୍ଚଳର ସୈତାନ୍ ହରିଶ ତାଙ୍କ ଘର ସାମନାକୁ ଆସି ଝିଅକୁ ଡାକି ନେବା ସହ କିଛି ବାଟ ନେଇ ତାକୁ ନିଛାଟିଆ ଜାଗାରେ ଜୋର ଜବରଦସ୍ତ ବଳାତ୍କାର କରିଥିବା ବେଳେ ଧରା ପଡ଼ିଯିବା ଭୟରେ ହରିଶ ତାକୁ ଶ୍ୱାସ ରୁଦ୍ଧ କରିଦେଇଥିଲା । ଫଳରେ ନାବାଳିକାର ମୃତ୍ୟୁ ହୋଇଯାଇଥିଲା। ଶେଷରେ ଅଭିଯୁକ୍ତ ହରିଶ ମୃତ ନାବାଳିକାର ଶବକୁ ନେଇ ଏକ ଅପହଞ୍ଚ ଜଙ୍ଗଲ ମଧ୍ୟରେ ଡାଲ ପତ୍ର ଘୋଡାଇ ରଖିଦେଇଥିଲା। ତା ପରଦିନ ପୋଲିସ ଭୟରେ ସେ ସେଠାରୁ ରେଳ ଯୋଗେ ଦିଲ୍ଲୀ ଚାଲିଯାଇଥିବା ବିଷମକଟକ ପୋଲିସ ପ୍ରେସ ବିବୃତିରେ ଏହି ବିଷୟର ଖୁଲାସା କରିଛନ୍ତି। ଏହି ସ୍ପର୍ଶ କାତର ଘଟଣାକୁ ଦକ୍ଷିଣାଞ୍ଚଳ ଡିଆଇଜି ଚରଣ ସିଂ ମୀନା,ରାୟଗଡ଼ା ଏସ ପି ହରିସ ବିସି ଗୁରୁତ୍ୱ ଦେବା ସହିତ ତଦନ୍ତକୁ ଉଭୟ ପରିଚାଳିତ କରିଥିଲେ। ପୋଲିସ ତଦନ୍ତ କରିବା ସହିତ ପ୍ରତ୍ୟେକ ସନ୍ଦିଗ୍ଧ ମାନଙ୍କୁ ଆଣି ଜେରା କରିଥିଲେ। ପରେ ସେହି ଗାଁରେ ଏହି ଘଟଣା ପରେ ଜଣେ ପାଣି ଟାଙ୍କି କର୍ମଚାରୀର ଅନୁପସ୍ଥିତ ପୋଲିସର ସନ୍ଦେହ ସୃଷ୍ଟି ହୋଇଥିଲା। ସେହି ବ୍ୟକ୍ତିର ଫୋନ ଟେପିଂ କରିବା ବେଳେ ସେ ବିଭିନ୍ନ ଲୋକଙ୍କୁ ପଚାରୁଥିଲା ପୋଲିସ ଆସିଛି କି କଣ ପଚାରୁଛି ବୋଲି ତେଣୁ ପୋଲିସର ସନ୍ଦେହ ଘନୀଭୂତ ହୋଇଛି । ଏହି ବିଷୟକୁ ଆଧାର କରି ଶେଷରେ ଆସାମୀକୁ ଦିଲ୍ଲୀରୁ ଧରିବାରେ ପୋଲିସ ସକ୍ଷମ ହୋଇ ପାରିଛି। ତେବେ ଚନ୍ଦ୍ରପୁର ଲକ୍ଷ୍ମୀ ମାଝୀ ହତ୍ୟା ଘଟଣାର ଗୁମର କେବେ ଖୋଲିବ ପୋଲିସ ବୋଲି ସାଧାରଣରେ ଦାବି ହେଉଛି।



## କାଳ ବୈଶାଖୀରେ ଭାଙ୍ଗିଲା କୁକୁଡ଼ା ଫାର୍ମ, ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି



ନୂଆପଡ଼ା/ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ଦେଖାଦେଇଛି କାଳ ବୈଶାଖୀର ତାଣ୍ଡବ। ଲୋକଙ୍କ ଧନ ଜୀବନ ନଷ୍ଟ ହୋଇ ଲକ୍ଷାଧିକ ଟଙ୍କାର କ୍ଷୟ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ମାଖାପଦର ପଞ୍ଚାୟତ ଅନ୍ତର୍ଗତ କୋପିଆ ଠାରେ ଥିବା ଏକ କୁକୁଡ଼ା ଫାର୍ମ କାଳ ବୈଶାଖୀର ପ୍ରଭାବରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ନଷ୍ଟ ହୋଇଯାଇଛି । ପ୍ରାୟ କୋଟିଏ ଟଙ୍କାର କ୍ଷୟକ୍ଷତି ହୋଇଥିବା ପ୍ରକାଶ କରିଛନ୍ତି କୁକୁଡ଼ା ଫାର୍ମ ଯୋଗିବାହାଲ ଗ୍ରାମର ସଂଯୁକ୍ତା ମେହେର। ଗତ ୬ ମାସ ହେବ ଉକ୍ତ ଫାର୍ମ ଆରମ୍ଭ ହୋଇଥିବା ବେଳେ ମାତ୍ର ଦୁଇ ବେଚ କୁକୁଡ଼ା ଉତ୍ପାଦନ ହୋଇଥିବା ସେ ପ୍ରକାଶ କରିଛନ୍ତି। ଉକ୍ତ ଫାର୍ମ ସତର ହଜାର ଚିଆଁ କ୍ଷମତା ବିଶିଷ୍ଟ ହୋଇଥିବା ବେଳେ ପ୍ରାୟ ୧୪ ହଜାର ଚିଆଁ ରଖାଯାଇଥିଲା। ଶନିବାରର କାଳ ବୈଶାଖୀରେ ସମ୍ପୂର୍ଣ୍ଣ ଭାବେ ଚିଆଁ କାନ୍ଥ ଏବଂ ଆଜବେଷ୍ଟର ତଳେ ଚାପି ହୋଇ ମରିଯାଇଥିବା ଜଣାପଡିଛି । କୁକୁଡ଼ା ଫାର୍ମ ମାଲିକଙ୍କ କହିବା ଅନୁଯାୟୀ ପ୍ରାୟ ୬୦ରୁ ୭୦ ଲକ୍ଷ ବ୍ୟୟ ଅଟକଳରେ ଉକ୍ତ ଫାର୍ମ ନିର୍ମାଣ କରାଯାଇଥିଲା। ଚିଆଁ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ହିସାବ କରାଗଲେ ଆନୁମାନିକ ପ୍ରାୟ ଏକ କୋଟି ଟଙ୍କାର କ୍ଷୟ କ୍ଷତି ହୋଇଥିବା କୁହାଯାଇଛି । ଉକ୍ତ କୁକୁଡ଼ା ଫାର୍ମ ନିଜସ୍ୱ ପାଣ୍ଠିରେ କରିଥିବା ବେଳେ ଏଭଳି କ୍ଷତିରେ ସେ ଭାଙ୍ଗି ପଡିଛନ୍ତି। ପ୍ରଶାସନ ଏଦିଗରେ ଦୃଷ୍ଟି ଦେଇ ସରକାରୀ ସହାୟତା ଯୋଗାଇଦେବାକୁ ନିବେଦନ କରିଛନ୍ତି।

# ଖଟଖଟିଆ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକୋତ୍ସବ



କନ୍ଧମାଳ,(ସବ୍ୟୁ) : ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ଅନ୍ତର୍ଗତ ଖଟଖଟିଆ ଗ୍ରାମ ପଞ୍ଚାୟତ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକୋତ୍ସବ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସକାଳେ ମା ପଣ୍ଡେଇଙ୍କ ପୀଠରେ ପୂଜାର୍ଚ୍ଚନା ପରେ ନାମ ସଂକୀର୍ତ୍ତନ ସହ ଏକ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା ପରେ ଉତ୍ସବ ମଣ୍ଡପରେ ପହଞ୍ଚିଥିଲା । ସମାଜସେବୀ ବିଜିତ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବାର୍ଷିକୋତ୍ସବର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମଧ୍ୟାହ୍ନରେ ସମସ୍ତ ଅପା,ଭାଇମାନଙ୍କୁ ନେଇ ଏକ ପାଠ୍ୟଚକ୍ର ଅନୁଷ୍ଠିତ ହୋଇଥିଲା । ଭଉଣୀ ସାଗରିକା ପ୍ରଧାନ ଦୁର୍ଗା ସ୍ତୋତ୍ର ଓ ମାତୃ ମନ୍ତ୍ର ଆବୃତ୍ତି ଓ ଜିଲ୍ଲା ସଂଯୋଜକ ରାମ ପ୍ରସାଦ କର୍ଣ୍ଣ ସ୍ୱାଗତ ଅଭିଭାଷଣ ରଖିଥିଲେ । ଆଲୋଚକ ଭାବେ ଗୌରୀ ପ୍ରସାଦ ସାହୁ, ବିରେନ୍ଦ୍ର ଭୂଷଣ ମେଣ୍ଡିଲି, ଦିଲ୍ଲୀପ କୁମାର କର୍ଣ୍ଣ ପ୍ରମୁଖ ଯୋଗଦେଇ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ସଂଧ୍ୟାକାଳୀନ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟଅତିଥି ଓ ଭଞ୍ଜନଗର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବିବେକ ଭାଇ ମୁଖ୍ୟ ବକ୍ତା ଏବଂ ରାମ ପ୍ରସାଦ କର୍ଣ୍ଣ, ସମାଜସେବୀ ରାଧାକାନ୍ତ ମହାଳିକ , ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟା ପୀଠର ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନି ଖେତୀ, ସିଆରସିସି ଶଶାଙ୍କ ପୋଡ଼, ସ୍କୁଲ ପରଚାଳନା ସଭାପତି ଗଣେଶ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ଉପଦେଷ୍ଟା ରଂଜନ କୁମାର ପାତ୍ର ସଭା ସଂଯୋଜନା ଓ ସୁରେନ୍ଦ୍ର କର୍ଣ୍ଣ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସ୍କୁଲ ଅଧକ୍ଷ ଜଗନ୍ନାଥ ଖେତି,ସଂପାଦକ ଲଳିତ କୁମାର ବଡ଼ିଆ, ନେପାଳ ଚନ୍ଦ୍ର ପଲିଆ, ସତ୍ୟ ନାରାୟଣ ଖେତି, ସୁମିତ ସାହୁ,ମନୋଜ ସେଠୀ, ଗୁପ୍ତେଶ୍ୱର ଖେତି,ସଙ୍ଗୀତା ଅପା ,କଲ୍ୟାଣୀ, ଅନୁଷୟା,ମମତା ପ୍ରମୁଖ ସହଯୋଗ କରିଥିଲେ ।

# ପ୍ରିଜାଇଡିଂ ଅଧିକାରୀ, ପ୍ରଥମ ପୋଲିଂ ଅଧିକାରୀଙ୍କ ତାଲିମ

ଭବାନୀପାଟଣା,(ସବ୍ୟୁ): ଚଳିତ ସାଧାରଣ ନିର୍ବାଚନ-୨୦୨୪ ନିମନ୍ତେ ଜିଲ୍ଲାରେ ପ୍ରିଜାଇଡିଂ ଅଧିକାରୀ ଏବଂ ପ୍ରଥମ ପୋଲିଂ ଅଧିକାରୀଙ୍କୁ ନେଇ ନିର୍ବାଚନ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।ଏହି କ୍ରମରେ ଭବାନୀପାଟଣା ଉପଖଣ୍ଡ ଅନ୍ତର୍ଗତ ସରକାରୀ ମହିଳା ମହାବିଦ୍ୟାଳୟ ରେର ଏବଂ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟରେ ମୋଟ ୧୭୬ ଜଣ ଏବଂ ଧର୍ମଗଡ ଉପଖଣ୍ଡ ଅନ୍ତର୍ଗତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ମୋଟ ୯୩ ଜଣ ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି । ଜିଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପି ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଏଏଲଏମଟି ଓ ଡିଏଲଏମଟି ରୂପେ ନିୟୋଜିତ ବି ଡି ଓ ,ତହସିଲଦାର ଓ ଅନ୍ୟ ଅଧିକାରୀ ତାଲିମ ପ୍ରଦାନ କରୁଛନ୍ତି । ତାଲିମ କାର୍ଯକ୍ରମରେ ମୁଖ୍ୟତଃ ମହିଳା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ ମାନେ ଭାଗ ନେଇଛନ୍ତି । ଏହା ସହିତ ସଖୀ ବୁଥ ପରିଚାଳନା କରିବା ପାଇଁ ତାଲିମ ନେଉଛନ୍ତି । ସେମାନେ କିପରି ବ୍ୟବସ୍ଥିତ ଭାବେ ବୁଥ୍ ପର୍ଯ୍ୟନ୍ତ ଯିବେ, ଇଭିଏମ ଓ ଭି ଭି ପାଟ ମେସିନ୍‌ର ସଂଯୋଗ ଓ କାର୍ଯ୍ୟକାରିତା, କଣ୍ଟ୍ରୋଲ ୟୁନିଟର ବ୍ୟବହାର,ଭୋଟ ଦାନ ପ୍ରକ୍ରିୟାକୁ ଶୃଙ୍ଖଳିତ, ସେକ୍ଟର ଅଧିକାରୀଙ୍କୁ ସୂଚନା ଓ ଯୋଗାଯୋଗ ଉପରେ ବିଶେଷ ତାଲିମ ନେଇଛନ୍ତି । ଭବାନୀପାଟଣା ଉପଖଣ୍ଡ ସରକାରୀ ମହିଳା ମହାବିଦ୍ୟାଳୟ ପାଇଁ ସି ଡି ଓ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ ଏବଂ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପାଇଁ ଭବାନୀପାଟଣା ଉପ ଜିଲ୍ଲାପାଳ ଡ଼. ବିଶ୍ୱଜିତ ଦାସ, ଧର୍ମଗଡ ଉପଖଣ୍ଡ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପାଇଁ ଧର୍ମଗଡ ଉପ ଜିଲ୍ଲାପାଳ ଧୀମନ ଚକମା ଏବଂ ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ର ପ୍ରତ୍ୟକ୍ଷ ଭାବେ ପରିଚାଳନା କରୁଛନ୍ତି ।

# ଜଳମଗ୍ନ ପଦ୍ମପୁର ହିଁ ମହାନ୍ କବି ଭବଭୂତିଙ୍କ ଠିକଣା



ସମ୍ବଲପୁର,(ସବ୍ୟୁ): ଶ୍ରୀକଣ୍ଠ ଭବଭୂତି ଜଣେ ମହାନ୍ ସଂସ୍କୃତ କବି । ସେ ଉତ୍ତର ରାମଚରିତ, ମାଳତୀ ମାଧବଂ ଓ ମହାବୀର ଚରିତ ଭଳି ସଂସ୍କୃତ ନାଟକ ରଚନା କରିଥିଲେ । ବେଦ, ବେଦାନ୍ତ, ଉପନିଷଦ, ସାଙ୍ଖ, ଯୋଗଦର୍ଶନ ଓ ଶବ୍ଦ ଶାସ୍ତ୍ରରେ ବେଶ୍ ନିପୁଣ ଥିଲେ। ତେଣୁ ଭବଭୂତି କନୌଜ ରାଜ କବି ଆଖ୍ୟା ପାଇଥିଲେ। ଅନେକ ଗବେଷକ ତାଙ୍କୁ ଉତ୍ତର ଭାରତର ମୂଳ ବାସିନ୍ଦା ବୋଲି କହିଛନ୍ତି। ମାତ୍ର ଏହା ଏକ ଭୌଗୌଳିକ ପରିଚୟ ଅଟେ। ଐତିହାସିକ ପ୍ରମାଣ ଅନୁଯାୟୀ ଭବଭୂତି ସମ୍ବଲପୁରର ହୀରାକୁଦ ନଦୀବନ୍ଧରେ ଜଳମଗ୍ନ ପଦ୍ମପୁରର ବୋଲି ଐତିହାସିକମାନେ ମତ ଦେଇଛନ୍ତି।

ଗବେଷକ ଦୀପକ କୁମାର ପଣ୍ଡାଙ୍କ ଗବେଷଣା ଅନୁଯାୟୀ, ଭବଭୂତି ନିଜେ ଦକ୍ଷିଣ ପଥର ପଦ୍ମପୁରରେ ଜନ୍ମଗ୍ରହଣ କରିଥିଲେ । ଭୌଗୋଳିକ ଦୃଷ୍ଟିରୁ ଭାରତ ସେ ସମୟରେ ଉତ୍ତର ଦେଶ, ମଧ୍ୟଦେଶ, ଦକ୍ଷିଣ ପଥ ଭାବରେ ବିଭାଜିତ ଥିଲା। କିଛି ଗବେଷକ ମହାରାଷ୍ଟ୍ରର ବିଦର୍ଭରେ ଥିବା ପଦ୍ମପୁରକୁ ଭବଭୂତି ଉଲ୍ଲେଖ କରିଥିବା ପଦ୍ମପୁର ବୋଲି କୁହାଯାଏ। ମାତ୍ର ଦକ୍ଷିଣ ଦେଶ ପ୍ରକୃତରେ ମଧ୍ୟପ୍ରଦେଶର ସାହାଡ଼ୋଲ ଅଞ୍ଚଳରୁ ଆରମ୍ଭ ହୋଇଥିଲା। ଯାହାକି ଦକ୍ଷିଣ ପଥର ପଦ୍ମପୁର ହେଉଛି ସମ୍ବଲପୁରର ପଦ୍ମପୁର। ଏଠାରେ ସନ୍-କେଲେ। ଓ ମହାନଦୀର ମୁହାଣ ସ୍ପଷ୍ଟ ଭାବରେ ଦୃଶ୍ୟମାନ୍ ହୋଇଥାଏ । ସେହି ପଦ୍ମପୁର ହୀରାକୁଦ ନଦୀବନ୍ଧରେ ପ୍ଲାବିତ ହୋଇଛି। ତେବେ ଗ୍ରୀଷ୍ମ ଋତୁରେ ଜଳସ୍ତର ହ୍ରାସ ପାଇଲେ ହୀରାକୁଦ ହ୍ରଦ ମଧ୍ୟରେ ଥିବା ମହାଦେବପାଲିରେ ପଦ୍ମାସେନୀ ଓ ଅନ୍ୟାନ୍ୟ ମନ୍ଦିରର ଢ଼ାଞ୍ଚା ଦେଖିବାକୁ ମିଳେ। ମୋଟ ୬ଟି ମନ୍ଦିର ଦୃଶ୍ୟମାନ ହେଉଛି । ଏହା ମହାନଦୀର ଉପର ମୁଣ୍ଡରେ ଥିବା ଝାରସୁଗୁଡ଼ା ଜିଲ୍ଲାର ଲଖନପୁର, କନକତୋରା ରାସ୍ତାର କପିଳାପୁରରେ ପଦ୍ମପୁର ରହିଛି ବୋଲି ସେ ମତ ଦେଇଛନ୍ତି। ତେଣୁ ଏହି ଅଞ୍ଚଳ ମହାନ୍ କବିଙ୍କ ଜନ୍ମସ୍ଥାନ ବା ଠିକଣା ବୋଲି ଯୁକ୍ତି ବାଢିଛନ୍ତି ।

## ହତ୍ୟା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପାହାଣିପଦର ଗ୍ରାମରେ ଘଟିଥିବା ଏକ ହତ୍ୟା ଘଟଣାର ରାୟ ପ୍ରକାଶ ପାଇଛି। ଜିଲ୍ଲା ଦୌରା ଜଜ ଦୀପ୍ତି ରଞ୍ଜନ କାନୁନଗୋ ମୋଟ ୧୭ ଜଣ ସାକ୍ଷୀ ଓ ଅନ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ କାନ୍ଦ୍ରା ମାଝୀ(୩୪)ଙ୍କୁ ଧାରା ୩୦୨ ରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜିଲ୍ଲା ଜଜ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ ସହ ୨୦,୦୦୦ ଟଙ୍କା ଜୋରିମାନା, ଏବଂ ଜୋରିମାନା ଅନାଦେୟ ହେଲେ ଆଉ ୬ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ କାନ୍ଦ୍ରା ମାଝୀ ତାଙ୍କ ପତ୍ନୀ ଆନ୍ଦ୍ରାଣୀ ମାଝୀକୁ ଗତ ୧୯ ଅକ୍ଟୋବର ୨୦୧୮, ଭୋର୍ ୪ଟା ବେଳେ ପାଣି ମାଗିଥିଲେ। ସ୍ତ୍ରୀ ମନା କରିବାରୁ ଏକ ପାହାରୁନ ବାଡିରେ ମୁଣ୍ଡରେ ତା'ର ବାରମ୍ବାର ପିଟିଥିବାରୁ ଆନ୍ଦ୍ରାଣୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଭବାନୀପାଟଣା ସଦର ଥାନାରେ ଏତଲା ହୋଇଥିଲା। ସଦର ଥାନା ଏଫ୍.ଆଇ.ଆର୍ ନମ୍ବର ୦୦୪୮, ୧୯ ଅକ୍ଟୋବର ୨୦୧୮ ରେ ରୁଜୁ କରାଯାଇ ୨୨ ତାରିଖରେ ପୋଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲେ।

# ଅବକାଶ ସାହୁ ଧରିଲେ ଶଙ୍ଖ




ବୌଦ୍ଧ,(ସବ୍ୟୁ): ବିଶିଷ୍ଟ ଶ୍ରମିକ ନେତା ତଥା ନଅ ନମ୍ବର ଜୋନର ଜିଲ୍ଲା ପରିଷଦର ପୂର୍ବତନ ସଦସ୍ୟ ଅବକାଶ ସାହୁ ଆଜି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ଭୁବନେଶ୍ୱର ଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଶ୍ରୀ ସାହୁ ତାଙ୍କ ସମର୍ଥକମାନେ ବିଜେଡିରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ଜିଲ୍ଲାର ପ୍ରାୟ ଦୁଇଶହ ସମର୍ଥକ ବିଜେଡିରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ବୌଦ୍ଧ ବିଧାୟକ ତଥା ଜଙ୍ଗଲ ଓ ପରିବେଶ,ପଂଚାୟତରାଜ, ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ,ସାଂସଦ ସସ୍ମିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ଲକ୍ ଅଧ୍ୟକ୍ଷଙ୍କ ପିତୃ ବିୟୋଗ

ଭବାନୀପାଟଣା,(ସବ୍ୟୁ): ଭବାନୀପାଟଣା ବ୍ଲକ ଅଧକ୍ଷ ପ୍ରଫୁଲ୍ଲ ସାହୁଙ୍କ ପିତା ତ୍ରିନାଥ ସାହୁ (୭୨)ଙ୍କ ପରଲୋକ ଘଟିଛି । ସ୍ୱର୍ଗତ ସାହୁ କିଛିଦିନ ହେଲା ଅସୁସ୍ଥତା କାରଣରୁ ବିଶାଖାପାଟଣାଠାରେ ଚିକିତ୍ସିତ ହେଉଥିଲେ । ଘରକୁ ଆସିବା ପରେ ପୁଣି ଦେହ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।ସ୍ୱର୍ଗତ ସାହୁ ଜଣେ ଅଞ୍ଚଳର ଜଣାଶୁଣା ବ୍ୟକ୍ତି ଥିଲେ । ସେ ବୋର୍ଡ ସେବା ସମବାୟ ସମିତିରେ ଚାକିରୀ କରିଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ତାଙ୍କର ଏକମାତ୍ର ପୁଅ ବ୍ଲକ ଅଧକ୍ଷ ଶ୍ରୀ ସାହୁ ମୁଖାଗ୍ନି ଦେଇଥିଲେ । ତାଙ୍କ ଦାହ ସଂସ୍କାର କାର୍ଯ୍ୟରେ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ରେଢ଼ାଖୋଲ,(ସବ୍ୟୁ): ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଡଃ.ମନୋରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କାର୍ଯ୍ୟାଳୟ ସହାୟିକା ଶାନ୍ତିଲତା ପ୍ରଧାନଙ୍କୁ ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଇ ଅବସରରେ ଅଧ୍ୟାପକ ହେମାନନ୍ଦ ପ୍ରଧାନ, ସରୋଜ ଭୁଏ, ବିନୀତା ମୁର୍ମୁ,ଉମାକାନ୍ତ ବିଶ୍ୱାଳ, ଅଞ୍ଜନା ସାହୁ,ଅରୁଣ ବିଶ୍ୱାଳ, ଜିତେନ୍ଦ୍ରିୟ ପ୍ରଧାନ, ପୁରୁଷୋତ୍ତମ ବେହେରା, ଅଶୋକ ଧଳ,ଜିତେନ୍ଦ୍ରିୟ ପଣ୍ଡା, ବିବେକାନନ୍ଦ ପ୍ରଧାନ, ଅମିତ ବିଶ୍ୱାଳ, ବୈଜୟନ୍ତି ସାହୁ,ପୀତବାସ ସାହୁ ଓ ବିଜୟ ପ୍ରଧାନ ବିଦାୟୀ ଶାନ୍ତିଲତା ପ୍ରଧାନଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡଃ.ପ୍ରଶାନ୍ତ କୁମାର ଦାଶ ସଂଯୋଜନା। କରିଥିବାବଳେ ହୁସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରାମପୁର ଓକିଲ ସଂଘ ନିର୍ବାଚନ
## ପ୍ରଫୁଲ୍ଲ ସଭାପତି, କୃଷ୍ଣଚନ୍ଦ୍ର ଉପସଭାପତି ଓ ପ୍ରକାଶ ସମ୍ପାଦକ

ଏସ୍ -ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ଓକିଲ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଛି । ସଭାପତି ଏବଂ ଉପ ସଭାପତି ପଦ ପାଇଁ ବିଧିବଦ୍ଧ ଭାବେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଭାବେ ପ୍ରକାଶ ପାଢ଼ୀ , ସହ ସମ୍ପାଦକ ଭାବେ ପ୍ରତାପ ଭୋଇ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ତେବେ ଶନିବାର ସଭାପତି ଏବଂ ଉପସଭାପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ସଭାପତି ଭାବେ ପ୍ରଫୁଲ୍ଲ ମେହେର ଏବଂ ଉପସଭାପତି ଭାବେ କୃଷ୍ଣଚନ୍ଦ୍ର ବଗର୍ତ୍ତୀ ନିର୍ବାଚିତ ହୋଇଥିବା ସୂଚନା ଦେଇଛନ୍ତି ନିର୍ବାଚନ ଅଧିକାରୀ ମନୋଜ କୁମାର ପଣ୍ଡା । ନିବାଚନ ଅଧିକାରୀ ଭାବେ ମନୋଜ କୁମାର ପଣ୍ଡା ଏବଂ ସହ ନିର୍ବାଚନ ଅଧିକାରୀ ଭାବେ ଶାନ୍ତନୁ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଗଣଙ୍କୁ ସଂଘର ବରିଷ୍ଠ ସଦସ୍ୟ ଆନନ୍ଦ ପାଢ଼ୀ, ପୂର୍ବତନ ସଭାପତି ଦେବାନନ୍ଦ ସାହୁ, ସଚ୍ଚିଦାନନ୍ଦ ସାହୁ , ଅଶୋକ ପୂଜାରୀ, ଶଙ୍କର ପଧାନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ପୁଲିସକୁ ଖଣ୍ଡାରେ ଆକ୍ରମଣ ଉଦ୍ୟମ କରି ଯୁବକ ଗିରଫ

ବୌଦ୍ଧ,(ସବ୍ୟୁ): ପୁଲିସକୁ ଆକ୍ରମଣ ଉଦ୍ୟମ କରି ଜଣେ ଯୁବକ ଗିରଫ ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନା ମୁତାବକ ରବିବାର ଦିନ ପୁଲିସ ଟିମ ପେଟ୍ରୋଲିଂ କରୁଥିବା ସମୟରେ ସହରର ବାପୁଜୀନଗରଠାରେ ରୋହିତ କୁମ୍ଭାର(୩୬) ନାମକ ଜଣେ ଯୁବକ ହଠାତ ଖଣ୍ଡା ଧରି ସେମାନଙ୍କୁ ଆକ୍ରମଣ ଉଦ୍ୟମ କରିଥିଲା। କିନ୍ତୁ ପୁଲିସ କର୍ମଚାରୀମାନେ ତାକୁ କାବୁ କରିନେଇ ଖଣ୍ଡାକୁ ଜବତ କରିଥିଲେ। ବୌଦ୍ଧଥାନା କେସ ନମ୍ବର ୧୪୭/୨୪ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଥାଉକି ସଂପୃକ୍ତ ଯୁବକ ଦୁଇଦିନ ତଳେ ସହରର ସାନ୍ଧ୍ୟ ଭ୍ରମଣ କରୁଥିବାବେଳେ ନୂଆସାହି କୋର୍ଟ ଛକ ନିକଟରେ ଜଣେ ମହିଳାଙ୍କୁ ଖଣ୍ଡାରେ ଆକ୍ରମଣ କରି ରକ୍ତାକ୍ତ କରି ଫେରାର ହୋଇଯାଇଥିଲା। ସଂପୃକ୍ତ ମହିଳା ବର୍ତମାନ ଗୁରୁତର ଅବସ୍ଥାରେ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଏହି ଘଟଣାକୁ ନେଇ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ଉପରେ ଚାପ ବଢୁଥିବାବେଳେ ଆଜି ଅଭିଯୁକ୍ତ ପୁଲିସକୁ ଆକ୍ରମଣ ଉଦ୍ୟମ କରି ଗିରଫ ହୋଇଛି।

# କଣ୍ଟାବାଞ୍ଜି ଓକିଲ ସଂଘ ନିର୍ବାଚନ
## ପ୍ରଫୁଲ୍ଲ ସଭାପତି, ଏସ.ଜଗନ୍ନାଥ ରାଓ ସମ୍ପାଦକ

କଣ୍ଟାବାଞ୍ଜି,(ସବ୍ୟୁ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଓକିଲ ସଂଘର ନିର୍ବାଚନ ଶନିବାର ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ସଂଘର ବିଭିନ୍ନ ପଦ ପଦବୀ ପାଇଁ ନିର୍ବାଚନ ହେବାକୁ ଥିବା ବେଳେ ଉପସଭାପତି ଶୈଳେନ୍ଦ୍ର ନାରାୟଣ ବେହେରା ଏବଂ ସହ ସମ୍ପାଦକ ନବୀନ କୁମାର ଦୀପ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ମନୋନିତ ହୋଇଥିଲେ । କେବଳ ସଭାପତି ଏବଂ ସାଧାରଣ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହୋଇଥିଲା । ସଭାପତି ଭାବେ ପ୍ରଫୁଲ୍ଲ କୁମାର ନାୟକ ଏବଂ ସମ୍ପାଦକ ଭାବେ ଏସ.ଜଗନ୍ନାଥ ରାଓ ନିର୍ବାଚିତ ହୋଇଥିଲେ । ସଂଘର କାର୍ଯ୍ୟକାରୀ ସଭ୍ୟ ଭାବେ କାନନ କିଶୋର ପଣ୍ଡା, ସମିମ ଖାନ, ଭକ୍ତଚରଣ ବାଗ, ବ୍ରଜଶ୍ୟାମ ଗୁରୁ ,ମନୋଜ କୁମାର ଦାଶ, ଦେବାଶିଷ ମିଶ୍ର,ଦାମୋଦର ସାହୁ,ପର୍ଶୁରାମ ସଗରିଆ, ସହଦେବ ନାଗ,ହିତେନ୍ଦ୍ର ଶର୍ମା.ଅରୁଣ ବାଗ ନିର୍ବାଚିତ ହୋଇଥିଲେ । ସଂଘର ମୋଟ ୮୬ଜଣ ସଭ୍ୟା/ସଭ୍ୟ ମାନଙ୍କ ମଧ୍ୟରେ ୮୩ଜଣ ସଭ୍ୟା/ସଭ୍ୟ ଏହି ନିର୍ବାଚନରେ ଅଂଶ ଗ୍ରହଣ କରିଥିଲେ । ନିର୍ବାଚନକୁ ବରିଷ୍ଠ ଆଇନଜୀବୀ କାନନ କିଶୋର ପଣ୍ଡା ଓ ଜଗନ୍ନାଥ ନାୟକ ପରିଚାଳନା କରିଥିଲେ ।

# କଳାହାଣ୍ଡି ଓକିଲ ସଂଘ ନିର୍ବାଚନ
## ସୁଧାଂଶୁ ସଭାପତି, ସନ୍ତୋଷ ସମ୍ପାଦକ



ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଓକିଲ ସଂଘ ,ଭବାନୀପାଟଣାର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସୁଧାଂଶୁ ଶେଖର ନନ୍ଦ ସଭାପତି ଓ ସନ୍ତୋଷ କୁମାର ସାହୁ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି । କଳାହାଣ୍ଡି ଓକିଲ ସଂଘ ,ଭବାନୀପାଟଣା ନୂତନ କର୍ମକର୍ତ୍ତା ନିର୍ବାଚନ ୩୦ ତାରିଖ ଅନୁଷ୍ଠିତ ହୋଇଯାଇଛି । ସେହିପରି ସମ୍ପାଦକ ଭାବରେ ସନ୍ତୋଷ କୁମାର ସାହୁ ,ଉପସଭାପତି ଗଣପତି ନାଏକ , ଯୁଗ୍ମ ସମ୍ପାଦକ ସୁଧାଂଶୁ ଶେଖର ନାଏକ ନିର୍ବାଚନ ହୋଇଛନ୍ତି ।

## ମତଦାତାଙ୍କୁ ସଚେତନତା ପାଇଁ ଶୋଭାଯାତ୍ରା

ମାଲକାନଗିରି,(ସବ୍ୟୁ): ଜିଲ୍ଲା ପ୍ରଶାସନ ପକ୍ଷରୁ ମତଦାତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନେଇ ସଦର ମହକୁମାରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସଚିନ୍ ପାୱାର ଏହି ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ । ସହରାଞ୍ଚଳ ମତଦାତାଙ୍କ ଅନୁପାତ ବୃଦ୍ଧି, ସ୍ୱତନ୍ତ୍ର ମତଦାତା ଯେପରି କି ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ କିନ୍ନର ଗୋଷ୍ଠୀଙ୍କ ଅଧିକରୁ ଅଧିକ ମତଦାନ ପ୍ରକ୍ରିୟାରେ ଅଂଶଗ୍ରହଣ ଏବଂ ଯୁବ ମତଦାତାଙ୍କ ମଧ୍ୟରେ ସଚେତନତା କରିବା ଶୋଭାଯାତ୍ରାର ଆଭିମୁଖ୍ୟ ବୋଲି ଜିଲ୍ଲାପାଳ କହିଛନ୍ତି। ମତଦାନ ମାଧ୍ୟମରେ ଏକ ସୁସ୍ଥ ଗଣତନ୍ତ୍ର ଗଠନରେ ସାମିଲ ହେବା ନିମନ୍ତେ ଶ୍ରୀ ପାୱାର ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ଝାରସୁଗୁଡା ସେଣ୍ଟ ଥୋମାସ ସ୍କୁଲ ଛାତ୍ରୀ ରାଧିକା ହେଲେ ଡାକ୍ତରାଣୀ



ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡା ସେଣ୍ଟ୍ ଥୋମାସ ସ୍କୁଲର ଛାତ୍ରୀ ରାଧିକା ମୋର୍ ଏହି ସ୍କୁଲରେ ପ୍ରଥମ କ୍ଲାସରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢି ଥିଲେ । ଦଶମ ପାଶ କରି ଝାରସୁଗୁଡା ଜିଲ୍ଲାରେ ଆଇସିଏସ୍‌ସି ୨୦୧୭ ରେ ଟପ୍ପର ହୋଇଥିଲେ। ପରେ ୧୧, ୧୨ କ୍ଲାସ ଚନ୍ଦ୍ରଶେଖରପୁର ଡି.ଏ.ଭି ରେ ପାଠ ପଢି ୯୬.୩ % ପାଶ କରିଥିଲେ। ସେହି ବର୍ଷ ନିଟ୍ ପରୀକ୍ଷାରେ ପାଶ କରି କଟକ ସରକାରୀ ଏସ୍‌ସିବି ମେଡିକାଲ କଲେଜରେ ମେଡିକାଲ ପଢି ଥିଲେ। ମେଡିକାଲ ପରୀକ୍ଷାରେ ଫଳ ପ୍ରକାଶ ପାଇବା ପରେ ସ୍କୁଲର ଛାତ୍ର,ଛାତ୍ରୀ, ସ୍କୁଲର ଅଧ୍ୟକ୍ଷା ଶିବା ଡାନିୟଲ , ପରିବାର ବର୍ଗ ଏବଂ ସହର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଡଃ ରାଧିକା ମୋରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଡଃ ରାଧିକା ମୋର ଝାରସୁଗୁଡା ଜିଲ୍ଲା ବରିଷ୍ଠ ନାଗରିକ ସଂଘର ପୂର୍ବତନ ସଭାପତି ଅର୍ଜ୍ଜୁନ ଲାଲା ମୋରଙ୍କ ନାତୁଣୀ । ତାଙ୍କ ବାପା ମନୋଜ ମୋର ଓ ମା ରେଖା ମୋରଙ୍କ ଝିଅ ଅଟନ୍ତି। ଡଃ ରାଧିକାଙ୍କୁ ପଚାରିବାରୁ ସେ କହିଲେ ସମାଜରେ ବାସବାସ କରୁଥିବା ଗରିବ ଶ୍ରେଣୀର ବ୍ୟକ୍ତିମାନଙ୍କର ସେବା କରିବା ତାଙ୍କର ମୂଳ ଲକ୍ଷ୍ୟ ।

## ଜିଲ୍ଲାସ୍ତରରେ ଏମ୍‌ସିଏମ୍‌ସି ଗଠିତ
# ରାଜନୈତିକ ବିଜ୍ଞାପନ, ପେଡ ନ୍ୟୁଜ,ସରୋଗେଟ ନ୍ୟୁଜ୍ ଉପରେ ନଜର

ବରଗଡ଼,(ସବ୍ୟୁ): ଆଗାମୀ ସାଧାରଣ ନିର୍ବାଚନ ଅବଧିରେ ନିର୍ବାଚନ ସମ୍ବନ୍ଧୀୟ ବିଜ୍ଞାପନ ଗୁଡିକୁ ପ୍ରମାଣୀକୃତ କରିବା ସହ ପେଡ ନ୍ୟୁଜ ଏବଂ ସରୋଗେଟ ନ୍ୟୁଜ ଗୁଡିକୁ ତଦାରଖ ନିମନ୍ତେ ଜିଲ୍ଲାସ୍ତରରେ ମିଡ଼ିଆ ସାର୍ଟିଫିକେସନ ଓ ମନିଟରିଂ କମିଟି (ଏମସିଏମସି) ଗଠନ କରାଯାଇଛି । ଉକ୍ତ ସେଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିଷରରେ କାର୍ଯ୍ୟକରୁଛି । ବରଗଡ଼ ଜିଲ୍ଲା ଏମସିଏମସିର ଅଧକ୍ଷ ଜିଲାପାଳ ଆଦିତ୍ୟ ଗୋୟଲ ଥିବାବେଳେ, ସଦସ୍ୟ ଭାବେ ବରଗଡ଼ ଉପଜିଲ୍ଲାପାଳ କୁମାର ନାଗଭୁଷଣ, ସୋସିଆଲ୍ ମିଡିଆ ଏକ୍ସପୋର୍ଟ ତଥା ଜିଲ୍ଲା ଏନଆଇସି ଅଧିକାରୀ ରାଜା ରାମମୋହନ ମାଝୀ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲ ମେମ୍ବର ସେକ୍ରେଟାରୀ ଭାବେ କାର୍ଯ୍ୟ କରୁଛନ୍ତି । ରାଜନୈତିକ ବିଜ୍ଞାପନର ପ୍ରାକ ସାର୍ଟିଫିକେସନ କରିବା ସହ ଦେୟ ପ୍ରଦାନ କରାଯାଇଥିବା ଖବର (ପେଡ ନ୍ୟୁଜ) ତଦାରଖ ଏବଂ ନିର୍ବାଚନ ସମୟରେ ଗଣମାଧ୍ୟମ ପକ୍ଷରୁ ହେଉଥିବା ଉଲଙ୍ଘନ ଉପରେ ନଜର ରଖିବା ସହିତ ନୀୟମ ଉଲଙ୍ଘନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପାରିଶ କରିବା ଏହି ସେଲର ମୁଖ୍ୟ କାର୍ଯ୍ୟ । ପ୍ରାର୍ଥୀଙ୍କର ପ୍ରାକ ସାର୍ଟିଫିକେସନ ଆବେଦନକୁ ଜିଲ୍ଲାସ୍ତରୀୟ ଏମସିଏମସି କମିଟି ଗ୍ରହଣ କରୁଥିବା ବେଳେ ପଞ୍ଜୀକୃତ ରାଜନୈତିକ ଦଳ ଗୁଡିକର ଆବେଦନ ରାଜ୍ୟସ୍ତରୀୟ ଏମସିଏମସି କମିଟି ଗ୍ରହଣ କରିବ । ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ, ପଞ୍ଜୀକୃତ ରାଜନୈତିକ ଦଳ / ଗୋଷ୍ଠି / ସଂଗଠନ ନିଜ ନିର୍ବାଚନ ପ୍ରଚାର ତଥ୍ୟ, ବିଜ୍ଞାପନରର ଲେଖା, ଅଡିଓ-ଭିଜୁଆଲ କ୍ଲିପିଂ ପ୍ରସାରଣ ପୂର୍ବରୁ ଏହି କମିଟିର ମଞ୍ଜୁରୀ ବା ପ୍ରି-ସାର୍ଟିଫିକେସନ ପାଇଁ ଆବେଦନ କରିବେ । ପଞ୍ଜୀକୃତ ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ବିଜ୍ଞାପନ ପ୍ରସାରଣ ପାଇଁ ୩ ଦିନ ପୂର୍ବରୁ ଆବେଦନ କରିବାକୁ ପଡିବ । ସେହିଭଳି ଅଣପଞ୍ଜୀକୃତ ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ୭ ଦିନ ପୂର୍ବରୁ ଆବେଦନ କରିବା ଆବଶ୍ୟକ । ନିର୍ବାଚନ କମିଶନଙ୍କ ଆଦେଶ କ୍ରମେ ଜିଲ୍ଲା ସ୍ତରୀୟ ଏମସିଏମସି ପ୍ରତ୍ୟକ ଦିନ ଖବର କାଗଜ, ସାମାଜିକ ଏବଂ ବୈଦ୍ୟୁତିକ ଗମମାଧ୍ୟମରେ ଏମସିସି ନିୟମ ଉଲଘଂନ ତଥା ପେଡ ନ୍ୟୁଜ ବା ସରୋଗେଟ ନ୍ୟୁଜ ପ୍ରସାରଣକୁ ଅନୁଧ୍ୟାନ କରିବା ସହ ପ୍ରାର୍ଥୀ ଏବଂ ସଂପୃକ୍ତ ନିଉଜ ଏଜେନସିକୁ ନୋଟିସ ଦୋସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ତେଣୁ ପ୍ରାର୍ଥୀମାନେ ବିଜ୍ଞାପନ ପ୍ରକାଶନ ପୂର୍ବରୁ ଏମସିଏମସିର ସହାୟତା ନେବା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି । ପେଡ ନ୍ୟୁଜ ବା ସରୋଗେଟ ନ୍ୟୁଜ ସମ୍ପର୍କରେ ସଚେତନ ହୋଇ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି ।

# ରଣେଶ୍ୱର ରାମଚଣ୍ଡି ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ୍ ପବିତ୍ର ପୁଣ୍ୟ କ୍ଷେତ୍ର ହରିଶଙ୍କର ଠାରେ କୁଲ୍ଲୁତା ସମାଜ ପକ୍ଷରୁ ନିର୍ମିତ ରଣେଶ୍ୱର୍ ରାମ ଚଣ୍ଡି ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଗଙ୍ଗା ଆବାହନ ସହ ପବିତ୍ର ବୈଦିକ ମନ୍ତ୍ରରେ ପାପ ନାଶିନି ଝରଣାରେ ଗଙ୍ଗା ଆବାହନ ସହ ପାଣି ଭର୍ତ୍ତି କରାଯାଇଥିଲା। ଝରଣାରୁ ହଜାର ହଜାର ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ଘଣ୍ଟା ଘଣ୍ଟ,ସଙ୍କୀର୍ତ୍ତନ ସହ ନିର୍ମାଣଧୀନ ମନ୍ଦିର ପରିସରରେ ପହଞ୍ଚି ଥିଲେ । ୬ଦିନ ଧରି ଏହି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ପୂଜା କର୍ତ୍ତା ରୂପେ କୁଲ୍ଲୁତା ସମାଜ ଜିଲ୍ଲା ସଭାପତି ବେଲାର ସେନ ଭୋଇ, ଧ୍ରୁବ ଚରଣ ବିଶ୍ୱାଳ ସପତ୍ନିକ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ୧୬ ପ୍ରହର ନାମ ଯଜ୍ଞରେ କର୍ତ୍ତା ରୂପେ ଖଗେଶ୍ୱର ସାହୁ ସପତ୍ନିକ କାର୍ଯ୍ୟ ସମ୍ପାଦନ କରିବେ । ଏହି ଅବସରରେ ପୂଜକ ରୂପେ ବୈଦ୍ୟନାଥ ମିଶ୍ର ଏବଂ ଅନ୍ୟ ମାନେ ଉପସ୍ଥିତ ଥିବା ବେଳେ ମନ୍ଦିର ଟ୍ରଷ୍ଟ ସଭାପତି ଭିକାରୀ ଚରଣ ବିଶ୍ୱାଳ, ସମ୍ପାଦକ କଳା କାହ୍ନୁ ସାହୁ, ବଡଗୁର୍ଜିଭଟା ଆଞ୍ଚଳିକ କେନ୍ଦ୍ର ସଭାପତି ବାସୁଦେବ ଗଡତ୍ୟା, ସମ୍ପାଦକ ମାଧବ ସାହୁ, ଧଣ୍ଡାମୁଣ୍ଡା ଆଞ୍ଚଳିକ କେନ୍ଦ୍ର ସଭାପତି ହଳଧର ଭୋଇ, ସମ୍ପାଦକ ମଧୁସୂଦନ ସାହୁ, ଅମୂଲ୍ୟ ଭୋଇ, ଜୟ କୃଷ୍ଣ ସାହୁ, କ୍ଷମାନିଧି ଭୋଇ, ଡୋଲାମଣି ପଧାନ ପଞ୍ଚାନନ ସାହୁ, କାଳିଆ ସାହୁ, ସୁଶାନ୍ତ ପ୍ରଧାନ, ଚତୁର୍ଭୁଜ ସାହୁ, ସରୋଜ ବିଶ୍ୱାଳ, ଅଚ୍ୟୁତ ସାହୁ,ଉମାକାନ୍ତ ପ୍ରଧାନ, ନରେନ୍ଦ୍ର ଭୋଇ ସମେତ ବହୁ ସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୪/୩୭)
–କର୍ମଯୋଗଃ–
(ଶ୍ରୀଭଗବାନୁବାଚ)
ଯଥୈଧାଂସି ସମିଦ୍ଧୋଗ୍ନିର୍ଭସ୍ମସାତ୍ କୁରୁତେର୍ଜ୍ଜୁନ ।
ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା ।।୩୭।।
ହେ ଅର୍ଜ୍ଜୁନ ! ଯେପରି ପ୍ରଜ୍ୱଳିତ ଅଗ୍ନି କାଷ୍ଠମାନଙ୍କୁ ଭସ୍ମ କରେ, ସେହିପରି ଜ୍ଞାନାଗ୍ନି (ପ୍ରାରବ୍ଧ କର୍ମଫଳ ବ୍ୟତୀତ) ସମୁଦାୟ କର୍ମକୁ ଭସ୍ମୀଭୂତ କରେ ।।୩୭।।

# ରୁଚିହୀନ ମନ୍ତବ୍ୟ

ସମ୍ପାଦକୀୟ

ନାଗରିକତ୍ୱ ସଂଶୋଧନ ଅଧିନିୟମ (ସିଏଏ), ୨୦୧୯ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମଗ୍ର ଦେଶରେ ଏହା କାର୍ଯ୍ୟକାରୀ ହେଇଛି । ଏହାଦ୍ୱାରା ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନରୁ ଆସିଥିବା ଅଣ-ମୁସଲମାନ ପ୍ରବାସୀ ଭାରତୀୟଙ୍କୁ ତୁରନ୍ତ ନାଗରିକତ୍ୱ ପ୍ରଦାନ କରାଯିବ । ଏହି ଅଧିନିୟମ ସଂସଦରେ ପାରିତ ହେବାର ଚାରି ବର୍ଷ ପରେ ଦେଶରେ ଲାଗୁ ହେଇଛି । ଏହାକୁ ନେଇ ରାଜନୈତିକ ସ୍ତରରେ ବିତର୍କ ଆରମ୍ଭ ହେଇଛି । କିଛି ରାଜନୈତିକ ଦଳ ଏହାକୁ ସ୍ୱାଗତ କରିଥିବାବେଳେ କିଛି ବିରୋଧ ମଧ୍ୟ କରୁଛନ୍ତି । ଏହା ଆମ ଦେଶର କଥା, ଦେଶ ଭିତରେ କୌଣସି ନିୟମ, ଅଧିନିୟମ ବା ଘଟଣାକୁ ନେଇ ଯେକୌଣସି ସ୍ତରରେ ବିତର୍କ ହେଲେ ମଧ୍ୟ, ଏହା ଦେଶ ପାଇଁ ହିତକାରକ । କିନ୍ତୁ ଦୁଃଖର କଥା, ବାହାର ଦେଶ ଭାରତର କେତେକ ଘଟଣାବଳୀ ଏବଂ ନିୟମ/ଅଧିନିୟମକୁ ନେଇ ମନ୍ତବ୍ୟ ଦେବାରେ ଲାଗିଛନ୍ତି । ନାଗରିକତ୍ୱ ସଂଶୋଧନ ଅଧିନିୟମ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆମେରିକା ବୈଦେଶିକ ବିଭାଗର ମୁଖପାତ୍ର କହିଲେ ଯେ ଏହି ନାଗରିକତ୍ୱ (ସଂଶୋଧନ) ଅଧିନିୟମର ବିଜ୍ଞପ୍ତିକୁ ନେଇ ଆମେରିକା ଚିନ୍ତିତ । ଏହା ଉପରେ ଆମେ ତୀକ୍ଷ୍ଣ ନଜର ରଖିଛୁ । ସେ ଆହୁରି ମଧ୍ୟ କହିଥିଲେ ଯେ ଧାର୍ମିକ ସ୍ୱାଧୀନତା ପ୍ରତି ସମ୍ମାନ ଏବଂ ସମସ୍ତ ସମ୍ପ୍ରଦାୟ ପାଇଁ ଆଇନ ଅନୁଯାୟୀ ସମାନ ବ୍ୟବହାର ହେଉଛି ମୌଳିକ ଗଣତାନ୍ତ୍ରିକ ନୀତି । ଭାରତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଆମେରିକା ଅଧିକାରୀଙ୍କ ଏ ପ୍ରକାର ମନ୍ତବ୍ୟ 'ଅବାଞ୍ଛିତ' ବୋଲି କହିଛନ୍ତି । ଭାରତ ଅବଶ୍ୟ ଆମେରିକାର ମନ୍ତବ୍ୟକୁ ଦୃଢତାର ସହ ବିରୋଧ କରିଛି ଏବଂ ଭାରତ କହିଛି ଯେ' ନାଗରିକତ୍ୱ (ସଂଶୋଧନ) ଅଧିନିୟମ ଭାରତର ଆଭ୍ୟନ୍ତରୀଣ ବିଷୟ ଏବଂ ଏହା ଭାରତର ଅନ୍ତର୍ଭୁକ୍ତ ପରମ୍ପରା ଏବଂ ମାନବିକ ଅଧିକାର ପ୍ରତି ଆମର ଦୀର୍ଘ ଦିନର ପ୍ରତିବଦ୍ଧତା । ତେଣୁ ଆମେରିକା ନ ବୁଝି ଏହା ଉପରେ ମନ୍ତବ୍ୟ ଦେବା ବାସ୍ତବିକ ଦୁଃଖଦାୟକ । ଏହି ମାମଲା ସେଠାରେ ଶେଷ ହେଲାନାହିଁ । ପରେ ପରେ ଭାରତରେ ଆମେରିକାର ରାଷ୍ଟ୍ରଦୂତ ଏରିକ ଗାରସେଟି ଏକ ସାଧାରଣ କାର୍ଯ୍ୟକ୍ରମରେ ଏହି ବିଷୟରେ କହିଥିଲେ ଏବଂ ଧାର୍ମିକ ସ୍ୱାଧୀନତା ଓ ସମାନତାର ନୀତି ଗଣତନ୍ତ୍ରର ମୂଳଦୁଆ ବୋଲି କହିଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ନାଗରିକତ୍ୱ ସଂଶୋଧନ ଅଧିନିୟମ (ସିଏଏ)କୁ ନେଇ ଆମେରିକାର ସମାଲୋଚନାକୁ ଖାରଜ କରି କହିଛନ୍ତି ଯେ ଆଇନର ଐତିହାସିକ ପୃଷ୍ଠଭୂମି ବିଷୟରେ ସଠିକ୍ ବୁଝାମଣା ବିନା ଏହି ମନ୍ତବ୍ୟ ଦିଆଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୋର ଦେଇ କହିଥିଲେ ଯେ ବିଭାଜନରୁ ଆସିଥିବା ଆହ୍ୱାନର ମୁକାବିଲା ପାଇଁ ସିଏଏ ପ୍ରବର୍ତ୍ତିତ ହୋଇଛି ଏବଂ ବିଭାଜନର ଐତିହାସିକ ପ୍ରସଙ୍ଗକୁ ବିଶ୍ୱସ୍ତରୀୟ ପ୍ରତିକ୍ରିୟା ଅବହେଳା କରୁଥିବା ଜଣାପଡିଛି । ସେହିପରି ଆମେରିକା ଅନ୍ତର୍ଜାତୀୟ ଧାର୍ମିକ ସ୍ୱାଧୀନତା ଆୟୋଗ (ୟୁଏସ୍‌ସିଆଇଆର୍‌ଏଫ୍) ନାଗରିକତ୍ୱ ସଂଶୋଧନ ଅଧିନିୟମ (ସିଏଏ) କାର୍ଯ୍ୟକାରୀ କରିବା ପାଇଁ ଭାରତ ସରକାରଙ୍କ ବିଜ୍ଞପ୍ତିକୁ ନେଇ ଉଦ୍‌ବେଗ ପ୍ରକାଶ କରି କହିଛି ଯେ ଧର୍ମ କିମ୍ବା ବିଶ୍ୱାସ ଆଧାରରେ କାହାକୁ ନାଗରିକତ୍ୱରୁ ବଞ୍ଚିତ କରାଯିବା ଉଚିତ ନୁହେଁ । ଖାଲି ସିଏଏ ନୁହେଁ ଏବେ ଆମେରିକା ବୈଦେଶିକ ବିଭାଗ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ରିପୋର୍ଟ ଉପରେ ମନ୍ତବ୍ୟ ରଖିଛି ଏବଂ ଜେଲରେ ଥିବା ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏକ ଉଚିତ ତଥା ଠିକ ସମୟରେ ଆଇନଗତ ପ୍ରକ୍ରିୟା ନିଶ୍ଚିତ କରିବାକୁ ନୂଆଦିଲ୍ଲୀକୁ ଆହ୍ୱାନ କରିଛି । ଭାରତ ଆମେରିକୀୟ କୂଟନୀତିଜ୍ଞଙ୍କୁ ଡକାଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛି । ଏହାପରେ ମଧ୍ୟ ଆମେରିକା ନିରପେକ୍ଷ, ସ୍ୱଚ୍ଛ ଓ ସମୟୋପଯୋଗୀ ଆଇନଗତ ପ୍ରକ୍ରିୟା ପାଇଁ ପୁଣିଥରେ ଆହ୍ୱାନ ଦେଇଛି । ସେହିପରି ଆମେରିକୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମଧ୍ୟ କହିଛନ୍ତି ଯେ' ଟିକସ କର୍ତ୍ତୃପକ୍ଷ ସେମାନଙ୍କର କିଛି ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଛନ୍ତି ବୋଲି କଂଗ୍ରେସର ଅଭିଯୋଗ ବିଷୟରେ ସେମାନେ ଅବଗତ ଅଛନ୍ତି । ଏହା ମଧ୍ୟ ପ୍ରତ୍ୟକ୍ଷରେ ଭାରତର ଆଭ୍ୟନ୍ତରୀଣ ଘଟଣା ଉପରେ ଆମେରିକାର ଟିପ୍ପଣୀ ବୋଲି କୁହାଯାଇପାରେ ଯାହା ଗ୍ରହଣଯୋଗ୍ୟ ନୁହେଁ । ଖାଲି ଏହି ଘଟଣା ନୁହେଁ, ନିକଟ ଅତୀତରେ, ଶିଖ୍ ବିଚ୍ଛିନ୍ନତାବାଦୀ ନେତା ଗୁରୁପନ୍ତୱନ୍ତ ସିଂ ପନ୍ନୁନଙ୍କ ହତ୍ୟା ଉଦ୍ୟମ ଘଟଣାରେ ମଧ୍ୟ ଆମେରିକା ଭାରତ ଉପରେ ଦୋଷାରୋପ କରିଥିଲା । ଆମେରିକାର ମାଟିରେ ଖାଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୁରୁପନ୍ତୱନ୍ତ ସିଂ ପନ୍ନୁନଙ୍କୁ ହତ୍ୟା କରିବା ପାଇଁ ଭାରତୀୟ ସରକାରଙ୍କ ଦ୍ୱାରା ନିୟୋଜିତ ହୋଇଥିବା ଅଭିଯୋଗ ହୋଇଛି । ଏକ ବଡ ଆହ୍ୱାନ ମଧ୍ୟ ସୃଷ୍ଟି ହୋଇଛି ଯେଉଁଠାରେ ଆମେରିକାର ନ୍ୟାୟ ବିଭାଗ, ସହ-ଷଡଯନ୍ତ୍ରକାରୀ ଭାବରେ ଭାରତର ବାହ୍ୟ ଗୁପ୍ତଚର ସଂସ୍ଥାର ଜଣେ ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରିଛି । ଏହି ମାମଲାରେ ଭାରତ ପକ୍ଷରୁ ଦୃଢ ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଦାବି କରିବାକୁ ଆମେରିକା କଂଗ୍ରେସ ଜୋ ବାଇଡେନ ପ୍ରଶାସନ ଉପରେ ଚାପ ପକାଇଛି । ଏହିଭଳି କେତେକ ଇସ୍ୟୁକୁ ନେଇ ଆମେରିକାର ଭାରତ ପ୍ରତି ଆକ୍ଷେପ ଏବଂ ଭାରତର ଆଭ୍ୟନ୍ତରୀଣ ଘଟଣାବଳୀ ଉପରେ ମନ୍ତବ୍ୟ, ଭାରତ-ଆମେରିକା ସମ୍ପର୍କକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହା ଭିତରେ ମଧ୍ୟ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ବୈଷୟିକ ଜ୍ଞାନକୌଶଳ ବାଣ୍ଟିବା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ପାଇଛି । ଅନେକ ସମୟରେ ଆମେରିକାର ଅଧିକାରୀମାନେ ଆମେରିକା ସହ ଭାରତର ସମ୍ପର୍କକୁ ନେଇ ପ୍ରଶଂସା କରିଛନ୍ତି । ତଥାପି ଆମେରିକା ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ଏହି ଭଳି ମନ୍ତବ୍ୟ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହା ଆଦୌ ଉଚିତ ନୁହେଁ ଏବଂ ଦଳମତ ନିର୍ବିଶେଷରେ ସମସ୍ତେ, ଏହାକୁ ନିନ୍ଦା କରିବା ଉଚିତ ହେବ । ଅନ୍ୟପକ୍ଷରେ ଭାରତର ଆମେରିକା ସହ ସମ୍ପର୍କ ସବୁବେଳେ ଭଲ ରହିବା ଉଚିତ କାରଣ ଚୀନକୁ ମୁକାବିଲା କରିବା ପାଇଁ ସବୁ ସମୟରେ ଆମେରିକାର ଆବଶ୍ୟକତା ରହିଛି । ଚୀନ ହେଉଛି ଗୋଟିଏ ପ୍ରସଙ୍ଗ ଯେଉଁଥିରେ ଭାରତର ସ୍ୱାର୍ଥ ଆମେରିକାର ସ୍ୱାର୍ଥ ସହିତ ମିଶିଥାଏ । କିନ୍ତୁ ସୁଖର ବିଷୟ, ଭାରତ ବିଶ୍ୱ ସ୍ତରୀୟ ବିଭିନ୍ନ ଇସ୍ୟୁରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି । ରୁଷିଆ-ୟୁକ୍ରେନ ବିବାଦ, ଇସ୍ରାଏଲ-ପାଲେଷ୍ଟାଇନ ବିବାଦ ପରି କେତେକ ଘଟଣା ଉପରେ ଭାରତର ମତାମତ ବା ଆଭିମୁଖ୍ୟ, ଏହାର ଜ୍ୱଳନ୍ତ ଉଦାହରଣ, ଯାହା ହୁଏତ ଆମେରିକାକୁ କ୍ଷୁବ୍ଧ କରିଥାଇପାରେ । କିନ୍ତୁ, ଭାରତର ଆଭିମୁଖ୍ୟକୁ ନେଇ ଅଧିକାଂଶ ଦେଶ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରଶଂସା ମଧ୍ୟ କରିଛନ୍ତି । ବର୍ତ୍ତମାନ ସମୟରେ, ଉଭୟ ଦେଶ ଉଭୟଙ୍କର ଆବଶ୍ୟକତା ଅନୁଭବ କରିବା ସହ, ଜଣେ ଅନ୍ୟ ଜଣକର ଆଭ୍ୟନ୍ତରୀଣ ବ୍ୟାପାରରେ ମନ୍ତବ୍ୟ ଦେବା ଉଚିତ ନୁହେଁ ଯାହା ଦୁଇ ଦେଶର ସମ୍ପର୍କକୁ ପ୍ରଭାବିତ କରିବ ।

# ଉତ୍କଳ ଦିବସର ଅନୁଚିନ୍ତା

## ଚିତ୍ତରଞ୍ଜନ ପୃଷ୍ଟି

କଳା, ସଂସ୍କୃତି ଓ ବାଣିଜ୍ୟର ଏକ ପୀଠସ୍ଥଳୀ ହେଉଛି ଉତ୍କଳ । ଜଙ୍ଗଲ ଓ ବିଭିନ୍ନ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଏହି ପୁଣ୍ୟଭୂମି ଉତ୍କଳ । ଓଡ଼ିଶାର ମନ୍ଦିରଗୁଡ଼ିକର କଳା ଭାସ୍କର୍ଯ୍ୟ ସାହିତ୍ୟ, ସଂସ୍କୃତି, ଓଡ଼ିଶୀ ନୃତ୍ୟ ସାରା ବିଶ୍ୱରେ ଓଡ଼ିଶାକୁ ଦେଇଛି ସ୍ୱତନ୍ତ୍ର ପରିଚୟ । ପ୍ରାଚୀନ କାଳରେ ଓଡ଼ିଶା କଳିଙ୍ଗ, ଉଡ୍ର, ଉତ୍କଳ ରୂପେ ଭାରତବର୍ଷରେ ସମୃଦ୍ଧିଶାଳୀ ରାଜ୍ୟରୂପେ ସୁବିଦିତ ଥିଲା । ୧୫୬୮ରେ ଶେଷ ହିନ୍ଦୁ ରାଜା ମୁକୁନ୍ଦ ଦେବଙ୍କ ଦେହାନ୍ତ ପରେ ମୋଗଲ ଓ ମରହଟ୍ଟାମାନଙ୍କ ଶାସନ ନିୟନ୍ତ୍ରଣରେ ଓଡ଼ିଶା ଶାସିତ ହେଲା । ବ୍ରିଟିଶମାନଙ୍କ ଦ୍ୱାରା ଓଡ଼ିଶା ଅଧିକୃତ ହେବାପରେ ଏହାର ଚରମ ଦୁର୍ଦ୍ଦିନ ଘୋଟିଆସିଲା । ସମ୍ବଲପୁର ମଧ୍ୟପ୍ରଦେଶ ସହ ମିଶିଥିବାବେଳେ ବାଲେଶ୍ୱରରେ ବଙ୍ଗଳାର ପ୍ରଭାବ ଏବଂ ଗଞ୍ଜାମ ମାଡ୍ରାସ ପ୍ରେସିଡେନ୍ସି ଅଧିନରେ ରହିଥିଲା ।

ଖଣ୍ଡ ବିଖଣ୍ଡିତ ହୋଇ ବିକ୍ଷିପ୍ତ ଅବସ୍ଥାରେ ଥିବା ଓଡ଼ିଶା ଏହାର ପରିଚୟ ସମ୍ପୂର୍ଣ୍ଣ ହରାଇବାକୁ ବସିଥିଲା । ଓଡ଼ିଶା ଖଣ୍ଡବିଖଣ୍ଡିତ ହୋଇ ପଡ଼ୋଶୀ ରାଜ୍ୟମାନଙ୍କରେ ମିଶିଗଲା । ଓଡ଼ିଶାର ଅସ୍ତିତ୍ୱ ଲୋପ ପାଇଲା । ଏହା ସହିତ ଓଡ଼ିଆ ଭାଷା ବିପନ୍ନ ହେଲା । ବ୍ରିଟିଶ ଶାସନରୁ ଅଲଗା ହୋଇ ଓଡ଼ିଶାକୁ ଏକ ଅଲଗା ରାଜ୍ୟ କରିବା ପାଇଁ ଯେଉଁ ମହାପୁରୁଷମାନେ ଜାତିର ସ୍ୱାଭିମାନ ଓ ଅସ୍ମିତା ପାଇଁ ଲଢେଇ କରିଥିଲେ ସେମାନଙ୍କ ମଧ୍ୟରୁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ସାର୍ ବାସୁଦେବ ସୁଢ଼ଳଦେବ, ରାଧାନାଥ ରାୟ, ଭୂବନାନନ୍ଦ ଦାସ ଆଦି ଅନ୍ୟତମ । ଏହି ବୀରପୁତ୍ରମାନଙ୍କ ଉଦ୍ୟମରେ ପ୍ରଥମେ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ ହୋଇଥିଲା । ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନଗୁଡିକରେ ଓଡ଼ିଶା ପ୍ରଦେଶ ଗଠନ ଦାବି ଦୃଢ଼ତର କରାଯାଇଥିଲା । ସମ୍ମିଳନୀ ମାଧ୍ୟମରେ ବ୍ରିଟିଶ ସରକାରଙ୍କ ନିକଟରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବି ସହିତ ଓଡ଼ିଆ ଜାତୀୟତାର ପ୍ରସାର କରାଯାଇଥିଲା । ତତ୍କାଳୀନ ଓଡ଼ିଶାର ବରପୁତ୍ରମାନଙ୍କ ତ୍ୟାଗ, ବଳିଦାନ ଏବଂ ପ୍ରଚେଷ୍ଟାରେ ପ୍ରଥମେ ୬ଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଗଞ୍ଜାମକୁ ନେଇ ଓଡିଶା ରାଜ୍ୟ ଗଠନ ହେଲା । ୧୯୫୦ ମସିହା ଜାନୁଆରୀ ମାସରେ ଓଡ଼ିଶାରେ ଆଉ ୭ଟି ଜିଲ୍ଲା ଯୋଗ ହୋଇ ମୋଟ ୧୩ଟି ଜିଲ୍ଲା ହେଲା । ଏହାପରେ ୧୯୯୨ ମସିହାରେ ଓଡିଶାର ୧୩ଟି ଜିଲ୍ଲାକୁ ପୁର୍ନବିଭାଜନ କରି ୩୦ଟି ଜିଲ୍ଲାରେ ବିଭକ୍ତ କରାଗଲା । ବହୁଦିନର ଖଣ୍ଡବିଖଣ୍ଡିତ ଉତ୍କଳ ଜନନୀ ତା'ର ବରପୁତ୍ରମାନଙ୍କର ସେବା ଓ ବଳିଦାନ ଯୋଗୁଁ ସମ୍ପୂର୍ଣ୍ଣ ହୋଇପାରିଥିଲା ।

୧୯୩୬ ମସିହା ଏପ୍ରିଲ ୧ ତାରିଖ ଓଡିଶା ପାଇଁ ଏକ ଅବିସ୍ମରଣୀୟ ଦିନ । ଆଜିର ଦିନ ହେଉଛି ଓଡିଶା ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷରରେ ବିଦିତ ଏକ ଅବିସ୍ମରଣୀୟ ଦିନ । ଓଡିଆ ଜାତିର ଅସ୍ମିତାର ସୁରକ୍ଷା ନେଇ ସଂଗ୍ରାମର କାହାଣୀ କୁହେ ଏହି ଦିନ । ଯାହାକୁ ନେଇ ପ୍ରତି ଓଡିଆ ମଧ୍ୟ ଗର୍ବ କରନ୍ତି । ଭାଷା ଭିତ୍ତିରେ ଆମ 'ଓଡ଼ିଶା'କୁ ମିଳିଥିଲା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା । ୧୯୩୬ ମସିହା ଆଜିର ଦିନରେ ନୂଆ ପରିଚୟ ପାଇଥିଲା ଓଡ଼ିଶା । ଏହି ଦିନକୁ ନେଇ ସାରା ରାଜ୍ୟବାସୀ ଉତ୍ସାହିତ ଥିବାବେଳେ ଗର୍ବର ସହ ଉତ୍କଳ ଦିବସ ପାଳନ କରନ୍ତି । ପ୍ରତିଟି ଓଡ଼ିଆ ନିଜକୁ ଓଡ଼ିଆ ଭାବେ ଗର୍ବ ଅନୁଭବ କରନ୍ତି । ଆଜି ଦିନଟିରେ ପ୍ରତି ଓଡ଼ିଆ ଏହି ଜାତିର ଅସ୍ମିତା ଓ ସ୍ୱାଭିମାନକୁ ବଜାଇ ରଖିବାର ସଂକଳ୍ପ ନେବା ସହ ଉତ୍କଳ ଦିବସ ପାଳନ କରିଥାଏ । ଆଉ ଗର୍ବରେ କହିଥାଏ ମୁଁ ଓଡ଼ିଆ । ଆଜି ହେଉଛି ଓଡ଼ିଆମାନଙ୍କର ଆଶା ଭରସା ଓ ସ୍ୱପ୍ନର ଦିବସ । ଆଜି ଉଜ୍ଜୀବିତ ହେଉଛି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ସ୍ମୃତି । ସୀମାହୀନ, ଭାଷାହୀନ ଭାବେ ରହିବା ପରେ ଏହି ଦିନ ଏକତ୍ରିକ ହୋଇ ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲା ଓଡ଼ିଶା ।

ନବ ଗଠିତ ରାଜ୍ୟ ଭାବେ ଓଡ଼ିଶା ମାନଚିତ୍ରରେ ଶୋଭାମଣ୍ଡନ କରିଥିଲା ଉତ୍କଳ । ପ୍ରତ୍ୟେକ ଓଡିଆଙ୍କ ପାଇଁ ଗର୍ବ ଏବଂ ଗୌରବର ଦିନ । ପ୍ରତି ବର୍ଷ ଏପ୍ରିଲ ପହିଲା ଦିନଟିକୁ 'ଓଡ଼ିଶା ଦିବସ' ରୂପେ ପାଳନ କରାଯାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କୁ ସମ୍ମାନ ଅର୍ପଣ କରାଯାଏ । ଏକ ମହାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖି ମହାପୁରୁଷମାନେ ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକାଠି କରିଥିଲେ । ବିଚ୍ଛିନ୍ନ ଓଡ଼ିଶାକୁ ଏକତ୍ର କରିବା ପାଇଁ ଓଡ଼ିଶାର ବରପୁତ୍ରମାନେ ଯେଉଁ ଉଦ୍ୟମ କରିଥିଲେ, ତାହା ଓଡ଼ିଶାବାସୀ କେବେ ଭୁଲି ପାରିବେ ନାହିଁ । ମଧୁବାବୁ ସ୍ୱତନ୍ତ୍ର ଉତ୍କଳ ଗଠନ ତଥା ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ଉତ୍ତମ ନାଗରିକ ଜୀବନ ନିର୍ବାହ ସହିତ ଉତ୍କଳ ଜାତୀୟତାବୋଧ ସୃଷ୍ଟି କରିବା ପାଇଁ ସେ ଥିଲେ ସଂକଳ୍ପବଦ୍ଧ । ଓଡ଼ିଆ ଭାଷାଭାଷୀ ଓ ସଂସ୍କୃତି ସମ୍ପନ୍ନ ମଣିଷମାନଙ୍କୁ ସଂଘବଦ୍ଧ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ସ୍ୱପ୍ନ ସେ ଦେଖିଥିଲେ । ମଧୁବାବୁ ଥିଲେ ଧର୍ମନିରପେକ୍ଷତାର ବିଶ୍ୱାସୀ ଓ ଉଦାରବାଦୀ । ତାଙ୍କର ଜାତୀୟତାବାଦ ସଂକୀର୍ଣ୍ଣ କିମ୍ବା ମୌଳିକବାଦଭିତ୍ତିକ ନୁହେଁ । ସେ ଅନୁଭବ କରିଥିଲେ ଉତ୍କଳ ମାତାର ଉନ୍ନତିରେ ହିଁ ଭାରତ ମାତାର ଉନ୍ନତି । ଯାହାଙ୍କ ପାଇଁ ଆଜି ଓଡ଼ିଶା, ଏକ ଭାଷାଭିତ୍ତିକ ରାଜ୍ୟ ଭାବେ ପ୍ରତିଷ୍ଠା ହୋଇ ପାରିଛି ବୋଲି ଆମେ ଗର୍ବ ଅନୁଭବ କରୁଛୁ ।

୧୯୩୬ ଏପ୍ରିଲ ୧ ତାରିଖ ସ୍ୱତନ୍ତ୍ର ଓଡ଼ିଶା ଏବଂ ଓଡ଼ିଆ ଅସ୍ମିତାର ପରିଚୟ ଦେଇପାରିଛି । ଆଜି ମଧ୍ୟ ଏହି ସୀମା ବାହାରେ ଥିବା ଓଡ଼ିଆମାନେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେଇ ଗର୍ବ ଅନୁଭବ କରନ୍ତି । କାରଣ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ଓ ସ୍ୱତନ୍ତ୍ର ଜାତି । ପବିତ୍ର ଉତ୍କଳ ଦିବସରେ ଓଡ଼ିଶାର ସାମୂହିକ ଉନ୍ନତି ତଥା ଏହାର ପରମ୍ପରା, ସଂସ୍କୃତି, ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ଛାତ୍ରସମାଜ, ଯୁବଗୋଷ୍ଠୀ ତଥା ପ୍ରତ୍ୟେକ ଓଡିଆଙ୍କର କର୍ତ୍ତବ୍ୟ ହେବା ଉଚିତ । ସଂକୀର୍ଣ୍ଣ ମନୋଭାବ ତଥା ସ୍ୱାର୍ଥପରତାକୁ ପରିହାର କରି ବୃହତ୍ତର ଜାତୀୟ ସ୍ୱାର୍ଥରେ ନିଜକୁ ଉତ୍ସର୍ଗ କରିବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଉତ୍କଳ ଦିବସର ଆହ୍ୱାନ ଅଟେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବରପୁତ୍ରମାନେ ଓଡ଼ିଶାର ପ୍ରଗତି, ଓଡ଼ିଆ ଭାଷା ସଂସ୍କୃତି ଓ ପରମ୍ପରାର ସମୃଦ୍ଧି ସହିତ ଓଡ଼ିଆ ସ୍ୱାଭିମାନର ସୁରକ୍ଷା ପାଇଁ କାର୍ଯ୍ୟ କରିଥିଲେ । ଆମେ ଆଜି ସେହି ମହାପୁରୁଷଙ୍କ ପଦାଙ୍କ ଅନୁସରଣ କରି ଓଡ଼ିଶାକୁ ପ୍ରଗତି ପଥରେ ଆଗେଇ ନେବାପାଇଁ ପବିତ୍ର ଦିବସରେ ସଂକଳ୍ପ ନେବା । ଆଉ ଆମେ ଓଡିଆ ବୋଲି କହିବାକୁ କୁଣ୍ଠାବୋଧ କରିବା ନାହିଁ । ଗର୍ବର ସହ କହିବା ଏ ପୁଣ୍ୟଭୂମି ଓଡ଼ିଶା ଏ ଜାତି ଓଡିଆ ସବୁଠୁ ବଡ଼ିଆ ।

ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

# ଡ. ପ୍ରାଣକୃଷ୍ଣ ପରିଜା-ବହୁମୁଖୀ ପ୍ରତିଭାର ଅଧିକାରୀ

## ହିମାଂଶୁ ଶେଖର ଆଚାର୍ଯ୍ୟ

ଡକ୍ଟର ପ୍ରାଣକୃଷ୍ଣ ପରିଜା ଥିଲେ ବହମୁଖୀ ପ୍ରତିଭାର ଅଧିକାରୀ । ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ତାଙ୍କର ଥିଲା ଯେତିକି ରୁଚି, ଅଧ୍ୟାପନା,ରାଜନୀତି ଓ ସାମାଜିକ ଜୀବନରେ ମଧ୍ୟ ଥିଲା ସେତିକି ଅନୁରକ୍ତି । ଆଧୁନିକ ଓଡିଶାର ସମସ୍ତ କ୍ଷେତ୍ରରେ ସେ ଛାଡିଯାଇଛନ୍ତି ଅଲିଭା ସ୍ୱାକ୍ଷର । ଖାଲି ସେତିକି ନୁହେଁ, ନିଜର କୃତି ଓ କୀର୍ତ୍ତି ବଳରେ ସେ କେବଳ ଆମ ଦେଶ ନୁହେଁ, ସମଗ୍ର ବିଶ୍ୱରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି । ପ୍ରକୃତରେ କହିବାକୁ ଗଲେ ଆଜି ଯେଉଁମାନେ ଓଡିଶାରେ ବିଶିଷ୍ଟ କବି, ଲେଖକ, ପ୍ରାବନ୍ଧିକ, ସମାଲୋଚକ, ପ୍ରଶାସକ, ରାଜନେତା ଓ ବୈଜ୍ଞାନିକ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ତାଙ୍କ ଛାତ୍ର । ଏକାଧାରରେ ସେ ଥିଲେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବୈଜ୍ଞାନିକ, ପ୍ରବୀଣ ଶିକ୍ଷାବିତ୍, ଦକ୍ଷ ପ୍ରଶାସକ, ସୁସାହିତ୍ୟିକ ଓ ସର୍ବୋପରି ଜଣେ ଆଦର୍ଶ ଜନନାୟକ।

ଏହି ଯୋଗଜନ୍ମା ବରପୁତ୍ର ୧୮୯୧ ମସିହା ଏପ୍ରିଲ ଏକ ତାରିଖରେ ବର୍ତ୍ତମାନର ଜଗତିସଂହପୁର ଜିଲ୍ଲା ଅନ୍ତର୍ଗତ ବାଲିକୁଦା ବ୍ଲକର ଇଛାପୁର ଗ୍ରାମରେ । ତାଙ୍କ ପିତାଙ୍କ ନାମ ଥିଲା ବିଶ୍ୱନାଥ ପରିଜା ଓ ମାତାଙ୍କ ନାମ ଜୟନ୍ତୀ ଦେବୀ । ବାଲ୍ୟକାଳରୁ ପରିବାରର ଆର୍ଥିକ ଦୂରବସ୍ଥା ଓ ପ୍ରତିକୂଳ ପରିସ୍ଥିତି ତାଙ୍କ ପ୍ରତିଭାର କଣ୍ଠରୋଧ କରିପାରିନଥିଲା । ନିଜର ମେଧା, ସଂକଳ୍ପ ଓ ବିଦ୍‌ବତ୍ତା ବଳରେ ସେ ଜୀବନର ଶୀର୍ଷତମ ସୋପାନରେ ପହଞ୍ଚିପାରିଥିଲେ । ୧୯୦୪ ମସିହାରେ ମାଇନର ପରୀକ୍ଷାରେ ବାଲିକୁଦା ସ୍କୁଲରୁ ସମଗ୍ର ଓଡ଼ିଶାରେ ପ୍ରଥମ ହେବାପରେ ସେ ଆଉ ପଛକୁ ଫେରି ଚାହିଁନଥିଲେ । ଏହାପରେ ୧୯୦୯ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ ଏବଂ ରେଭେନ୍ସା କଲେଜରୁ ଆଇ.ଏସ୍‌ସି ପରୀକ୍ଷାରେ ଯଥାକ୍ରମେ ସପ୍ତମ ଓ ପଞ୍ଚମ ସ୍ଥାନ ଲାଭ କରି ବୃତ୍ତି ପାଇ ନିଜର ଅଧ୍ୟୟନ ଅବ୍ୟାହତ ରଖିଥିଲେ । ସେହିପରି କଲିକତାର ପ୍ରେସିଡ଼େନ୍ସି କଲେଜରୁ ବି.ଏସ୍‌ସି ପାଶ୍ ଓ ପରେ କଲିକତା ବିଶ୍ୱବିଦ୍ୟାଳୟରେ ଏମ୍.ଏସ୍‌ସି ପଢ଼ିବା ସମୟରେ ପ୍ରାଣକୃଷ୍ଣ ପରିଜା ବିହାର-ଓଡ଼ିଶା ସରକାରଙ୍କ ତରଫରୁ ରାଷ୍ଟ୍ରୀୟ ବୃତ୍ତିପାଇ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ।

ଜଣେ ବୈଜ୍ଞାନିକ ଭାବେ ଡକ୍ଟର ପରିଜାଙ୍କ ଦାନ ଅତୁଳନୀୟ । ସାରାଜୀବନ ଉଦ୍‌ଭିଦ ବିଜ୍ଞାନ ଉପରେ ଗବେଷଣା କରି ସେ ଯେଉଁ ନୂତନ ତଥ୍ୟ ଦେଇଯାଇଛନ୍ତି ତାହା ବହୁ ବିଜ୍ଞାନୀଙ୍କର ଆଖି ଖୋଲି ଦେଇଛି । କେମ୍ବ୍ରିଜରେ ଅଧ୍ୟୟନ କରିବା ସମୟରେ ସେ ଏଫ୍.ଏଫ୍ ବ୍ଲାକମ୍ୟାନ୍‌ଙ୍କ ଅଧୀନରେ ଗବେଷଣା କରି ସେଓର ଶ୍ୱାସକ୍ରିୟା ସମ୍ପର୍କରେ ଯେଉଁ ନିବନ୍ଧ ରଚନା କରିଥିଲେ ତାହା ପରିଜା-ବ୍ଲାକମ୍ୟାନଥିଓରି ନାମରେ ଖ୍ୟାତ । ଏହି ଗବେଷଣା ପ୍ରସୂତ ତଥ୍ୟ ଲଣ୍ଡନର ପ୍ରସିଦ୍ଧ ରୟାଲ ସୋସାଇଟି ପତ୍ରିକାରେ ପ୍ରକାଶିତ ହେଲାପରେ ପ୍ରାଣକୃଷ୍ଣ ପରିଜାଙ୍କ ଖ୍ୟାତି ସମଗ୍ର ବିଶ୍ୱରେ ବ୍ୟାପୀ ଯାଇଥିଲା । ଉଦ୍ଭିଦର ଶ୍ୱାସକ୍ରିୟା ସମ୍ବନ୍ଧୀୟ ଏହି ମୌଳିକ ତଥ୍ୟ ଭାରତ ସମେତ ପୃଥିବୀର ବହୁ ପାଠ୍ୟ ପୁସ୍ତକରେ ପ୍ରକାଶିତ ହୋଇଅଛି । ଏଥି ସହିତ ପରିଜା ସାହେବ ବିଲାତି ଦଳ ଉପରେ ଗବେଷଣା କରିଛନ୍ତି । ସେହିପରି ବିଭିନ୍ନ ଉଦ୍ଭିଦ କିଭଳି ଭାବରେ ମାଧ୍ୟାକର୍ଷଣ ଶକ୍ତି, ଆଲୋକ, ଉତ୍ତାପ ଓ ଜଳୀୟବାଷ୍ପ ପ୍ରଭୃତି ବାହ୍ୟଶକ୍ତି ଦ୍ୱାରା ପ୍ରଭାବିତ ହୁଅନ୍ତି ସେ ବିଷୟରେ ମଧ୍ୟ ଗବେଷଣା କରିଛନ୍ତି ପ୍ରାଣକୃଷ୍ଣ ପରିଜା।

ଜଣେ ସୁନାମଧନ୍ୟ ଅଧ୍ୟାପକ ଓ ଦକ୍ଷ ପ୍ରଶାସକ ରୂପେ ଡକ୍ଟର ପରିଜା ନିଜ ପାଇଁ ଏକ ନିଆରା ପରିଚୟ ସୃଷ୍ଟି କରିଥିଲେ । ୧୯୨୧ ମସିହାରେ ଇଂଲଣ୍ଡରେ ଭାରତୀୟ ଶିକ୍ଷାସେବା (ଆଇ.ଇ.ଏସ୍)ରେ ନିଯୁକ୍ତି ପାଇ ସେତେବେଳର ରେଭେନ୍ସା କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଭାବରେ ଅବସ୍ଥାପିତ ହେଲେ ପ୍ରାଣକୃଷ୍ଣ । ପରାଧୀନ ଭାରତ ବର୍ଷରେ ୧୯୩୮ ମସିହାରେ ରେଭେନ୍ସା କଲେଜର ଅଧ୍ୟକ୍ଷ ପଦ ଅଳଙ୍କୃତ କରି ୧୯୪୩ ପର୍ଯ୍ୟନ୍ତ ସେହି ପଦବୀରେ ରହି ନିଜ କାର୍ଯ୍ୟକୁଶଳତାର ପ୍ରମାଣ ଦେଇଥିଲେ । ସେତେବେଳେ ଜଣେ ଓଡ଼ିଆ ପୁଅ ଏପରି ପଦବୀ ପାଇବା କମ୍ ଗୌରବର କଥା ନଥିଲା । ଏହାପରେ ୧୯୪୪ ମସିହାରୁ ୧୯୪୮ ମସିହା ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଓ ପରେ ୧୯୫୧,୧୯୫୫ ଏବଂ ୧୯୬୧ ମସିହାରେ ଏହିପରି ସର୍ବୋମୋଟ ୪ଥର କୁଳପତି ହେବାର ସୌଭାଗ୍ୟ ଲାଭ କରିଥିଲେ ସେ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଉପ-କୁଳପତି ଦାୟିତ୍ୱ ବହନ କରିବା ତାଙ୍କ ପାରିବାପଣିଆର ଆଉ ଏକ ନମୁନା ଥିଲା । ଏଥି ସହିତ ଜାତୀୟ ବିଜ୍ଞାନ କଂଗ୍ରେସର ସଭାପତି, ଓଡ଼ିଶାର ପ୍ରଥମ କୃଷି ନିର୍ଦ୍ଦେଶକ, ଜାତୀୟ ଭାଷା କମିଶନର ସଦସ୍ୟ, ବିଶ୍ୱ ବିଦ୍ୟାଳୟ ମଞ୍ଜୁରୀ କମିଶନ ସାଧାରଣ ଶିକ୍ଷା କମିଟିର ଅଧ୍ୟକ୍ଷ ଏବଂ ବହୁ ଜାତୀୟ ଓ ଆନ୍ତର୍ଜାତୀୟ ଅନୁଷ୍ଠାନରେ ଉଚ୍ଚ ପଦବୀରେ ରହି ନିଷ୍ଠା ଓ ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିଲେ । ଏପରିକି ୧୯୫୨ ମସିହାରେ ବାଲିକୁଦା ନିର୍ବାଚନ ମଣ୍ଡଳୀରୁ ନିର୍ଦ୍ଦଳୀୟ ବିଧାୟକ ରୂପେ ନିର୍ବାଚନ ହୋଇ ଜନତାର ସେବା କରିବାର ସ୍ୱପ୍ନକୁ ସାକାର କରିଥିଲେ ।

ପ୍ରଫେସର ପରିଜା ଜଣେ ସୁସାହିତ୍ୟକ ଥିଲେ । ଛାତ୍ରାବସ୍ଥାରେ ସେ ଶିଶୁମାନଙ୍କ ପାଇଁ ଗପ ଓ ପଦ୍ୟ ଲେଖୁଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ନୀଳକଣ୍ଠ ଦାସଙ୍କ ଦ୍ୱାରା ସଂପାଦିତ ନବଭାରତ ପତ୍ରିକାରେ କେତେଗୁଡ଼ିଏ ବିଜ୍ଞାନ ପ୍ରବନ୍ଧ ପ୍ରକାଶ କରିଥିଲେ । ଏଥିସହିତ ସେ ଚିନ୍ତାମଣି ଆଚାର୍ଯ୍ୟଙ୍କ ସଂପାଦନରେ ପ୍ରକାଶିତ ହେଉଥିବା ପିଲାଙ୍କ ପତ୍ରିକା ପଞ୍ଚାମୃତରେ ଖଜୁରୀ ଗଛ ଓ ଛତୁ ପ୍ରଭୃତି ବିଷୟରେ ଲେଖିଥିଲେ । ସେହିପରି ଓଡ଼ିଆ ଭାଷାକୋଷ ପ୍ରଣୟନ ପାଇଁ ଡକ୍ଟର ମାୟାଧର ମାନସିଂହଙ୍କୁ ମୁଖ୍ୟ ସଂକଳକ ରୂପେ ନିଯୁକ୍ତ କରି ଓଡ଼ିଆ ଭାଷାର ଶୁଦ୍ଧ, ନିର୍ଭୁଲ ଓ ଅତ୍ୟାଧୁନିକ ଭାଷାକୋଷ ପ୍ରତିଷ୍ଠାର ପ୍ରଥମ ପଦକ୍ଷେପ ନେଇଥିଲେ ସେ । ଏଥି ସହିତ ସମୟାନୁବର୍ତ୍ତିତାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ପ୍ରାଣକୃଷ୍ଣ ପରିଜା । ଅଫିସ୍ କାର୍ଯ୍ୟ, ସଭାସମିତି, ବୈଠକ ଏପରିକି ନିଜର ଦୈନନ୍ଦିନ କାର୍ଯ୍ୟରେ ଡକ୍ଟର ପରିଜା ସର୍ବଦା ସମୟର ସଦୁପଯୋଗ କରୁଥିଲେ । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ।

ଡକ୍ଟର ପରିଜାଙ୍କ ଛାତ୍ରବତ୍ସଳତା ଥିଲା ଅସାଧାରଣ । ବିଶେଷତଃ ଯେଉଁମାନେ ଗରିବ ଘରର ପିଲା କିନ୍ତୁ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ତାଙ୍କର ହୃଦ୍‌ବୋଧ ହୁଏ ସେଥିପାଇଁ ଡକ୍ଟର ପରିଜା ଆପଣାର ଅତୀତ କଥା ସ୍ମରଣ କରି ସେମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରିଥାନ୍ତି । ବହୁ ଜ୍ଞାନୀ, ଗୁଣୀ, ଲବ୍‌ଧପ୍ରତିଷ୍ଠ ବ୍ୟକ୍ତି, ପରିଜା ସାହେବଙ୍କର ପ୍ରତ୍ୟକ୍ଷ ସାହାଯ୍ୟରେ ହିଁ ତାଙ୍କର ଛାତ୍ରଜୀବନ ଅତିବାହିତ କରିଛନ୍ତି । ବିଶେଷକରି ସେ ଛାତ୍ରଛାତ୍ରୀମାନଙ୍କୁ ନିଜର ସନ୍ତାନ ଭଳି ବ୍ୟବହାର କରୁଥିଲେ । ତାଙ୍କଠାରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅନୁରାଗ, ମହାନୁଭବତା ଓ କର୍ତ୍ତବ୍ୟପରାୟଣତାର ଏକ ଅସରନ୍ତି ଉତ୍ସ ଭରପୂର ହୋଇ ରହିଥିଲା ପରି ମନେ ହେଉଥିଲା । ଏଥିପାଇଁ ପ୍ରଫେସର ପରିଜା ତାଙ୍କ ଦରମା ଟଙ୍କାରୁ ପ୍ରତିମାସରେ କିଛି ଟଙ୍କା ଗରିବ, ଅଭାବଗ୍ରସ୍ତ ଅଥଚ ମେଧାବୀ ଛାତ୍ରମାନଙ୍କ ପାଇଁ ଅଲଗା କରି ରଖିଦେଉଥିଲେ। ଏପରି ଗୁରୁ ଆଧୁନିକ ସମାଜରେ ବିରଳ ।

ବିଭିନ୍ନ ବିଭାଗରେ ସାମଗ୍ରିକ କୃତିତ୍ୱ ବିଶେଷତଃ ବିଜ୍ଞାନ କ୍ଷେତ୍ରରେ ପରାକାଷ୍ଠା ପାଇଁ ପ୍ରାଣକୃଷ୍ଣ ପରିଜାଙ୍କୁ ଭାରତ ସରକାର ଭାରତ ସରକାର ୧୯୫୫ ମସିହାରେ ପଦ୍ମଭୂଷଣ ଉପାଧି ପ୍ରଦାନ କରି ତାଙ୍କ ପ୍ରତିଭାର ଉପଯୁକ୍ତ ମୂଲ୍ୟାୟନ କରିଥିଲେ । ଏହାପୂର୍ବରୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଡକ୍ଟରେଟ୍ ସମ୍ମାନ ଲାଭ କରିଥିଲେ । ଜଣେ ବିଶିଷ୍ଟ ଉଦ୍ଭିଦ ବିଜ୍ଞାନୀଭାବେ ଅନେକ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡି.ଏସ୍‌ସି ଉପାଧି ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ ଭାରତୀୟ ଉଦ୍ଭିଦ ବିଜ୍ଞାନ ସମିତି ତରଫରୁ ଡକ୍ଟର ପରିଜା ବୀରବଲ ସାହାଣୀ ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇଥିଲେ । ସେହିପରି କଲିକତା ରୟାଲ ଏସିଆଟିକ୍ ସୋସାଇଟି ତାଙ୍କୁ ବର୍କଲେ ମେମୋରିଆଲ ସ୍ୱର୍ଣ୍ଣ ପଦକରେ ସମ୍ବର୍ଦ୍ଧିତ କରିଥିଲେ । ଅଜସ୍ର ଖ୍ୟାତି ଓ ସମ୍ମାନର ଅଧିକାରୀ ହୋଇ ମଧ୍ୟ ଗର୍ବ ଓ ଅହଂକାର ତାଙ୍କୁ ସ୍ପର୍ଶ କରିନଥିଲା । ବାସ୍ତବିକ୍ ସେ ଥିଲେ ଏକ ଫଳନ୍ତି ଜ୍ଞାନବୃକ୍ଷ, ଯିଏକି ଜ୍ଞାନ ଭାରରେ ନଇଁ ପଡୁଥିଲେ । ଯଥାର୍ଥରେ ସେ ଥିଲେ ପ୍ରଜ୍ଞାପୁରୁଷ । ୧୯୭୮ ମସିହା ଜୁନ୍ ୦୨ତାରିଖରେ ଏହି ପ୍ରତିଭାଧରଙ୍କର ମହାପ୍ରୟାଣ ହେଲା । ତାଙ୍କ ବିୟୋଗରେ ଆମ ରାଜ୍ୟ ତଥା ଦେଶର ଶିକ୍ଷା ଓ ବିଜ୍ଞାନ ଜଗତରୁ ଏକ ଦିପ୍ତୀମାନ ନକ୍ଷତ୍ରର ଅବସାନ ହେଲା । ଉତ୍ତରପିଢିର ବୈଜ୍ଞାନିକମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ,ଏହାହି ଆଜିର ଅନୁଚିନ୍ତା ।

ସଭାପତି, ସାରସ୍ୱତ ପରିଷଦ
ଜଗତସିଂହପୁର,
ମୋ -୯୯୩୭୧୫୧୦୫୨

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ଅମୃତବାଣୀ

# ବିନମ୍ରତା...

ପ୍ରତ୍ୟେକ ମନୁଷ୍ୟଠାରେ ଅଲଗା ଅଲଗା ଗୁଣ ବିଦ୍ୟମାନ ହୋଇଥାଏ ଆଉ ଯାହା ଦ୍ୱାରା ସମାଜରେ ତାହାର ଚିହ୍ନଟ ଭଲ ଅଥବା ଖରାପ ବ୍ୟକ୍ତି ରୂପରେ କରାଯାଏ । ସେଥିମଧ୍ୟରୁ ବିନମ୍ରତା ଗୋଟିଏ ଏମିତି ଗୁଣ । ଯାହାର ବିନା ମାନବ ଭିତରେ ମାନବିକତାର କଳ୍ପନା କେବେ କରାଯାଇ ପାରିବନି । ବିନମ୍ରତା ଆଗରେ ଦେବତା ମଧ୍ୟ ନଇଁ ଯାଆନ୍ତି । ଏହା ଦୁଷ୍ଟରୁ ଅତି ଦୁଷ୍ଟବ୍ୟକ୍ତିର ହୃଦୟରେ ମଧ୍ୟ ଦୟା, କ୍ଷମା ଆଉ ଉଦାରତା ଭଳି ଭାବ ଉତ୍ପନ୍ନ କରିଥାଏ । ଏହା ତା' ଭିତରେ ଲୁଚିଥିବା ଅଭିମାନକୁ ନଷ୍ଟ କରିଦିଏ ।

ବିନୟ ଅହଂକାରର ଶତ୍ରୁ ଅଟେ । ବିନମ୍ର ହେବାକୁ ହେଲେ ଆମକୁ ନିଜର ଅହଂକାରକୁ ଅବଶ୍ୟ ଛାଡିବାକୁ ପଡିବ । ଅହଂକାରୀ କେବେ ବି ବିନୟଶୀଳ ହୋଇ ପାରିବନି । ସେଶୁଖି ଯାଇଥିବା କାଠର ସମାନ ହୋଇଥାଏ । ତେଣିକି ଭାଙ୍ଗିଯାଉ କିନ୍ତୁ ନଇଁ ପାରିବ ନାହିଁ । ଆଉ ଅହଂକାରୀ ବ୍ୟକ୍ତିର ବିକାଶ ମଧ୍ୟ ଗୋଟିଏ ସ୍ଥାନରେ ଆସି ରହିଯାଏ । ବିନୟଶୀଳ ବ୍ୟକ୍ତିର ସ୍ୱଭାବ ଏହା ହୋଇଥାଏ କି ସେ ନିଜର ଛୋଟକୁ ମଧ୍ୟ ପ୍ରେମ ଆଉ ସ୍ନେହ ଦେଇଥାଏ । ସେ ନିଜର ବଡଙ୍କୁ ମଧ୍ୟ ସଦା ଆଦର କରିଥାଏ । ସେଥିପାଇଁ ମର୍ଯ୍ୟାଦା ପୁରୁଷ ରାମଙ୍କ ଗୁଣର ବର୍ଣ୍ଣନା କରିକି ସନ୍ଥ ତୁଳସୀ ଦାସ ଲେଖିଛନ୍ତି-'ପ୍ରାତଃକାଳ ଉଠି ରଘୁନାଥା, ମାତା-ପିତାଗୁରୁ ନବହିମାଥା' । ସତ୍ୟ ଏହା ଯେ ମହାପୁରୁଷଙ୍କ ଜୀବନ ହିଁ ସେମାନଙ୍କର ଉପଦେଶ ହୋଇଥାଏ । ତା'ପରେ ଯାଇ ନରରୁ ନାରାୟଣ ହୋଇଥାନ୍ତି ।



ବିନୟ ସବୁଗୁଣର ଜନନୀ ଅଟେ । ଅହଂକୁ ତ୍ୟାଗକରି କି ମନରେ ବିନୟର ଭାବ ଆଣିଲେ ମନ, ଧର୍ମ ଏବଂ ଈଶ୍ୱରପ୍ରେମ ଆଡକୁ ବଢିଥାଏ । ଯେ ପର୍ଯ୍ୟନ୍ତ ଆମର ବ୍ୟବହାର ମିଠା ହେବ ନାହିଁ, ସେ ପର୍ଯ୍ୟନ୍ତ ଆମର ଭାବ ମଧ୍ୟ ବିନୟ ହେବ ନାହିଁ । ଯେମିତି କୃଷକ ବୀଜ ବୁଣିବା ପୂର୍ବରୁ ତାକୁ ହଳ କରି ଜମିକୁ ନରମ କରିଥାଏ, ସେହିପରି ବିନୟର ଭାବ ବିକଶିତ କରିବା ପାଇଁ ପ୍ରଥମେ ବ୍ୟବହାରକୁ ନମ୍ର ବନେଇବାକୁ ପଡିଥାଏ । ତା'ପରେ ଆମର ବ୍ୟକ୍ତିତ୍ୱରେ କରୁଣା, ଦୟା ଏବଂ ପ୍ରେମର ଅଙ୍କୁର ଫୁଟିଥାଏ । ବିନୟର ଭାବନା ଆସିଲେ ଆମ ପାଇଁ ମୋକ୍ଷର ଦ୍ୱାର ମଧ୍ୟ ଆପେ ଆପେ ଖୋଲିଯାଏ । ବିନମ୍ରତା ଆମର ଭିତରେ ଲାଗିଥିବା ଗୋଟିଏ ଏୟାରକଣ୍ଡିସନର ଅଟେ । ଯାହାର ପାଇଁ ଆମର ଅନ୍ତର୍ମନରେ ମଧ୍ୟ ନିରନ୍ତରଶୀତଳତାର ଅନୁଭବ କରେଇଥାଏ । ସନ୍ଥମାନେ ବିନୟକୁ ଧର୍ମର ମୂଳ କହିଛନ୍ତି ଆଉ ମୋକ୍ଷକୁ ନମ୍ରତା ତଥା ବିନୟକୁ ସର୍ବୋତ୍ତମ ଫଳ ବତେଇଛନ୍ତି ।

ମନୋଜ କୁମାର ବେହେରା
ବାୟାବାବା ମଠ ଲେନ୍,
ଭୁବନେଶ୍ୱର,ମୋ-୭୯୭୮୮୩୦୬୧୧

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଜେଡିରେ...

ଚରଣ ଜେନା, ପୂର୍ବତନ ଖୋର୍ଦ୍ଧା ଜିଲ୍ଲାପରିଷଦ ସଦସ୍ୟ ଯୋଗୀନାଥ ବାହୁବଳେନ୍ଦ୍ର, ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ସୁନିଲ ମାଟିଆ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ, ନାଉଗାଁ ବ୍ଲକ ଉପାଧ୍ୟକ୍ଷା ମାମିନା ଦଳେଇ, ଜଗତସିଂହପୁର ମ୍ୟୁନିସିପାଲିଟିର ପୂର୍ବତନ କାଉନସିଲର ସୁବାସ ସାହୁ, ନାରାୟଣ ପ୍ରସାଦ ମହାନ୍ତି, ଦେବାଶିଷ ଛୋଟରାୟ, ସୁବୋଧ କୁମାର ସ୍ୱାଇଁ, ଗୋପାଳ ଛୋଟରାୟ, ସ୍ମୃତିରଂଜନ ଜେନା, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଜୟ କେତନ ସାମଲ, ସରପଞ୍ଚ ସର୍ବଶ୍ରୀ ଲିପକ କୁମାର ସାହୁ, ବିକ୍ରମ କେଶରୀ ସ୍ୱାଇଁ, ପ୍ରଦୀପ୍ତ ଲେଙ୍କା, ସିଦ୍ଧାର୍ଥ ଶେଖର ରାୟ, ତୋଫା ଇରା ବେଗମ, ପ୍ରମୋଦ କୁମାର ସାହୁ , ଅଞ୍ଜନ କୁମାର ସାହୁ, ନାରାୟଣ ନାୟକ, ପୁଷ୍ପଲତା ଭୋଇ, କୌଶଲ୍ୟା ଦାସ, ମାନସ ବିଶ୍ୱାଳ, ମିନାକା ଦାସ, ରୋଜାଲିନ ଦାସ, ପୂର୍ବତନ ସରପଞ୍ଚ ସର୍ବଶ୍ରୀ ଭାଗର୍ତୀ ତାରାଣିୟା, ପବନୀ ଭୋଇ, ନାରାୟଣ ପ୍ରସାଦ କାନୁନଗୋ, ଉଲ୍ଲାସ ସାହୁ, ସମିତିସଭ୍ୟ ସର୍ବଶ୍ରୀ ସୁଦର୍ଶନ ଭୋଇ, ଦୁର୍ଗାମାଧବ ବିଶୋଇ, ହେମନ୍ତ ଭୂଷଣ ପରିଡା, ନିମାଇଁ ଚରଣ ଦାସ, ପୂର୍ବତନ ସମିତିସଭ୍ୟ ସର୍ବଶ୍ରୀ ସୂର୍ଯ୍ୟନାରାୟଣ ପଲାଉ, ଉପେନ୍ଦ୍ର ଦାସ, ସଞ୍ଜୀବ ମିଶ୍ର, ପ୍ରସାଦ ବେହେରା, ପୂର୍ବତନ ଓବିସି ବ୍ଲକ ଅଧ୍ୟକ୍ଷ ବେଣୁଧର ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦୁଃଶାସନ ନାୟକ, ସରପଞ୍ଚ ଦୋଳଗୋବିନ୍ଦ ରାଉତ, ହେମାମଣି ମହାନ୍ତି, ପ୍ରାଚୀ ସାଗରିକା ଜେନା, ସନ୍ଧ୍ୟାରାଣୀ ବେହେରା, ଲକ୍ଷ୍ମୀଧର ସ୍ୱାଇଁ, ଲକ୍ଷ୍ମୀଧର ମଲ୍ଲିକ, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ପରିଡା, ରଞ୍ଜିତ ମଲ୍ଲିକ, ଅଭୟ କୁମାର ସ୍ୱାଇଁ, ନିରୂପମା ମହାନ୍ତି, ଦେବୀ ପ୍ରସାଦ ଲେଙ୍କା, ସମିତିସଭ୍ୟ ମାନସୀ ଲେଙ୍କା, ରିତା ଦାସ, ଲକ୍ଷ୍ମୀପ୍ରିୟା ପରିଡା, ବିଜୟଲକ୍ଷ୍ମୀ ରାଉତ, ବ୍ଲକ ସାଧାରଣ ସମ୍ପାଦକ ନିମାଇଁ ଚରଣ ମହାନ୍ତି, ସମୀର ନାୟକ, ଅଶାନ୍ତ ବେହେରା, ଅକ୍ଷୟ କୁମାର ସ୍ୱାଇଁ, କରୁଣାକର ନାୟକ, ଲଳିତ ପ୍ରସାଦ ମହାନ୍ତି, ସେହିପରି ଜଗତସିଂହପୁର ମ୍ୟୁନିସିପାଲିଟିର ପୂର୍ବତନ କାଉନସିଲର ଦିଲ୍ଲୀପ ସିଂ, ସୁବାସ ସାହୁ, ନିରଞ୍ଜନ ସେଠୀ, ସଂଜୀବ କୁମାର ସ୍ୱାଇଁ, ନିକୁଞ୍ଜ କିଶୋର ବେହେରା, ରବୀନ୍ଦ୍ର କୁମାର ଦାସ, ଜିଲ୍ଲା ଯୁବ କଂଗ୍ରେସର ପୂର୍ବତନ ଉପସଭାପତି ସାରଦା ନନ୍ଦ, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସ୍ୱାଇଁ, ଆଲୋକ କୁମାର ଖୁଣ୍ଟିଆ, ଦାସରଥୀ ସ୍ୱାଇଁ, ଅନୀଲ ଦାସ, ରାକେଶ କୁମାର ରାଉତ, ଆଶିଷ କୁମାର ଗୋଛାୟତ, ସତ୍ୟନାରାୟଣ ଚୌଧୁରୀ, ତ୍ରିଲୋଚନ ବିଶ୍ୱାଳ, ଅଜିତ କୁମାର ଦଳାଇ, ନିରଞ୍ଜନ ମହାପାତ୍ର, ଆଶୁତୋଷ ସାହୁ, କମଳାକାନ୍ତ ମହାପାତ୍ର, ବିଷ୍ଣୁ ପ୍ରସାଦ ରାୟ, ମନୋରଞ୍ଜନ ମଲ୍ଲିକ, ସୁବାସ ଚାନ୍ଦ, ସୁଦର୍ଶନ ରାଉତ, ଅଭୟ ଷଡ଼ଙ୍ଗୀ, ରାଜକିଶୋର ଦାସ, ଜିତେନ୍ଦ୍ର ବେହେରା, ସୌମ୍ୟରଞ୍ଜନ ବିଶ୍ୱାଳ, ସଞ୍ଜୟ ବେହେରା, ଦେବୀଦତ୍ତ ମହାନ୍ତି, ବିଜୟ କୁମାର ଗୋଛାୟତ, ସଂଜୟ କୁମାର ସ୍ୱାଇଁ, ଅଶୋକ କୁମାର ସାହୁ, ଧନେଶ୍ୱର ନାୟକ, ନାରାୟଣ ନାୟକ, ସ୍ୱସ୍ତି ପ୍ରସାଦ ମିଶ୍ର, ନିରଞ୍ଜନ ରାଉତ, ଦେବୀ ପ୍ରସାଦ ଲେଙ୍କା, ସଚିଦାନନ୍ଦ ଦାସ, ସୁଦୀପ ଦାସ, ସାରଦା ପ୍ରସାଦ ଦାସ, ସୁଧୀର ପ୍ରସାଦ ଦାସ, ଦୁର୍ଗା ନନ୍ଦ, ଘନ ମଲ୍ଲିକ, ଜଗତସିଂହପୁର ବ୍ଲକର ବିଭିନ୍ନ ପଞ୍ଚାୟତର ସଭାପତି ରଞ୍ଜନ କୁମାର ଖଣ୍ଡାୟତରାୟ, ଶିବାଶିଷ ତ୍ରିପାଠୀ, ଲକ୍ଷ୍ମୀଧର ସାମନ୍ତରାୟ, ଜ୍ଞାନରଞ୍ଜନ ପୃଷ୍ଟି, ସଂଜୀବ ମିତ୍ର, ଜୀବନ କୁମାର ଜେନା, ସୁବୋଧ ଲେଙ୍କା, ଗୌତମ ଚରଣ ମଲ୍ଲିକ, କୈଳାସ ଚନ୍ଦ୍ର ଦାସ, ଚନ୍ଦ୍ରଶେଖର ଶତପଥୀ, ବିଷ୍ଣୁଚରଣ ସ୍ୱାଇଁ, ବିଭୂତିଭୂଷଣ ସାହୁ, ଅଭିମନ୍ୟୁ ରାଉତ, ସଂଜୟ କୁମାର ସ୍ୱାଇଁ, ଆଶୁତୋଷ ପ୍ରଧାନ, ହେମନ୍ତ ରଞ୍ଜନ ଦାସ, ମନୋରଞ୍ଜନ ମହାପାତ୍ର, ସୁବୋଧ ମହାନ୍ତି, ଅଭୟ କୁମାର ବିଶ୍ୱାଳ, ମନୋଜ ନାୟକ, ଦେବପ୍ରସାଦ ଲେଙ୍କା, ବିପ୍ଳବ ପରିଡା, କୃପାସିନ୍ଧୁ ଦେବ, ପ୍ରଭଞ୍ଜନ ନାୟକ, ଅଜୟ ଦାସ, ଅଜିତ ପଟ୍ଟନାୟକ, ଜ୍ୟୋତିରଞ୍ଜନ ପରିଡା, ରାଜେଶ ରଞ୍ଜନ ବିଶ୍ୱାଳ ଓ ସୁବାସ ମହାନ୍ତିଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଡଭାନୀଙ୍କୁ...

ଭାରତ ରତ୍ନ ସମ୍ମାନରେ ସମ୍ମାନୀତ କରିବା ଘଟଣାକୁ ଖୁବ ପ୍ରଶଂସା କରାଯାଉଛି । ଚରଣ ସିଂ, ନରସିଂହ ରାଓ, କର୍ପୁରୀ ଠାକୁର ଏବଂ ସ୍ୱାମୀନାଥନଙ୍କୁ ପୂର୍ବରୁ ସର୍ବୋଚ୍ଚ ନାଗରିକ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା ହୋଇଥିଲା । ଗତ ଶନିବାର ଭାରତ ରତ୍ନ ପୁରସ୍କାରକୁ ଚୌଧୁରୀ ଚରଣ ସିଂଙ୍କ ନାତି ଜୟନ୍ତ ସିଂ, ନରସିଂହ ରାଓଙ୍କ ପୁଅ ପି.ଭି ପ୍ରଭାକର ରାଓ, କର୍ପୁରୀ ଠାକୁରଙ୍କ ପୁଅ ରାମନାଥ ଠାକୁର ଏବଂ ଏମଏସ୍ ସ୍ୱାମୀନାଥନଙ୍କ ଝିଅ ନିତ୍ୟା ରାଓ ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଗ୍ରହଣ କରିଛନ୍ତି ।

## ନକ୍ସଲଙ୍କ...

ପୁଲିସର ଏକ ଟିମ୍ ସେଠାରେ ପହଞ୍ଚିଥିଲା । କିନ୍ତୁ ସେତେବେଳେକୁ ସବୁ ଟ୍ରକ୍ ଜଳି ପୋଡି ପାଉଁଶ ହୋଇଯାଇଥିଲା । ନକ୍ସଲମାନେ ଦୀର୍ଘ ଦିନ ଧରି ଆମଦେଇ ଖଣି ପ୍ରକଳ୍ପକୁ ବିରୋଧ କରିଆସୁଛନ୍ତ । ପୂର୍ବରୁ ମଧ୍ୟ ଏଠାରେ ନିୟୋଜିତ ଥିବା ଗାଡିରେ ସେମାନେ ନିଆଁ ଲଗାଇଛନ୍ତି । ନାରାୟଣପୁର ଜିଲ୍ଲା ବସ୍ତର ଲୋକସଭା ନିର୍ବାଚନମଣ୍ଡଳିରେ ପଡେ, ଯେଉଁଠାରେ ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୧୯ ଏପ୍ରିଲରେ ଭୋଟ୍ ଗ୍ରହଣ କରାଯିବ । ତେବେ ଏହା ପୂର୍ବରୁ ନକ୍ସଲମାନେ ଏଭଳି କାଣ୍ଡ ଘଟାଇଛନ୍ତି ।

## ବିଜେପିକୁ...

ପ୍ରଶ୍ନ ଉଠାଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟାର୍ଗେଟ କରି ସେ କହିଛନ୍ତି ଯେ ସେ (ନରେନ୍ଦ୍ର ମୋଦୀ) ଏହି ନିର୍ବାଚନରେ ମ୍ୟାଚ୍ ଫିକ୍ସିଂ କରିବାକୁ ଚେଷ୍ଟା କରୁଛନ୍ତ । ସେ କହିଛନ୍ତି ଯେ ଇଭିଏମ୍ ଦୁରୁପଯୋଗ ନକରି ବିଜେପି ୪୦୦ ସଂଖ୍ୟା ପାର କରିପାରିବ ନାହିଁ । କଂଗ୍ରେସ ଦଳର ବ୍ୟାଙ୍କ ଆକାଉଣ୍ଟକୁ ସିଜ କରିବା ପ୍ରସଙ୍ଗରେ ରାହୁଲ ଗାନ୍ଧୀ କହିଛନ୍ତି ଯେ ସବୁଠାରୁ ବଡ ବିରୋଧୀ ଦଳର ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହୋଇଯାଇଛି ର୍ନିବାଚନ ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହୋଇଯାଇଛିଛ ଟଙ୍କା ଦେଇ ସରକାରକୁ ଭଙ୍ଗାଯାଉଛି । ସେ କହିଛନ୍ତି ଯେ ଯେଉଁ ଦିନ ସମ୍ବିଧାନ ଶେଷ ହେବ, ଭାରତ ବଞ୍ଚିବ ନାହିଁ । ସମ୍ବିଧାନ ହେଉଛି ଭାରତର ଲୋକଙ୍କ ସ୍ୱର । ଆପଣ ଭାରତର ସ୍ୱରକୁ ଦମନ କରିପାରିବେ ନାହିଁ ।

# ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ : ଡ୍ରାଇଭର ଗିରଫ

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ ପଞ୍ଚାୟତ ହରିପୁର ଗ୍ରାମ୍ୟ ରାସ୍ତାରୁ ନିରାକାରପୁର ପୋଲିସ ଗୋଟିଏ ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ କରିବା ସହିତ ଡ୍ରାଇଭରକୁ ଗିରଫକରିଥିବା ଜଣାପଡ଼ିଛି।ସୂଚନାଯୋଗ୍ୟ କି ଗୋଟିଏ ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ନଂ ଓଡି ୦୨ ଏଇ ୫୪୮୧ ହରିପୁର ଗାଁ ରାସ୍ତାରେ ଆସୁଥିବାବେଳେ ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶରେ ପଇଁତରା ମାରୁଥିବା ପୋଲିସ ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ।ପଥର ଚୋରା ଚାଲାଣ ହେଉଥିବାରୁ ଗାଡ଼ିକୁ ଜବତ କରି ଆଜି ଗାଡି ଡ୍ରାଇଭର ପ୍ରଶାନ୍ତ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏ ଏସ ଆଇ ତପନ କୁମାର ପ୍ରଧାନ ଜଣାଇଛନ୍ତି ।

# ମେଳଣ ପଡ଼ିଆ ସଫେଇ କଲେ ସୂରଜ

ଅସୁରାଳି,(ସବ୍ୟୁ):ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ ଶନିବାର ଦିନ ପ୍ରସିଦ୍ଧ ବୟାଙ୍ଗଡ଼ିହ ମେଳଣ ପଡିଆରେ ସଫେଇ କାର୍ଯ୍ୟ କରିଛନ୍ତି। ବୟାଙ୍ଗଡ଼ିହ ନୂଆହାଟ ଠାରେ ନିକଟରେ ତିନିଦିନ ବ୍ୟାପୀ ଦୋଳ ମେଳଣ ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର ଜନସମାଗମ ହୋଇଥିଲା। ମେଳଣ ସରିବା ପରେ ପଡିଆରେ ଖାଦ୍ୟ ସାମଗ୍ରୀ ପ୍ୟାକେଟ୍,ପଲିଥିନ ବ୍ୟାଗ୍,ପ୍ଲାଷ୍ଟିକ ପାଣି ବୋତଲ ଆଦି ବିଭିନ୍ନ ବ୍ୟବହୃତ ଜିନିଷପତ୍ର ପଡ଼ି ଅପରିଷ୍କାର ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ଆଜି ସକାଳେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସେଠାରେ ପହଂଚି ତାଙ୍କର ସାଥୀ ସହଯୋଗୀଙ୍କ ସହ ମିଶି ପଡିଆରୁ ଆବର୍ଜନା ଗୁଡ଼ିକୁ ଉଠାଇ ପରିଷ୍କାର ପରିଛନ୍ନ କାର୍ଯ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ କରିଥିଲେ। ଏହି ଅବସରରେ ସ୍ୱଚ୍ଛତା ଏକ ସେବା ଏବଂ ପରିବେଶର ସୁରକ୍ଷା ସୌନ୍ଦର୍ଯ୍ୟ ରକ୍ଷା କରିବା ସମସ୍ତଙ୍କ ପାଇଁ ନୈତିକତା ବୋଲି ବିଧାୟକ ସୂରଜ କହିଥିଲେ। ସଫେଇ କାର୍ଯ୍ୟରେ ବରିଷ୍ଠ ନେତା ଅଶୋକ ପୁହାଣ,ଶିକ୍ଷାବିତ ବିଷ୍ଣୁ ଚରଣ ମହାନ୍ତି,ସଦାଶିବ ପୋଥାଳ,ରାମଚନ୍ଦ୍ର ମିଶ୍ର,ମନୋଜ ଦାସ,ବୈକୁଣ୍ଠ ସାହୁ,ରାଜେନ୍ଦ୍ର ସାହୁ,ଇଂ.ରୁଦ୍ର ନାରାୟଣ ନାୟକ,ଶ୍ରୀକାନ୍ତ ନାୟକ,ସୂରଜ ସାହୁ,ବୁଦ୍ଧଦେବ ଜେନା,ଅନନ୍ତ ବେହେରା,ପ୍ରଶାନ୍ତ ନାୟକ,ଅଶୋକ ଜେନା,ପିଣ୍ଟୁ ମହାଳିକ,ସରପଂଚ ସରୋଜ ସ୍ୱାଇଁ,ରାମଚନ୍ଦ୍ର ବେହେରା,ଆଶିଷ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଉତ୍କଳ ଦିବସରେ ରାଜ୍ୟବାସୀଙ୍କୁ ଗୁରୁଜୀଙ୍କ ଶୁଭକାମନା

# ଫେରିଆସିବ ପୁଣି ଓଡ଼ିଶାର ହୃତଗୌରବ : ଚନ୍ଦ୍ରଭାନୁ ଶତପଥୀ



ନୂଆଦିଲ୍ଲୀ : ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀ ଓଡ଼ିଶାର ଭାଇ ଭଉଣୀମାନଙ୍କୁ ଶୁଭକାମନା ଜଣାଇଛନ୍ତି । ଏକ ବାର୍ତ୍ତାରେ ଗୁରୁଜୀ କହିଛନ୍ତି ଯେ ଏହା ଓଡ଼ିଆ ଜାତି ପାଇଁ ଏକ ସାମୁହିକ ଗୌରବମୟ ଦିବସ । କାରଣ ଏହିଦିନ ଓଡ଼ିଶାର ଜନ୍ମ ହୋଇଥିଲା । ତେଣୁ ଯିଏ ଯେଉଁଠି ଥିଲେ ମଧ୍ୟ ସମସ୍ତଙ୍କ ପାଇଁ ଏହା ଏକ ସ୍ୱାଭିମାନର ଦିବସ ।

ଇତିହାସକୁ ଦେଖିଲେ ଜଣାଯାଏ ଯେ କଳିଙ୍ଗ ଏକ ଗୌରବମୟ ସାମ୍ରାଜ୍ୟ ଥିଲା । ଯାହା ନିଜର ନୌବାଣିଜ୍ୟ ଉତ୍କର୍ଷ ଓ ନୌବ୍ୟବସ୍ଥାର କୁଶଳତା ପାଇଁ ଖ୍ୟାତି ଲାଭ କରିଥିଲା । ଜାଭା, ବାଲି, ସୁମାତ୍ରାରେ ଆଜି ମଧ୍ୟ ଓଡ଼ିଆ ସଂସ୍କୃତିର ଝଲକ ଦେଖିବାକୁ ମିଳେ । ବର୍ତ୍ତମାନ ସମୟରେ ଆମେ ଯାହା ଦେଖିଛୁ, ସେହି କଳିଙ୍ଗର ଅତିତ ଗୌରବ, ଉତ୍କର୍ଷ ବଢ଼ିବାକୁ ଲାଗିଛି । ଓଡ଼ିଶାର ସଂସ୍କୃତି, କଳା, ସ୍ଥାପତ୍ୟ, ସଂଗୀତ, ଧାର୍ମିକ ଭାବନା ଅତ୍ୟନ୍ତ ଉଚ୍ଚକୋଟିର ଥିଲା ଏବଂ ଅଛି । ଯାହାକି ଅନ୍ୟ ସଭ୍ୟତାକୁ ପ୍ରଭାବିତ କରୁଛି ଦେଶ ବିଦେଶରେ । କ୍ରୀଡା, ଶିକ୍ଷା ଏବଂ ସଂସ୍କୃତି କ୍ଷେତ୍ରରେ ମଧ୍ୟ ଆଜି ଓଡ଼ିଶା ଉତ୍କର୍ଷ ଲାଭ କରିଛି । ବାହାର ରାଜ୍ୟର ଛାତ୍ରଛାତ୍ରୀ କଳାକାର ଓଡ଼ିଶାକୁ ଆସି ଶିକ୍ଷା, ସଂସ୍କୃତି ଶିଖି ପାରୁଛନ୍ତି । ଅନେକ ବିଦେଶରେ କଳା ପ୍ରଦର୍ଶନ କରି ସୁନାମଧନ୍ୟ ହୋଇ ଓଡ଼ିଶାକୁ ଗୌରବାନ୍ୱିତ କରୁଛନ୍ତି । ମୋର ବିଶ୍ୱାସ ଯେଉଁ ଉତ୍କର୍ଷରେ ଆମେ ଗତି କରୁଛେ, ଆମର ଦ୍ରୁତ ଗୌରବ ପୁଣି ଫେରିଆସିବ । ଆଜିର ଦିନରେ ଉତ୍କଳ ଜନନୀଙ୍କ ଚରଣରେ ପ୍ରାର୍ଥନା କରିବା କେବଳ ଓଡ଼ିଶାବାସୀଙ୍କର ମଙ୍ଗଳ ପାଇଁ ନୁହେଁ, ଓଡ଼ିଶାବାସୀଙ୍କ ଉତ୍କର୍ଷ ସଂସ୍କୃତି ମାଧ୍ୟମରେ ଦେଶ ବିଦେଶରେ ଅନ୍ୟମାନଙ୍କର ମଧ୍ୟ କଲ୍ୟାଣ ହେଉ ବୋଲି ଗୁରୁଜୀ ଉଲ୍ଲେଖ କରିଛନ୍ତି ।

# ଦେବଗଡ଼ ଜିଲ୍ଲା ଓକିଲ ସଂଘ ନିର୍ବାଚନ

ଦେବଗଡ,(ସବ୍ୟୁ) : ଶନିବାର ଦେବଗଡ ଜିଲ୍ଲା ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ସଭାପତି ଭାବେ ବରିଷ୍ଠ ଓକିଲ ପ୍ରମଥେଶ ଗୁରୁ ନିର୍ବାଚିତ ହୋଇଛନ୍ତି। ଅନୁଷ୍ଠିତ ହୋଇଥିବା ନିର୍ବାଚନରେ ମୋଟ ୧୦୧ ଜଣ ଓକିଲଙ୍କ ମଧ୍ୟରୁ ୯୪ ଜଣ ମତଦାନ କରିଥିଲେ । ପୂର୍ବରୁ ଜିଲ୍ଲା ଓକିଲ ସଂଘ ସଂପାଦକ ଭାବେ କ୍ଷେତ୍ରବାସୀ ମେହେର ଓ ଉପସଭାପତି ଭାବେ ବିକାଶ କୁମାର ପ୍ରଧାନ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିଲେ। ଜିଲ୍ଲା ଓକିଲ ସଂଘର ସହ ସଂପାଦକ ଭାବେ ବିରେନ କୁମାର ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ରାଜକିଶୋର ପ୍ରଧାନଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବରିଷ୍ଠ ଓକିଲ ଜୟ ଭଗବାନ ଅଗ୍ରୱାଲା, ସୁଧାଂଶୁ କୁମାର ଅମାତ, ରାଜୀବ ଲୋଚନ ପ୍ରଧାନ, ପ୍ରମୋଦ କୁମାର ନନ୍ଦ, ମନୋଜ କୁମାର ପାଢୀଙ୍କୁ ମନୋନୀତ କରାଯାଇଛି।

## ଦାଦନ ଦୁଃଖ

# ଅର୍ଥ ଅଭାବରୁ ମୃତଦେହ ନେଇପାରିଲେନି ପରିବାର

ସମ୍ବଲପୁର,(ସବ୍ୟୁ): ପରିବାର ପାଇଁ ଘର ଦ୍ୱାର ଛାଡ଼ି ଦାଦନ ଖଟିବାକୁ ଯାଇଥିଲେ। ଭାବିଥିଲେ ରୋଜଗାର କରି ଟଙ୍କା ଆଣିଲେ ପରିବାର ଲୋକଙ୍କ ପେଟରେ ଦାନା ଦେବେ। ହେଲେ ଦୁର୍ଭାଗ୍ୟ । ଦାଦନ ଖଟିବାକୁ ଯାଇ ଶବ ପାଲଟିଗଲେ। ଘରକୁ ଫେରିପାରିଲେ ନାହିଁ। ଆର୍ଥିକ ଅନାଟନରେ ଘାଣ୍ଟି ହେଉଥିବା ପରିବାର ଲୋକେ ମଧ୍ୟ ମୃତଦେହ ନେବା ପାଇଁ ଅସହାୟତା ପ୍ରକାଶ କରିଥିଲେ। ତେଣୁ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ ଓ ପୋଲିସ । ଗତ ୨୬ ତାରିଖରେ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ଗଡ଼ପୋଷ(ଯୌତୁକବାହାଲ) ଗାଁ ନିକଟ ରେଳ ଧାରଣା ପାର୍ଶ୍ୱରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିଲା। ବାମରା ଜିଆରପି ଫାଣ୍ଡି ପୋଲିସ୍ ମୃତଦେହ ଜବତ କରିଥିଲା। ଏଥିସହ ମୃତଦେହ ପାଖରେ ଗୋଟିଏ ଫୋନ୍ ନମ୍ବର ପାଇଥିଲା। ସେହି ନମ୍ବରରେ ଯୋଗାଯୋଗ କରିଥିଲା ଜିଆରପି । ତା' ପରେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିଥିଲା। ସେ ଆସାମ ରାଜ୍ୟର ସୋନିତପୁର ଜିଲ୍ଲା ଚାରିଦ୍ୱାର ବ୍ଲକ୍ ଘାଗରା ବାହାବାରି ଗାଁର ଶିରାମ ସାନଡିଗୁରିଆ(୨୮) ବୋଲି ସ୍ପଷ୍ଟ ହୋଇଥିଲା।

ପରିଚୟ ମିଳିବା ପରେ ମୃତଦେହ ନେଇଯିବା ପାଇଁ ଅନୁରୋଧ କରିଥିଲା ପୁଲିସ୍। ହେଲେ ଅସହାୟତା ପ୍ରକାଶ କରିଥିଲେ ମୃତ ଶିରାମଙ୍କ ପରିବାର । ଶିରାମଙ୍କ ପରିବାର ଅତି ଗରିବ ଶ୍ରେଣୀରେ ହୋଇଥିବାରୁ ବାମରା ଆସିବାକୁ ଅକ୍ଷମତା ପ୍ରକାଶ କରିଥିଲେ। ଏହା ପରେ ମୃତଦେହକୁ ସରକାରୀ ନିୟମ ଅନୁସାରେ ୭୨ ଘଣ୍ଟା ଧରି ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଫ୍ରିଜରରେ ସୁରକ୍ଷିତ ରଖାଯାଇଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ଅପରାହ୍ନ ପ୍ରାୟ ୪ଟା ବେଳେ ମୁଣ୍ଡାଡିପା ସ୍ଥିତ ଶ୍ମଶାନରେ ଗାତ ଖୋଳି ପୋତି ଦିଆଯାଇଥିଲା। ବାମରା ଜିଆରପି ଫାଣ୍ଡି ଅଧିକାରୀ ଅରୁଣ ଭଇଁସାଲଙ୍କ ସହ ଅନ୍ୟାନ୍ୟ କର୍ମଚାରୀ, ସ୍ୱେଚ୍ଛାସେବୀ ଆକାଶ ଦୀକ୍ଷିତ, ଗୋବିନ୍ଦପୁର ସରପଞ୍ଚ ବିମଲ ଲାକ୍ରା, ଶିବ ଶଙ୍କର ପାଲ, ପୀର ଅନସାରି, ୱାର୍ଡ ସଭ୍ୟ ରାଜା ନାଏକ ଓ ରାଜା ଖାନ ପ୍ରମୁଖଙ୍କ ସହାୟତାରେ ମୃତଦେହ ସତ୍କାର କରାଯାଇଥିଲା।

# ୧୧୦ ଦୋଳଙ୍କ ମେଳନ : ଅଘୋରିରେ କମ୍ପିଲା ବଡଦାଣ୍ଡ



ରଣପୁର (ସବ୍ୟୁ) : ରବିବାର ପ୍ରସିଦ୍ଧ ରଣପୁର ପଞ୍ଚୁଦୋଳ ମେଳନ ଅନୁଷ୍ଠିତ ତ ହୋଇଛି।ଶନିବାର ରାତିରେ ୧୧ ଟାରେ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ସୁସଜ୍ଜିତ ବିମାନରେ ରଣପୁର ଅଗ୍ରଦେବୀ ମଣିନାଗଙ୍କ ଆଜ୍ଞାମାଳ ପଞ୍ଚୁଦୋଳ ପଡିଆରେ ପହଞ୍ଚି ଆସ୍ଥାନ ଗ୍ରହଣ କରିବାପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଦୋଳ ଗୁଡିକ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ପହଞ୍ଚିଥିଲେ।ପରେ ଦୋଳ ଗୁଡିକସହପଞ୍ଚୁମହାଦେବଙ୍କ ସହ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ । ଜଗନ୍ନାଥମନ୍ଦିରରୁ ଦୋଳ ଗୋବିନ୍ଦଙ୍କ ସହ ଅନ୍ୟଦୋଳଗୁଡିକ ସହ ସାମିଲ ହୋଇ ସକାଳୁ ଯାଇ ପଞ୍ଚୁଦୋଳ ପଡିଆଠାରେ ପହଞ୍ଚି ଥିଲେ। ଦିନତମାମ ମଣିନାଗଙ୍କ ସମ୍ମୁକରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ରଣପୁର ବ୍ଲକ ଓ ପଡୋଶୀ ଖୋର୍ଦ୍ଧା ଜିଲ୍ଲରୁ ୧୧୦ ଦୋଳରେ ଠାକୁର ବିମାନ ଗୁଡିକ ଆସିଥିଲା। ଦିନତମାମ ଭକ୍ତ ମାନେ ଆସି ଠାକୁରଙ୍କୁ ଫଗୁ ଲାଗି କରିଥିଲେ। ରବିବାର ଦିନବେଳେ ଭକ୍ତମାନେ ଭିଡ ଜମାଇଥିଲେ। ଅପରାହ୍ନରେ ମଣିନାଗ ଦେବିଙ୍କ ଯଜ୍ଞର ପୁନାହୁତି ପରେ ପ୍ରଥମେ ମଣିନାଗ ଆସ୍ଥାନ ଛାଡିଥିଲେ। ପରେ ଏକ ଶୋଭାଯାତ୍ରାରେ ମଣିନାଗ ଦୋଳଗୋବିନ୍ଦ ପଞ୍ଚୁମହାଦେବଙ୍କ ସମେତ ଅନାନ୍ୟ ଦୋଳ ଗୁଡିକ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରବିବାର ଦିନ ଅନୁଷ୍ଠିତ ପଞ୍ଚୁଦୋଳରେ ୨୦ ହଜାର ଭକ୍ତ ୧୧୦ ଦୋଳଙ୍କ ମେଳନ ଦେଖିଥିଲେ। ଅପରାହ୍ନରେ ଘଣ୍ଟଘଣ୍ଟା ଢୋଲରେ କମ୍ପିଲାବଡଦାଣ୍ଡ। ବିଶେଷ କରି ଓଡିଶା ବାହାରୁ ଆସିଥିବା ଅଘୋରି ନୃତ୍ୟ ଲୋକଙ୍କର ମନ ମୋହିଥିଲା। ସନ୍ଧ୍ୟାରେ ସମସ୍ତ ଦୋଳଗୁଡିକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ପହଚିଂ ବା ପରେ ମନ୍ଦିର ସମ୍ମୁଖରେ ନିଦ୍ଧାରିତ ନିତି ଅନିଯାଇ ଆଳତୀ ହୋଇଥିଲା। ପରେ ଦୋଳଗୋବିନ୍ଦ ଜଗନ୍ନାଥ ମନ୍ଦିର ରେ ପ୍ରବେଶପରେ ଅନ୍ୟ ବିମାନ ଗୁଡିକ ନିଜ ନିଜ ଅଞ୍ଚଳକୁ ଫେରିଯାଇଥିଲେ। ଏହି ପଞ୍ଚୁଦୋଳରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଓ ନୟାଗଡ ଜିଲ୍ଲାପରିଷଦ ଅଧକ୍ଷ ଦେବାଶିଷ୍ ପଟ୍ଟନାୟକ , ବିଜେପିର ପ୍ରବକ୍ତା ସବିତ ପାତ୍ର,ଏନଏସି ଅଧକ୍ଷା ରଙ୍ଗିନ୍ ମହାନ୍ତି, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସଂପାଦକ ସତ୍ୟବ୍ରତ ନାୟକ ,ପ୍ରମୁଖ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।

# ଆଖଣ୍ଡଳମଣିଙ୍କ ନିକଟରେ ପୂଜାର୍ଚ୍ଚନା କଲେ ବିଜେଡି ବିଧାୟକ ପ୍ରାର୍ଥୀ ଡା.ସଂଜୟ ଦାସ

ଆରଡି,(ସବ୍ୟୁ):ଚଳିତ ସାଧାରଣ ନିର୍ବାଚନ ପାଇଁ ବିଜେଡି ଦଳ ପକ୍ଷରୁ ପାର୍ଥି ଘୋଷଣା ହେବା ପରେ ନିଜ ଅଂଚଳର ଇଷ୍ଟ ଦେବଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହ ଲୋକମାନଙ୍କୁ ଭେଟିଛନ୍ତି ପାର୍ଥୀମାନେ। ଭଦ୍ରକ ଜିଲାର ବେଶ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ଭାବେ ପରିଚିତ ଧାମନଗର ନିର୍ବାଚନମଣ୍ଡଳୀରୁ ଚଳିତ ସାଧାରଣ ନିର୍ବାଚନର ବିଧାନସଭା ପାର୍ଥି ଭାବେ ନୂଆକରି ଡାକ୍ତର ସଂଜୟ ଦାସଙ୍କୁ ବିଜେଡି ଦଳ ପକ୍ଷରୁ ଟିକେଟ ମିଳିବା ପରେ ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିବା। ପରେ ଆରଡି ପୀଠର ବାବା ଆଖଣ୍ଡଳମଣିଙ୍କ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରିବା ସହିତ ଦୀପଜାଳି ଶୁଭ ମନାସିଛନ୍ତି। ପରେ ଭୋଟରମାନଙ୍କୁ ଭେଟି ଆର୍ଶିବାଦ ଭିକ୍ଷା କରିଛନ୍ତି। ଡାକ୍ତର ସଂଜୟ ଦାସ ଦୀର୍ଘମାସ ହେବ ଡାକ୍ତର କାର୍ଯ୍ୟରୁ ଅବ୍ୟାହତ ନେଇ ରାଜନିତିରେ ପାଦ ଥାପି ଥିଲେ ମଧ୍ୟ ସାଧାରଣ ଲୋକଙ୍କ ସେବା କରି ଚାଲିଥିଲେ। ଏପରିକି ଧାମନଗର ସହ ବିଭିନ୍ନ ସ୍ଥାନରେ ମେଗା ସ୍ୱାସ୍ଥ୍ୟ ମେଳା କରି ଲୋକଙ୍କ ପାଖରେ ବେଶ ଆଦୃତ ହୋଇପାରିଛନ୍ତି ଡାକ୍ତର ସଂଜୟ ଦାସ ।

# ଗ୍ରୀଷ୍ମକୁ ନଜରରେ ରଖି ଟିପିସିଓଡିଏଲର ସ୍ୱତନ୍ତ୍ର ବ୍ୟବସ୍ଥା



ଭୁବନେଶ୍ୱର (ସବ୍ୟୁ) : ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ପାଇଁ ଟିପିସିଓଡିଏଲ ଭିତ୍ତିଭୂମି ବିକାଶକୁ ବିଶେଷ ଗୁରୁତ୍ୱ ଦେଉଛି । ଏହି କ୍ରମରେ ଓପିଟିସିଏଲର ପ୍ରତାପ ଶାସନ ଗ୍ରୀଡ୍ ସବଷ୍ଟେସନରୁ ଉତ୍ତରା ପ୍ରାଇମେରୀ ସବଷ୍ଟେସନ ପର୍ଯ୍ୟନ୍ତ ଦ୍ୱିତୀୟ ୩୩ କେଭିର ବିଦ୍ୟୁତ ଲାଇନକୁ ସଫଳତାର ସହିତ କାର୍ଯ୍ୟକ୍ଷମ କରାଯାଇଛି । ୨୨୦/୧୩୨/୩୩ କେଭିର ଉଭୟ ଉତ୍ତରା ୧ ଏବଂ ୨ ଫିଡର୍ ପ୍ରତାପ ଶାସନ ଗ୍ରୀଡ଼ ସବଷ୍ଟେସନ ବଡ଼ଗଡ଼, ଲିଙ୍ଗିପୁର, ଉତ୍ତରା ଏବଂ ଶିଉଳା ପ୍ରାଇମେରୀ ସବଷ୍ଟେସନକୁ ନିରବଚ୍ଛିନ୍ନ ୩୩କେଭି ବିଦ୍ୟୁ ଯୋଗାଣ ସୁନିଶ୍ଚିତ କରିବ । ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୫୦୦୦ ଉପଭୋକ୍ତା ଉପକୃତ ହେବା ସହିତ ରଣସିଂହପୁର ଗ୍ରୀଡ଼ ସବଷ୍ଟେସନର ଲୋଡ଼ ହ୍ରାସ କରିବ । ଏହା ସହିତ ଉତ୍ତରା ଓ ଶିଉଳା ପ୍ରାଇମେରୀ ସବଷ୍ଟେସନର ସମସ୍ତ ଆରଏମୟୁ ସ୍ୱୟଂ ଚାଳିତ କରାଯାଇଛି । ଅନ୍ୟପଟେ ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରି ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ନିଆଯାଉଛି ବ୍ୟାପକ ପଦକ୍ଷେପ । ଏଥିପାଇଁ ଭୁବନେଶ୍ୱର କଳିଙ୍ଗ ନଗର ଅଞ୍ଚଳରେ ଥିବା ଏକ ୮ ଏମ୍.ଭି.ଏ ଟ୍ରାନ୍ସଫର୍ମରକୁ ଏକ ଅତ୍ୟାଧୁନିକ ନୂତନ ଜ୍ଞାନ କୌଶଳର ୧୬ ଏମ୍.ଭି.ଏ ଟ୍ରାନ୍ସଫର୍ମର ଜରିଆରେ ସୁଦୃଢ଼ କରାଯାଇଛି ।

# ଷୋଳମପୁର ଯାଦବ ସମିତିର ସୁବର୍ଣ୍ଣ ଜୟନ୍ତୀ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ଯାଦବ ସମିତିର ୫୦ ବର୍ଷ ପୁର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶନିବାର ଉଦଯାପିତ ହୋଇଯାଇଛି। ସମିତିର ସଭାପତି ରବିନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରବଚକ ଶିବଚରଣ ଦାସ ମୁଖ୍ୟଅତିଥି, ପୂଜକ ପରିକ୍ଷୀତ ପଣ୍ଡା, ଶିକ୍ଷାବିତ୍ ବିଶ୍ୱମ୍ଭର ରାଉତ, ସମ୍ପାଦକ ଘନଶ୍ୟାମ ପଲାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମିତିର କାର୍ଯ୍ୟଧାରା ଓ ସାଙ୍ଗଠନିକ ଦୃଢତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସମିତି ପକ୍ଷରୁ ଶିଶୁମାନଙ୍କ ମଧ୍ୟରେ ଶଙ୍ଖବାଦନ, ମହମବତୀ ପ୍ରଜ୍ୱଳନ, ହାଣ୍ଡିଫଟା, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ସଭାପତି ରବିନ୍ଦ୍ର ଦାସ, ସମ୍ପାଦକ ଘନଶ୍ୟାମ ପଲାଇ, ସଦସ୍ୟ ନଟବର ଖଟୁଆ, ଶିବପ୍ରସାଦ ପଲାଇ, ଅମ୍ରିତ ନାୟକ ଆଦିଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ଶେଷରେ ପ୍ରବଚକ ଶିବଚରଣ ଦାସ ରାଧାଗୋବିନ୍ଦ ପ୍ରେମ ଆଧାରିତ ଦିବ୍ୟ ପ୍ରବଚନ ପ୍ରଦାନ କରିବା ସହ ଭକ୍ତିରସାତ୍ମକ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ 'ସାଈଅଙ୍କିତ ଅକ୍ରେଷ୍ଟା' ଦ୍ୱାରା ଭଜନ, ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ସମିତି ପକ୍ଷରୁ ବାର୍ଷିକ ଦୋଳଗୋବିନ୍ଦ ପୂଜନ କାର୍ଯ୍ୟକ୍ରମରେ କଳସ ପୂଜନ, ରାଧାକୃଷ୍ଣ ମୃଣ୍ମୟ ମୂର୍ତ୍ତି ପୂଜନ, ଫଗୁଖେଳ, ନୂତନ ପଞ୍ଜିକା ପାଠ, ଲହୁଡି ଖେଳ ଆଦି ଯାଥାରୀତି ଅନୁଷ୍ଠିତ ହୋଇଥିଲା। ଶନିବାର ବିସର୍ଜନ ହୋଇ ପୂଜା ଓ ଉତ୍ସବ ଉଦଯାପିତ ହୋଇଥିଲା। ଉତ୍ସବକୁ ସମିତି ପକ୍ଷରୁ ନରେନ୍ଦ୍ର ନାୟକ, ଅନିରୁଦ୍ଧ ଦାସ, ରତ୍ନାକର ଦାସ, ଶ୍ୟାମସୁନ୍ଦର ନାୟକ, ଦିନବନ୍ଧୁ ଦାସ, ରଘୁନାଥ ଦାସ, ଚକ୍ରଧର ନାୟକ, ଶଙ୍କର୍ଷଣ ନାୟକ, ବିଦ୍ୟାଧର ଖଟୁଆ, ସୁଦର୍ଶନ ଦାସଙ୍କ ସହ ସଦସ୍ୟମାନେ ପରିଚାଳନା କରିଥିଲେ ।


IDBI BANK

ଆଇଡ଼ିବିଆଇ ବ୍ୟାଙ୍କ ଲିଃ.: କ୍ଷେତ୍ରୀୟ କାର୍ଯ୍ୟାଳୟ, ଆଇଡ଼ିବିଆଇ ହାଉସ୍, ୧ମ ମହଲା, ୟୁନିଟ୍ - ୯, ଜନପଥ, ଭୁବନେଶ୍ୱର-୭୫୧୦୨୨, ଓଡ଼ିଶା

CIN: L65190MH2004GOI148838

ପରିଶିଷ୍ଟ-୪ [ରୁଲ୍ ୮(୧)]

**ଦଖଲ ନୋଟିସ୍**

ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼ର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) (ସରଫେଶୀ ଆକ୍ଟ) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନେ ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଦେୟ ଓ ଖର୍ଚ୍ଚ ପାଇଁ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
| --- | --- | --- | --- |
| **ଋଣଗ୍ରହୀତା: ଶ୍ରୀ ପ୍ରତୀକ ସ୍ମିତ୍ ନାୟକ,** ମାର୍ଫତ: ଶ୍ରୀ ରାଜେନ୍ଦ୍ର ପ୍ରସାଦ ନାୟକ **/ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନେ: ଶ୍ରୀ ରାଜେନ୍ଦ୍ର ପ୍ରସାଦ ନାୟକ ଏବଂ ଶ୍ରୀମତୀ ପ୍ରଣତୀ ନାୟକ,** ସମସ୍ତଙ୍କ ଠିକଣା- ସା: ଶ୍ରୀବିହାର, ପୋ: ଶ୍ରୀକଣ୍ଠପୁର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧ | ଟ.୪୯,୯୯,୮୬୦.୬୦ + ସେବାବଦ ପରବର୍ତ୍ତୀ ସୁଧ | ୦୯.୧୧.୨୦୨୩ / ୨୮.୦୩.୨୦୨୪ | **୧) ଶ୍ରୀମତୀ ପ୍ରଣତୀ ନାୟକ,** ସ୍ୱାମୀ: ଶ୍ରୀ ରାଜେନ୍ଦ୍ର ପ୍ରସାଦ ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଶ୍ରୀବିହାର, ମୌଜା: ଶ୍ରୀକଣ୍ଠପୁର, ଖାତା ନଂ.: ୩୨୯/୧୩୪୭, ପ୍ଲଟ୍ ନଂ.: ୯୨୭/୨୯୬୬, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, ଜିଲ୍ଲା: ବାଲେଶ୍ୱର, ରାଜ୍ୟ-ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରାଜେନ୍ଦ୍ର ପ୍ରସାଦ ନାୟକ, ଦକ୍ଷିଣ: ପ୍ଲଟ୍ ନଂ.: ୯୨୭ର ଅବଶିଷ୍ଟ ଅଂଶ, **୨) ଶ୍ରୀ ରାଜେନ୍ଦ୍ର ପ୍ରସାଦ ନାୟକ,** ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଶ୍ରୀବିହାର, ମୌଜା: ଶ୍ରୀକଣ୍ଠପୁର, ୟୁନିଟ୍ ନଂ.: ୧୩, ଖାତା ନଂ.: ୩୨୯/୧୩୪୯, ପ୍ଲଟ୍ ନଂ.: ୯୨୭/୨୮୬୮, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, ଜିଲ୍ଲା: ବାଲେଶ୍ୱର, ରାଜ୍ୟ-ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରାସ୍ତା, ଦକ୍ଷିଣ: ନିଜସ୍ୱ ଜମି (ଗୃହ) ସହିତ ସେଠାରେ ଥିବା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର |
| **ଋଣଗ୍ରହୀତା: ଶ୍ରୀ ଜନ୍ମେଜୟ ମହାକୁଡ /ସହ-ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ରେଖା ମହାକୁଲ,** ଉଭୟଙ୍କ ଠିକଣା - ୧) ସା/ପୋ: ଇଞ୍ଚୁଡି, ଭାୟା: ରସଲପୁର, ଥାନା: ଖନ୍ତାପଡା, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୨୧, ଠିକଣା-୨) ପ୍ଲଟ୍ ନଂ.: ୫୩/୨୫୪୨/୫୩୭୧, ଖାତା ନଂ.: ୫୮୪/୧୭୯୬, ସା: ଦେଓ୍ୱାନପାଟଣା, ସୁରେନ୍ଦ୍ର ନିବାସ, ମୌଜା: ସୁନହଟ, ଥାନା: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୨ | ଟ.୩୫,୪୯,୩୭୮/- + ସେବାବଦ ପରବର୍ତ୍ତୀ ସୁଧ | ୧୦.୦୧.୨୦୨୪ / ୨୮.୦୩.୨୦୨୪ | **ଶ୍ରୀମତୀ ରେଖା ମହାକୁଲ,** ସ୍ୱାମୀ: ଶ୍ରୀ ଜନ୍ମେଜୟ ମହାକୁଡଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୩/୨୫୪୨/୫୩୭୧, ଖାତା ନଂ.: ୫୮୪/୧୭୯୬, ସା: ଦେଓ୍ୱାନପାଟଣା, ମୌଜା: ସୁନହଟ, ଥାନା: ବାଲେଶ୍ୱର, ପରିମିତ କ୍ଷେତ୍ର: ୨୦୦୩.୭୬ ବର୍ଗଫୁଟ, ତହସିଲ/ଥାନା/ଜିଲ୍ଲା: ବାଲେଶ୍ୱର, ରାଜ୍ୟ-ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍‌ର ଅବଶିଷ୍ଟ ଅଂଶ, ପଶ୍ଚିମ: ପ୍ଲଟ୍ ନଂ.: ୪୫, ଉତ୍ତର: ପ୍ଲଟ୍ ନଂ.: ୪୮, ଦକ୍ଷିଣ: ରାସ୍ତା ସହିତ ସେଠାରେ ଥିବା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୧.୦୪.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।







ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି, ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ବିଜେଡ଼ି ନେତାମାନେ ସାକ୍ଷାତ କରୁଛନ୍ତି ।

## ସୌଭିକ୍‌ଙ୍କ ପ୍ରାର୍ଥୀତ୍ୱକୁ ପୁଣି ମୋହର
# ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସ୍ୱାଗତ



କଟକ, (ସ୍ୱପ୍ର): ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ପ୍ରତି ପୁନର୍ବାର ଆସ୍ଥା ପ୍ରକଟ କରି ତାଙ୍କୁ ଦ୍ୱିତୀୟ ଥର ବିଜେଡି ଟିକେଟରେ ଲଢିବାକୁ ଘୋଷଣା କରିଛନ୍ତି। ଫଳରେ ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି କର୍ମୀ, ଶୁଭେଚ୍ଛୁଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏନେଇ ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ରବିବାର ଏକ ବିଜେଡି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଜଗନ୍ନାଥଙ୍କ ନିକଟରେ ତାଙ୍କର ଦୀର୍ଘଜୀବନ କାମନା କରିଛନ୍ତି ଶହାଶହ ମହିଳା, ପୁରୁଷ ଯୁବ ଓ ଛାତ୍ର ବିଜେଡି କାର୍ଯ୍ୟକର୍ତ୍ତା। ଏଥି ସହିତ ନୂତନ ଓଡିଶା ବିନ୍ଧାଣି ଭି.କେ ପଣ୍ଡିଆନ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଙ୍କୁ ମଧ ଧନ୍ୟବାଦ ଜଣାଇଥିଲେ। ମହାନଦୀବିହାର ସ୍ଥିତ ରିଧିସିଦ୍ଧି କଲ୍ୟାଣମଣ୍ଡପରେ ଆୟୋଜିତ ଏହି ସଭାରେ ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ରାମକାନ୍ତ ଲେଙ୍କା, ଡେପୁଟି ମେୟର ଦମୟନ୍ତି ମାଝୀ, ନଗର କମିଟି କାର୍ଯ୍ୟକାରୀ ସଭାପତି ଇଂ ସୁବ୍ରତ ଘଡାଇ, ସାଧାରଣ ସମ୍ପାଦକ ତାପସ ମହାନ୍ତି, ରାଜେନ୍ଦ୍ର ରଣା, ଏମଡିଏ ସମ୍ପାଦକ ହିମାଂଶୁ ଷଡଙ୍ଗୀ, ରାକେଶ ତ୍ରିପାଠୀ, ସଞ୍ଜୟ ଜେନା, କାବୁଲା ଆଚାର୍ଯ୍ୟ, ଚିରଞ୍ଜୟ ସାହୁ, ଦିଲ୍ଲୀପ ସାହୁ, ଅକ୍ଷୟ ପଣ୍ଡା, କର୍ପୋରେଟର ତାପସ ସାମନ୍ତରାୟ, ଅରବିନ୍ଦ ଜେନା, ସୌଭାଗିନୀ ଜେନା, ଝିଲି ବିହାରୀ, ନଳିନୀ ବେହେରା, ଭବାନୀ ଶଙ୍କର ଦାସ, ସ୍ମୃତିରଞ୍ଜନ ନାୟକଙ୍କ ସମେତ ରାଜ୍ୟ ଓ ଜିଲ୍ଲା ଦାୟିତ୍ୱରେ ଥିବା ବହୁ ବିଜେଡି କର୍ମୀ, ଯୁବ ବିଜେଡି କର୍ମୀ, ବିଭିନ ୱାର୍ଡର ସଭାପତି, ମୁରବୀ, ମହିଳା ଉପସ୍ଥିତ ଥିଲେ । ଏଥି ସହିତ ଏହି କୃତଜ୍ଞତା ସମ୍ମିଳନୀରେ ବିଭିନ୍ନ ୱାର୍ଡରେ ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଇ ନିର୍ବାଚନ ସମ୍ବନ୍ଧୀୟ ଦାୟିତ୍ୱ ଅର୍ପଣ କରାଯାଇଥିଲା ।

# ମହଙ୍ଗା ପଡ଼ିଲା ଲୁଚାଛପା ପ୍ରେମ ଥାନାରେ ଅଟକ ଯୁବକ

ସିମୁଳିଆ, (ସବ୍ୟୁ) : ଲୁଚାଛପା ପ୍ରେମ ପଡିଲା ମହଙ୍ଗା । ଶେଷରେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡି ଉତ୍ତମ ମଧ୍ୟମ ଖାଇ ଯୁବକ ପୋଲିସ ହେପାଜତରେ । ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ଗଣ୍ଡିବେଡ଼ ପାର୍ବତୀପୁର ଅଞ୍ଚଳର ପର୍ଶୁରାମ ଦାସଙ୍କ ସିମୁଳିଆ ଥାନା ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତର ଜନୈକା ମହିଳାଙ୍କ ସହ କିଛି ଦିନ ଧରି ପ୍ରେମ ସଂପର୍କ ଗଢି ଉଠିଥିଲା । ଉଭୟଙ୍କ ପ୍ରେମ ଏମିତି ପାଗଳ କରିଥିଲା ଦୁହେଁ ଦୁହିଁଙ୍କୁ ଦିନେ ନ ଦେଖିଥିଲେ ପାଗଳ ପ୍ରାୟ ହୋଇଯାଉଥିଲେ । ସମୟ ସୁଯୋଗ ଦେଖି ସ୍ୱାମୀ ଘରେ ନ ଥିବା ଅବସ୍ଥାରେ ପର୍ଶୁରାମ ଦେଖା କରିବାକୁ ମହିଳାଙ୍କ ନିକଟକୁ ଆସୁଥିଲା । ଏମିତି ଉଭୟଙ୍କ ମଧ୍ୟରେ ଲୁଚାଛପା ପ୍ରେମ ଚାଲିବା ସମୟରେ ଶନିବାର ଦିନ ମହିଳାଙ୍କୁ ଦେଖା କରିବାକୁ ଆସି ପର୍ଶୁରାମ ମହିଳାଙ୍କ ପରିବାର ଓ ଗ୍ରାମବାସୀଙ୍କ ହାବୁଡରେ ଧରା ପଡିଥିଲା । ଗ୍ରାମବାସୀ ଉଭୟଙ୍କୁ ଧରି ଉତ୍ତମ ମଧ୍ୟମ ଦେଇ ପୋଲିସକୁ ଫୋନ କରିଥିଲେ । ଖବର ପାଇ ସିମୁଳିଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପର୍ଶୁରାମକୁ ଉଦ୍ଧାର କରି ଥାନାରେ ଅଟକ ରଖି ତଦନ୍ତ କରୁଥିବା ଜଣାଯାଇଛି । ଅପରପକ୍ଷେ ମହିଳାଙ୍କ ଏପରି ଦୁଇ ତିନି ଥର ଘଟଣା ଘଟାଇଥିବାର ସ୍ୱାମୀ ଆଗରୁ ସିମୁଳିଆ ଥାନାରେ ଅଭିଯୋଗ କରି ଶେଷରେ ଆଜି ମହିଳାଙ୍କ ସ୍ୱାମୀ ସ୍ତ୍ରୀକୁ ଘରେ ନ ପୁରାଇବାକୁ ଜିଦରେ ଅଟଳ । ଭଦ୍ରବ୍ୟକ୍ତିଙ୍କ ଦ୍ୱାରା ଉଭୟଙ୍କୁ ପରିବାର ଭିତରେ ବାନ୍ଧିବାକୁ ପ୍ରୟାସ ଜାରୀ ରହିଛି । ପ୍ରକାଶ ଥାଉକି ମହିଳାଙ୍କର ଦୁଇ ବର୍ଷର ଥାଲାସେମିଆ ରୋଗରେ ପିଡିତ ଏକ ପୁତ୍ର ସନ୍ତାନ ଅଛି । ଏଭଳି ଅବସ୍ଥାରେ ଯଦି ପରିବାର ଭାଙ୍ଗିଯାଏ ପିଲାଟିର ଲାଳନ ପାଳନ ଓ ଚିକିତ୍ସାରେ ବାଧକ ଉପୁଜିବା ନେଇ ଭଦ୍ରବ୍ୟକ୍ତିମାନେ ଚିନ୍ତା ପ୍ରକଟ କରିଛନ୍ତି ।

# ୧୧ ଜଣଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପତ୍ର ପ୍ରଦାନ କଲେ ଜିଲ୍ଲାପାଳ

ଖୋର୍ଦ୍ଧା (ସବ୍ୟୁ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ୧୧ଜଣ ଶିକ୍ଷକ ଶିକ୍ଷୟିତ୍ରୀ, କନିଷ୍ଠ ସହାୟକ ଏବଂ ୪ର୍ଥ ଶ୍ରେଣୀ କର୍ମଚାରୀ ରବିବାର ଦିନ ଅବସର ଗ୍ରହଣ କରୁଥିବାରୁ ସେମାନଙ୍କ ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ତଥା ବିଦାୟୀ ଶିକ୍ଷକ ଶିକ୍ଷୟିତ୍ରୀ, କନିଷ୍ଠ ସହାୟକ ଏବଂ ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ଉପସ୍ଥିତିରେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ସଭାପତିତ୍ୱରେ ଏକ ଅବସରକାଳିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଚଂଚଳ ରାଣା ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ସମସ୍ତ ଅବସରକାଳିନ ଶିକ୍ଷକ ଶିକ୍ଷୟିତ୍ରୀ, କନିଷ୍ଠ ସହାୟକ ଏବ ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଏବଂ ପୂର୍ଣାଙ୍ଗ ଅବସରକାଳୀନ ପେନସନ୍ ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲାପାଳ ରାଜ୍ୟର ଖୋର୍ଦ୍ଧା ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ପୂର୍ଣ୍ଣାଙ୍ଗ ଅବସରକାଳୀନ ପତ୍ର ଅବସର ଦିନ ଦିଆଯାଉ ଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଉକ୍ତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରି ଏହା ଜିଲ୍ଲା ତଥା ରାଜ୍ୟ ପାଇଁ ଏକ ଦିଗ୍ଦର୍ଶନ ବୋଲି ପ୍ରତିପାଦନ କରିଥିଲେ । ଆଗାମୀ ଦିନରେ ଏହାକୁ ଅଧିକ



ତ୍ୱରାନ୍ୱିତ କରାଯିବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ଏବଂ ଡ. ଅମ୍ରିତା ପ୍ରିତିନନ୍ଦା ଉପସ୍ଥିତ ଥିଲେ । ଉକ୍ତ ଦିନ ମଧ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ପଠାଣୀ ଆଗ୍ରାସିଂହ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅବସର ନେଉଥିବାରୁ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ତାଙ୍କ ନିମନ୍ତେ ସମ୍ବର୍ଦ୍ଧନା ଉତ୍ସବ ମଧ ପାଳନ କରାଯାଇଥିଲା । ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂହ ଓ ଜିଲ୍ଲା ପ୍ରତିଷ୍ଠାନ ଅଧିକାରୀ ରଘୁନାଥ ବାରିକ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଶ୍ରୀ ଆଗ୍ରାସିଂହଙ୍କର ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଦୀର୍ଘ ୧୨ବର୍ଷ ହେଲା କାର୍ଯ୍ୟ କରିବାରେ ତାଙ୍କର ସମସ୍ତ କାର୍ଯ୍ୟ ଠିକ୍ ସମୟରେ ଓ ସୁଚାରୁରୂପେ ପାଳନ କରିଜିଲ୍ଲାର ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ଉତ୍ତଲ ଜବକାଚ ପ୍ରତିଷ୍ଠା ଓ ସଡ଼କ ସୁରକ୍ଷା





କଟକ, (ସବ୍ୟୁ) : ସହରରେ ବଢୁଥିବା ଜନଗହଳି ଓ ସେଥିପାଇଁ ଦୈନନ୍ଦିନ ଘଟୁଥିବା ସଡ଼କ ଦୁର୍ଘଟଣାକୁ ଆଖି ଆଗରେ ରଖି କଟକର ସୁନାମଧନ୍ୟ ଅନୁଷ୍ଠାନ କମଳା ବୈକୁଣ୍ଠ ଫାଉଣ୍ଡେସନ ତରଫରୁ ଏକ ଭିନ୍ନ ଧରଣର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି, ଫାଉଣ୍ଡେସନ ତରଫରୁ କଟକ ସହର ବିଭିନ୍ନ ଜନ ଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କରେ ଉତ୍ତଲ ଜବକାଚ ବା ରୋଡ ସେଫ୍ଟି ମିରର ସ୍ଥାପନ କରିବାକୁ ଚିନ୍ତା କରିବା ସହ , ଆଜି ପ୍ରଥମ କରି କଟକ ଶ୍ରୀରାମ ନଗର ସ୍ଥିତ ରୁଚି ମସଲା ଫ୍ୟାକ୍ଟ୍ରି ଓ ମଙ୍ଗଳା ମନ୍ଦିର ନିକଟରେ ଦୁଇଟି ସମତଳ ମିରର ସ୍ଥାପନ କରିବା ସହ, ଆଗାମୀ ଦିନରେ କଟକ ବିଭିନ୍ନ ସ୍ଥାନରେ ଏହି ଭଳି ମିରର ସ୍ଥାପନ କରିବାର ଯୋଜନା ରହିଛି ବୋଲି ଅନୁଷ୍ଠାନ ର ସଂଯୋଜକ ଆୟେଶକାନ୍ତ ମହାପାତ୍ର କହିଛନ୍ତି,ଏହା ସହ ସରକାର ଙ୍କୁ ମଧ ଅନୁରୋଧ କରିଛନ୍ତି କି ଏହି କାର୍ଯ୍ୟକ୍ରମ ପ୍ରତି ସରକାର ଧାନ ଦେଲେ ଓ ଏଭଳି ମିରର ସ୍ଥାପନ କଲେ ରାସ୍ତା ଘାଟରେ ହେଇଥିବା ଅନେକ ଦୁର୍ଘଟଣାରୁ ଲୋକ ବର୍ତ୍ତି ଜାଇ ପାରିବେ । ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ରେକୀ ମିଶନ ପ୍ରତିଷ୍ଠାତା ଗୁରୁ ଶ୍ରୀସନ୍ତ, ସ୍ଥାନୀୟ କର୍ପୋରେଟର ସୌଭାଗିନି ଜେନା, କଳାକାର ବୀରେନ ମିଶ୍ର (ଫକୁ ଭାଇ), ରେକେଡିଷ୍ଟ ପିଣ୍ଟୁ ଭାଇ ଙ୍କ କର କମଳରେ ଉନ୍ମୋଚନ କରାଯାଇଥିଲା, ଏହା ସହ ଫାଉଣ୍ଡେସନର ଆତ୍ମଜୀତ ମହାପାତ୍ର, ଅନୁଭବ ଭୋଲ, ସୌମ୍ୟା ଭୋଲ, ଡ଼ଃ ଅନ୍ୟାନ୍ୟ ଭୋଲ, ସିଦ୍ଧାର୍ଥ ସ୍ୱାଇଁ ଓ ଅନ୍ୟ ସମସ୍ତ ଫାଉଣ୍ଡର ମେମ୍ବର ଉପସ୍ଥିତ ରହି କାର୍ଯ୍ୟକ୍ରମ କୁସୁଗରୁପେ ସମ୍ପନ୍ନ କରିଥିଲେ ।

# ଫେସ୍ଟୁକ୍ 'ଆମ ପରିବାର' ପକ୍ଷରୁ ରକ୍ତଦାନ ଶିବିର

କଟକ, (ସବ୍ୟୁ): ଫେସ୍ଟୁକ୍ ସାମାଜିକ ସଙ୍ଗଠନ 'ଆମ ପରିବାର' ପକ୍ଷରୁ ଟାଉନ୍ ହଲ୍ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । 'ଆମ ପରିବାର'ର ଆଡମିନ୍ ତଥା ବରିଷ୍ଠ ଫଟୋ ସାମ୍ବାଦିକ ସରୋଜ କୁମାର ମଲ୍ଲିକଙ୍କ ପେରୋହିତ୍ୟରେ ଆୟୋଜିତ ଶିବିରରେ ବରିଷ୍ଠ ସାମ୍ବାଦିକ ଓ ପ୍ରସ୍ତକାର ଡକ୍ଟର ସତ୍ୟ ରାୟ, ସମାଜସେବୀ ସୁକାନ୍ତ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ସଜିକାନ୍ତ ନାଥ, ସମାଜସେବୀ ଡକ୍ଟର ଦ୍ୱୀପାୟନ ପଟ୍ଟନାୟକ, ବ୍ୟଙ୍ଗକବି ଡକ୍ଟର ଧର୍ମଛଡ଼ା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । 'ଆମ ପରିବାର' ପକ୍ଷରୁ ସୁଲୋଚନା ମହାନ୍ତି, ପ୍ରଭାତ ମହାପାତ୍ର, ନିର୍ମଳା ପଟ୍ଟନାୟକ, ସୁପ୍ରଭା ଦାସ, ରୋଜାଲିନ୍ ମହାପାତ୍ର, ଯସ୍ମିନ ମିଶ୍ର, ମମତା ଦାଶ, ଗୁରୁଦେବ ବେହେରା, ଅଶ୍ୱିନୀ ବିଶ୍ୱାଳ, ବିମଳ ମହାପାତ୍ର, ଜୟନ୍ତ କୁମାର ଦାଶ, ପ୍ରକାଶ ବେହେରା, ମନୋଜ ସାହୁ ପ୍ରମୁଖ ରକ୍ତଦାନ କରିଥିଲେ ।

## ରୋଟାରୀ ଜିଲ୍ଲା ୩୨୬୨ର ପେଟ୍ସ-ସେଟ୍ସ କର୍ମଶାଳା
# ଓଡିଶାରେ ରୋଟାରୀ ସେବା କ୍ଷେତ୍ରକୁ ଅଧିକ ବିକଶିତ କରାଯିବ : ପ୍ରାନ୍ତପାଳ ଯଜ୍ଞାଶିଷ୍

ଭୂବନେଶ୍ୱର (ସବ୍ୟୁ): ରୋଟାରୀ ଜିଲ୍ଲା ୩୨୬୨ ର ପେଟ୍ସ-ସେଟ୍ସ କର୍ମଶାଳା ସ୍ଥାନୀୟ ଏକ ତାରକା ହୋଟେଲରେ ଆୟୋଜିତ ହୋଇଯାଇଛି । ୨୦୨୪୨୫ ବର୍ଷର ଜିଲ୍ଲା ପ୍ରାନ୍ତପାଳ ଯଜ୍ଞାଶିଷ୍ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ରାଜ୍ୟରେ ରୋଟାରୀ ସେବା କ୍ଷେତ୍ରକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା । ବିଶେଷକରି ଅର୍ଥାଭାବରୁ ଅଧାରୁ ପାଠପଢ଼ା ଛାଡୁଥିବା ଶିକ୍ଷାର୍ଥୀ ମାନଙ୍କୁ ଆର୍ଥିକ ସହଯୋଗ, ଜଳବାୟୁ ପ୍ରଦୁଷଣ ଓ ପରିମଳ ସଚେତନତା ସୃଷ୍ଟି ଓ ବୃକ୍ଷରୋପଣ,ଗ୍ରାମାଞ୍ଚଳରେ ମୈଳିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରକୁ ରୋଟାରୀ ଅଧିକ ଗୁରୁତ୍ୱ ଦେବ ବୋଲି ପ୍ରାନ୍ତପାଳ ଶ୍ରୀ ମହାପାତ୍ର ଓ ପ୍ରଥମ ମହିଳା ଇତୁନ୍ ମହାପାତ୍ର ସୂଚନା ଦେଇଥିଲେ । ଏହି କର୍ମଶାଳାରେ ରାଜ୍ୟର ୨୫ଟି ଜିଲ୍ଲାର ୧୧୬ଟି କ୍ଲବ୍ ର ସଭାପତି ଓ ସମ୍ପାଦକଙ୍କ ସମେତ ୪୦୦ରୁ ଉର୍ଦ୍ଧ ପ୍ରତିନିଧି ଯୋଗଦେଇଥିଲେ ଛନିଜ ନିଜ କ୍ଷେତ୍ରରେ ରୋଟାରୀ ସେବାକୁ ଅଧିକ



ପ୍ରସାର କରିବାପାଇଁ ସଂପୃକ୍ତ ପ୍ରତିନିଧି ମାନେ ସଂକଳ୍ପ ନେଇଥିଲେ । ଏହି ଅବସରରେ ୧୦ ଜଣ ଅସହାୟା ମହିଳା ଓ ଦିବ୍ୟାଙ୍ଗଙ୍କୁ ସିଲେଇ ମେସିନ ଓ ହୁଇଲ୍ ଚେୟାର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଆନ୍ତର୍ଜାତୀକ ନିର୍ଦ୍ଦେଶକ ଅନିରୁଦ୍ଧ ରାୟ ଚୋଧୁରୀ,ଡ଼ ବାଲ ଏମ୍ ଇନାମଦାର୍,ମନ୍ଦୀର ନାରଙ୍ଗ ଯୋଗଦେଇ ରୋଟାରୀ ପଦାଧିକାରୀ ମାନଙ୍କୁ ରୋଟାରୀ ସମ୍ପର୍କିତ ଟିପ୍ସ ଦେଇଥିଲେ । ପ୍ରାକ୍ତନ ପ୍ରାନ୍ତପାଳ ଶାନ୍ତନୁ ପାଣିଙ୍କ ପ୍ରତେକ୍ଷ ତ୍ୱବାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରବିନାରାୟଣ ନନ୍ଦ, ଶିବବ୍ରତ ଦାସ, ଦେବାଶିଷ ମିଶ୍ର,ଏ ବି ମହାପାତ୍ର, ଅଶ୍ୱିନୀ କର,ପ୍ରଭୂଦତ୍ତ ସୁବୁଦ୍ଧି , ଜୟଶ୍ରୀ ମହାନ୍ତି ଓ ନିର୍ବାଚିତ ପ୍ରାନ୍ତପାଳ ଅନିଲ୍ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ମିଡ଼ିଆ ସେଲ୍ ଚେୟାରମ୍ୟାନ୍ ବିଭୂତି ଭୂଷଣ କର ରୋଟାରୀକୁ ଅଧିକ ଲୋକାଭିମୁଖୀ କରିବାରେ ଗଣମାଧମ ସହଯୋଗ ଲୋଡ଼ିବା ସହ କର୍ମନିଷ୍ଠ ସାମ୍ବାଦିକ ପ୍ରତାପ ଚନ୍ଦ୍ର ପ୍ରଧାନ ,ସୈମ୍ୟରଞ୍ଜନ ନାୟକ, ପ୍ରଦୀପ କୁମାର ପରିଡ଼ା ଓ ସୁନିଲ୍ କୁମାର ନାୟକଙ୍କୁ ରୋଟାରୀ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲାଛ ଅନ୍ୟମାନଙ୍କ ମଧରେ ଅନିଲ୍ ସାହା,ସାକ୍ୟ ପଟ୍ଟନାୟକ, ସୁଶାନ୍ତ ମହାପାତ୍ର,ଇନ୍ଦ୍ରଜିତ ସାହୁ, ମୃଣାଳକାନ୍ତି ନାୟକ, ଦେବଜାନୀ ବୋଷ,ପ୍ରାକ୍ତନ ସଭାପତି ସଞ୍ଜୟ ଚୋଧୁରୀ , ପ୍ରସନ୍ନ ଲେଙ୍କା,ରୋଟାରୀ ରୟାଲ୍ ସମ୍ପାଦକ ଆଶିଷ ପରିଡ଼ା, ନୟାଗଡ଼ କ୍ଲବ୍ ସଭାପତି ଶ୍ରୀକାନ୍ତ ଖଟେଇ,ପ୍ରଦୀପ ଦାସ ପ୍ରମୁଖ ଦିବସ ବ୍ୟାପି କର୍ମଶାଳାକୁ ପରିଚାଳନା କରିଥିଲେ ।

## ଅସ୍ମିତାର ସୁରକ୍ଷା ଓ ସାମୁହିକ ବିକାଶ ପାଇଁ
# ଓଡିଶାରେ ଏଥର ବିଜେପିର ଡବଲ ଇଞ୍ଜିନ୍ ସରକାର : ସମୀର ମହାନ୍ତି

ଭୁବନେଶ୍ୱର (ସବ୍ୟୁ): ଗତ ୨୦୧୯ ସାଧାରଣ ନିର୍ବାଚନରେ ବୌଦ୍ଧ ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡା ହୋଇଥିବା ଶେଷ କୁମାର ମେହେର ନିଜ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି । ସେହିପରି ବରଗଡ ଜିଲ୍ଲା ପଦ୍ମପୁର ନିର୍ବାଚନମଣ୍ଡଳି ଅନ୍ତର୍ଗତ ପାଇକମାଳ ଅଂଚଳର ଯୁବନେତା ଇଞ୍ଜିନିୟର ଆଶୁତୋଷ ସାହୁ ନିଜ ସମର୍ଥକଙ୍କ ସହିତ ବିଜେପିରେ ଯୋଗ ଦେଇଛନ୍ତି । ଶ୍ରୀ ସାହୁଙ୍କ ସମେତ ସ୍ଥାନୀୟ ବିଜେଡି ଯୁବନେତା ବସନ୍ତ ବାରିକ, ପୂର୍ବତନ ସମିତି ସଭ୍ୟ ସୁରଜ ଭୋଇ, ପଙ୍କଜ ସାହୁ, ନେହେରୁ ସାହୁ, ପ୍ରଶାନ୍ତ କୁମାର ସାହୁ, ନନ୍ଦ କୁମାର ଗୋଛି, ଗୌର କୁଅଁର, ୱାର୍ଡ ମେମ୍ବର ବିପିନି ବିହାରୀ ସାହୁ, ମହସିନ ମହମ୍ମଦ ପ୍ରମୁଖଙ୍କ ସମେତ ପଦ୍ମପୁର ନିର୍ବାଚନ ମଣ୍ଡଳିର ବିଭିନ୍ନ ଅନୁଷ୍ଠାନ ଏବଂ ବିଭିନ୍ନ ରାଜନୈତିକ ଦଳର ହଜାର ହଜାର କାର୍ଯ୍ୟକର୍ତ୍ତା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ



ପର୍ବରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି ।

ସେହିପରି ନିଆଳିର ପୂର୍ବତନ ବିଧାୟକ କସ୍ତୁରୀ ମଲ୍ଲିକଙ୍କ ସୁପୁତ୍ର ତଥା ବିଜେଡି ନେତା ପ୍ରମୋଦ କୁମାର ମଲ୍ଲିକ ଆଜି ନିଜ ଶତାଧିକ ସମର୍ଥକଙ୍କ ଗହଣରେ ବିଜେପିରେ ଯୋଗଦାନ କରିଛନ୍ତି । ଶ୍ରୀ ମଲ୍ଲିକଙ୍କ ସମେତ ବରିଷ୍ଠ ବିଜେଡି ନେତା ବିଜୟ କୁମାର ସ୍ୱାଇଁ, ଗଙ୍ଗାଧର ଭୋଇ, ପୋସ୍ତ ଗ୍ରାମ ପଂଚାୟତର ବିଜେଡି ସଭାପତି ବିଜୟ ରାଉତରାୟ, ଦିଲୀପ ବେହେରା, କଂଗ୍ରେସ ନେତାଧନେଶ୍ୱର ଖଟୁଆ ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ

**ବିଜେପିରେ ମିଶିଲେ ବୌଦ୍ଧ, ପଦ୍ମପୁର ଏବଂ ନିଆଳୀ ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ**

ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ଜଗତସିଂହପୁର ଲୋକସଭା ପ୍ରାର୍ଥୀ ଡ.ବିଭୂପ୍ରସାଦ ତରାଇ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟରେ ଦୀର୍ଘ ୨୪ବର୍ଷ ଧରି କିଛି ମୁଷ୍ଟିମେୟ ପ୍ରଶାସକଙ୍କ ମାଧମରେ ବିଜେଡି ସରକାର ଓଡ଼ିଶାବାସୀଙ୍କୁ ପ୍ରତାରିତ କରି ଆସୁଛନ୍ତି । ଓଡିଆ ଅସ୍ମିତାର ସୁରକ୍ଷା ସମେତ ରାଜ୍ୟର ସାମୁହିକ ବିକାଶ ପାଇଁ ଓଡିଶାରେ ଏଥର ବିଜେପିର ଡବଲ ଇଂଜିନ ସରକାର ଗଠନ କରିବା ପାଇଁ ଓଡିଶାବାସୀ ସଂକଳ୍ପ ନେଇଛନ୍ତି । ରାଜ୍ୟର ପ୍ରତ୍ୟେକ ପ୍ରାନ୍ତରୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନର ସଦସ୍ୟ, ପ୍ରତିଷ୍ଠିତ ବ୍ୟକ୍ତିବିଶେଷମାନେ ବିଜେପିରେ ଯୋଗଦାନ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ହାତମୁଠାକୁ ସୁଦୃଢ଼ କରିବା ପାଇଁ ୮୯୮୦୮୦୮୦୮୦ ନମ୍ବରରେ ଡାୟାଲ କରି ବିଜେପିର ସଦସ୍ୟ ହୁଅନ୍ତୁ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବ ଅବସରରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।

# ପଦ୍ମିନୀ କେୟାରରେ ନିରନ୍ତର ଡାକ୍ତରୀ ଶିକ୍ଷା କାର୍ଯ୍ୟକ୍ରମ



କଟକ, (ସ୍ୱପ୍ର): ପଦ୍ମିନୀ କେୟାର ମଲ୍‌ଟି ସ୍ପେସିଆଲିଟି ହସ୍‌ପିଟାଲ ଭେଷଜ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟରତ ଷ୍ଟାଫ ନର୍ସମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନିରନ୍ତର ଡାକ୍ତରୀ ଶିକ୍ଷା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧମରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରୋଗୀ ଚିକିତ୍ସା କ୍ଷେତ୍ରରେ ଏଭଳି ପ୍ରଶିକ୍ଷଣ ଭିତ୍ତିକ କାର୍ଯ୍ୟକ୍ରମ ଅଧିକ ସହାୟକ ହେବବୋଲି ମତବ୍ୟକ୍ତ କରିବା ସହ ଏଥିରେ ଅଂଶ ଗ୍ରହଣ କରିଥିବା ଡାକ୍ତର ଓ ନର୍ସଙ୍କୁ ବଧାଇ ଜଣାଇଥିଲେ । ଭେଷଜ ବିଭାଗର ସହକାରୀ ପ୍ରଫେସର ଡା. ଦୀପକ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ପ୍ରଫେସର ଡା. ଧୀରେନ୍ଦ୍ର ନାଥ ମହାରଣା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଆକସ୍ମିକ ଦୁର୍ଘଟଣା ଓ ହୃଦ୍‌ରୋଗ ସମ୍ବନ୍ଧୀୟ ଜରୁରୀ ଚିକିତ୍ସା ବେଳେ ଅନୁସୃତ ପଦ୍ଧତି ଓ ଜୀବନ ରକ୍ଷାକାରୀ ଉପଚାର ସଂପର୍କରେ ବୁଝାଇବା ସହିତ ଉତ୍ସର୍ଗୀକୃତ ସେବା ଦ୍ୱାରା ରୋଗୀ ମୁହଁରେ ହସ ଫୁଟାଇବାକୁ ନର୍ସମାନଙ୍କୁ ପରାମର୍ଶ ଦେଇଥିଲେ । ସହକାରୀ ପ୍ରଫେସର ଡା. ଅଶୋକ ପଣ୍ଡା, ଡା. ଆଶାରାମ ପଣ୍ଡା, ଡା. ସ୍ୱସ୍ତିକ୍ ଆଚାର୍ଯ୍ୟ, ଡା. ଆଦିସ୍ କୁମାର ପଣ୍ଡା. ଡା. ରାଜେନ୍ଦ୍ର କୁମାର ବାରିକ, ଡା. କୌଶିକ୍ ସାହୁ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସଂଯୋଜକ ସହକାରୀ ପ୍ରଫେସର ଡା. ସ୍ୱାଇଁ ପ୍ରଶ୍ନୋତ୍ତର ମାଧମରେ ଡାକ୍ତରୀ ଶିକ୍ଷା ସମ୍ବନ୍ଧୀୟ ସଠିକ୍ ଉତ୍ତରଦାତାଙ୍କୁ ପୁରସ୍କୃତ କରିଥିଲେ । ଭେଷଜ ବିଭାଗର ଭାରପ୍ରାପ୍ତ ନର୍ସ ପ୍ରିୟଦର୍ଶିନୀ ସ୍ୱାଇଁ, ଶୁଭେନ୍ଦୁ ସିଂଙ୍କ ସମେତ ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜେଲରୁ ନିର୍ବାଚନୀ ଇସ୍ତାହାର ପଠାଇଲେ ଅରବିନ୍ଦ କେଜରିୱାଲ



**ନୂଆଦିଲ୍ଲୀ:** ଦିଲ୍ଲୀର ରାମଲୀଳା ମୈଦାନରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ରାଲି ଚାଲିଛି । ଏହି ରାଲିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ପତ୍ନୀ ସୁନୀତା କେଜରିୱାଲ ବିଜେପି ସରକାର ଉପରେ ଜୋରଦାର ବର୍ଷିଛନ୍ତି । ଏହାସହ ଜେଲରୁ କେଜରିୱାଲ ଯେଉଁ ବାର୍ତ୍ତା ପଠାଇଛନ୍ତି ତାହା ସେ ପଢିଥିଲେ । ଏହି କ୍ରମରେ ସେ ଆଗାମୀ ଲୋକସଭା ନିର୍ବାଚନ ପାଇଁ ଦେଶବାସୀଙ୍କ ଉର୍ଦ୍ଦେଶ୍ୟରେ ଅରବିନ୍ଦ କେଜରିୱାଲ ପଠାଇଥିବା ଇସ୍ତାହାର ମଧ୍ୟ ଘୋଷଣା କରିଛନ୍ତି । ସେ କହିଛନ୍ତି କି, ଲୋକସଭା ନିର୍ବାଚନରେ ଯଦି ଦେଶରେ ଇଣ୍ଡିଆ ମେଣ୍ଟର ସରକାର ଗଠନ ହୁଏ ତେବେ କେଜରିୱାଲଙ୍କ ତରଫରୁ ଦେଶବାସୀଙ୍କୁ ୬ଟି ଗ୍ୟାରେଣ୍ଟି ମିଳିବ । ଏହି ଗ୍ୟାରେଣ୍ଟି ମଧ୍ୟରେ ରହିଛି ..

–ଇଣ୍ଡିଆ ମେଣ୍ଟର ସରକାର ଗଠନ ହେଲେ ସାରା ଦେଶର ଲୋକଙ୍କୁ ୨୪ ଘଣ୍ଟିଆ ବିଜୁଳି ସେବା ମିଳିବ ।

–ଗରିବଙ୍କ ପାଇଁ ମାଗଣା ବିଜୁଳି : ଅରବିନ୍ଦ କେଜରିୱାଲଙ୍କ ଦ୍ୱିତୀୟ ଗ୍ୟାରେଣ୍ଟି ହେଉଛି ଦେଶର ପ୍ରତି ଗରିବ ପରିବାରକୁ ମାଗଣାରେ ବିଜୁଳି ସେବା ।

–ଦେଶର ପ୍ରତିଟି ଗାଁରେ ବିକଶିତ ସରକାରୀ ସ୍କୁଲ । ଯେଉଁଠି ଗରିବ ଓ ଧନୀକ ପିଲାଙ୍କ ମଧ୍ୟରେ ଫରକ ରହିବ ନାହିଁ । ପ୍ରତି ପିଲାଙ୍କୁ ସରକାରୀ ସ୍କୁଲରେ ଉଚ୍ଚମାନର ଶିକ୍ଷା ମିଳିବ ।

–ପ୍ରତିଟି ଗ୍ରାମରେ ମୋହଲ୍ଲା କ୍ଲିନକ ନିର୍ମାଣ କରାଯିବ । ପ୍ରତି ଜିଲ୍ଲାରେ ମଲ୍ଟିସ୍ପେଶାଲିଟି ସରକାରୀ ହସ୍ପିଟାଲ, ପ୍ରତି ବ୍ୟକ୍ତିଙ୍କ ପାଇଁ ମାଗଣା ଚିକିତ୍ସା ସେବା ।

–ସ୍ୱାମୀନାଥନ କମିଟି ଆଧାରରେ ପ୍ରତି ଫସଲ ଉପରେ କୃଷକଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ।

–ସବୁଠାରୁ ବଡ କଥା ହେଉଛି କି, କେଜରିୱାଲ ତାଙ୍କ ଷଷ୍ଠ ଗ୍ୟାରେଣ୍ଟିରେ ଲେଖିଛନ୍ତି ଯେ ଯଦି ଇଣ୍ଡିଆ ମେଣ୍ଟର ସରକାର ଗଠନ ହୁଏ ତେବେ ଦିଲ୍ଲୀକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ପ୍ରଦାନ କରାଯିବ ।

# ଲୋକସଭା ନିର୍ବାଚନ ପାଇଁ ଇଣ୍ଡିଆ ମେଣ୍ଟର ୫ ଦାବି

**ନୂଆଦିଲ୍ଲୀ:** ପାଖେଇ ଆସିଲାଣି ଲୋକସଭା ନିର୍ବାଚନ । ଏଥିପାଇଁ ଆରମ୍ଭ ହୋଇଗଲାଣି କସରତ । ଆଜି ରାଜଧାନୀ ଦିଲ୍ଲୀର ରାମଲଲା ମୈଦାନରେ ଆୟୋଜିତ ହୋଇଥିବା ମହାରାଲିରେ ନିର୍ବାଚନ ଆୟୋଗଙ୍କ ନିଟରେ ଇଣ୍ଡିଆ ବ୍ଲକ ୫ଟି ବଡ଼ ଦାବି ରଖିଛି । ଇଣ୍ଡିଆ ବ୍ଲକର ରାଲିକୁ ସମ୍ବୋଧିତ କରି କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ନିର୍ବାଚନ ଆୟୋଗଙ୍କ ନିକଟରେ ୫ଟି ଦାବି ରଖିଛନ୍ତି । ନିର୍ବାଚନ ଆୟୋଗ ବିରୋଧୀ ଦଳଙ୍କ ବିରୋଧରେ ଅନୁସନ୍ଧାନକାରୀ ସଂସ୍ଥା ଦ୍ୱାରା ନିଆଯାଇଥିବା କାର୍ଯ୍ୟକୁ ବନ୍ଦ କରିବା ଉଚିତ । ପୂର୍ବତନ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ତୁରନ୍ତ ମୁକ୍ତ କରାଯାଉ ବୋଲି ଦାବି କରାଯାଇଛି ।



ନିର୍ବାଚନ ସମୟରେ ବିରୋଧୀ ରାଜନୈତିକ ଦଳଗୁଡିକୁ ଆର୍ଥିକ ରୂପେ ପଙ୍ଗୁ କରିବା ପାଇଁ ଜୋରଜବରଦସ୍ତ କାର୍ଯ୍ୟାନୁଷ୍ଠାନଗୁ ତରନ୍ତୁ ବନ୍ଦ କରାଯିବା ଉଚିତ ବୋଲି ଇଣ୍ଡିଆ ମହାମେଣ୍ଟ ପକ୍ଷରୁ ଦାବି କରାଯାଇଛି । ନିର୍ବାଚନୀ ଚାନ୍ଦାକୁ ବ୍ୟବହାର କରି ବିଜେପି ଦ୍ୱାରା ପ୍ରତିଶୋଧର ଭବାନ, ଜୋର ଜବରଦସ୍ତ ବଟଇ ଆଦାୟ ଓ ମନିଲଣ୍ଡରିଂ ଅଭିଯୋଗର ଯାଞ୍ଚ ପାଇଁ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ଏସ୍ଆଇଟି ଗଠନ କରାଯିବାକୁ ନେଇ ଦାବି ହୋଇଛି ।

କହିରଖୁ ଯେ ଇଡି ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଜମି ଦୁର୍ନୀତି ଅଭିଯୋଗରେ ଏବଂ ଅରବିନ୍ଦ କେଜରିୱାଲଙ୍କୁ ମଦ ଅଭିଯୋଗରେ ଗିରଫ କରିଛି । ଏହି ଗିରଫଦାରୀକୁ ବିରୋଧ କରି ରବିବାର ଇଣ୍ଡିଆ ବ୍ଲକର ମହାରାଲି ଆୟୋଜିତ ହୋଇଥିଲା । ଏଥିରେ ଦେଶର ଗଣତନ୍ତ୍ର ଓ ସମ୍ବିଧାନକୁ ବଞ୍ଚାଇବାକୁ ଆହ୍ୱାନ ଦିଆଯାଇଛି । ଏଥିରେ ପ୍ରାୟ ୨୮ଟି ବିରୋଧୀ ଦଳ ମେଳି କରି ଶକ୍ତି ପ୍ରଦର୍ଶନ କରିବା ସହ ବିଜେପି ଉପରେ ବର୍ଷିଛନ୍ତି ।

## 'କଂଗ୍ରେସ ବିଶ୍ୱାସଯୋଗ୍ୟ ନୁହେଁ' : ମୋଦି



**ନୂଆଦିଲ୍ଲୀ:** କଂଗ୍ରେସ ବିରୋଧରେ ପ୍ରଧାନମନ୍ତ୍ରୀଙ୍କର ଏକ ମନ୍ତବ୍ୟ ଖୁବ୍ ଚର୍ଚ୍ଚାକୁ ଆସିଛି । ମୋଦୀ ଟ୍ୱିଟ୍ କରି କହିଛନ୍ତି କଚ୍ଛାତିବୁ ଦ୍ୱୀପକୁ ଶ୍ରୀଲଙ୍କାକୁ ଦେଇ କଂଗ୍ରେସ ଦେଶର ଅଖଣ୍ଡତାକୁ ନଷ୍ଟ କରିଛି । କଂଗ୍ରେସକୁ ଟାର୍ଗେଟ କରି ମୋଦୀ କହିଛନ୍ତି ଯେ, '୧୯୭୪ରେ ଇନ୍ଦିରା ଗାନ୍ଧୀ ଦେଶର ପ୍ରଧାନମନ୍ତ୍ରୀ ଥିବାବେଳେ କଚ୍ଛାତିବୁ ଦ୍ୱୀପକୁ ଶ୍ରୀଲଙ୍କା ହାତରେ ଦେଇଦେଲେ । ଯାହା ଦେଶର ଅଖଣ୍ଡତା ଓ ହିତକୁ ଦୁର୍ବଳ କରିଦେଇଥିଲା । କଂଗ୍ରେସର ଏଭଳି କାର୍ଯ୍ୟ ପରେ କଂଗ୍ରେସକୁ ଆଉ ଭରସା କରାଯାଇପାରିବ ନାହିଁ । ଆରଟିଆଇ ରିପୋର୍ଟ ଆସିବା ପରେ ଏହାକୁ ଆଚମ୍ବିତ ହେବା ଭଳି ଖବର କହିବା ସହ କଂଗ୍ରେସକୁ କଟାକ୍ଷ କରିଛନ୍ତି ମୋଦୀ ।

ଗୃହମନ୍ତ୍ରୀ ଅମିତ ଶାହା ମଧ୍ୟ ଏହି ପ୍ରସଙ୍ଗରେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି । କହିଛନ୍ତି, କଂଗ୍ରେସ ଶ୍ରୀଲଙ୍କାକୁ ଦ୍ୱୀପ ଦେଇଦେବା ପରେ ବି ତାଙ୍କ ମନରେ ତିଳେମାତ୍ର ଅନୁତାପ ନାହିଁ । କେତେବେଳେ କଂଗ୍ରେସ ଦଳ ଦେଶକୁ ବାଣ୍ଟିବା କଥା କହୁଛି ତଆଉ କେତେବେଳେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ବଦନାମ କରୁଛି ।

# ମାର୍କେଟ ମଝିରେ ଫୁଟିଲା କାର୍ ବୋମା, ୮ ମୃତ

**ନୂଆଦିଲ୍ଲୀ:** ମାର୍କେଟ ମଝିରେ ହେଲା ଭୟଙ୍କର ବିସ୍ଫୋରଣ । ଫୁଟିଲା କାର୍ ବୋମା । ଫଳରେ ଘଟଣାସ୍ଥଳରେ ହିଁ ଆଖିବୁଜିଲେ ୮ ଜଣ । ସେହିପରି ୨୩ରୁ ଅଧିକ ଲୋକ ଆହତ ହୋଇଛନ୍ତି । ରବିବାର ସକାଳେ ତୁର୍କୀ ସମର୍ଥକ ବାହିନୀ ଦ୍ୱାରା ଦଖଲ ଉତ୍ତର ସିରିଆର ଘଟିଛି ଏଭଳି କିଛି ଅଘଟଣ । ସିରିୟା ଅବଜରଭେଟରୀ ଫର୍ ହ୍ୟୁମନ ରାଇଟସର କହିବା ମୁତାବକ, ଆଲେପ୍ପୋ ପ୍ରଦେଶର ଆଜାଜର ଏକ ଜନଗହଳିପୂର୍ଣ୍ଣ ବଜାରର କେନ୍ଦ୍ର ସ୍ଥଳରେ ଏକ କାର ବୋମା ବିସ୍ଫୋରଣ ହୋଇଛି । ଏହି ବିସ୍ଫୋରଣରେ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୩ ଜଣ ଆହତ ହୋଇଛନ୍ତି । ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆଗକୁ ମୃତାହତଙ୍କ ସଂଖ୍ୟା ଆହୁରି ବିବା ନେଇ ଆଶଙ୍କା ରହିଛି ।



ବିସ୍ଫୋରଣ ସ୍ଥଳରେ ଉଦ୍ଧାର କାର୍ଯ୍ୟରେ ଆମ୍ବୁଲାନ୍ସ ଏବଂ ଉଦ୍ଧାରକାରୀ ଦଳଙ୍କୁ ନିୟୋଜିତ କରାଯାଇଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି । ସିରିଆରେ ନେଟୱାର୍କ ଥିବା ବ୍ରିଟେନ ସ୍ଥିତ ଅବଜରଭେଟୋରୀ ଏ ସମ୍ପର୍କରେ ସୂଚନା ଦେଇଛି ।

ସୂଚନାଯୋଗ୍ୟ, ୨୦୧୧ ରେ ସରକାର ଶାନ୍ତିପୂର୍ଣ୍ଣ ବିରୋଧକୁ ଦମନ କରିବା ପରେ ସିରିଆର ଗୃହଯୁଦ୍ଧ ଆରମ୍ଭ ହୋଇଥିଲା । ଜିହାଦୀ ତଥା ବିଦେଶୀ ବାହିନୀ ଏଥିରେ ସାମିଲ ହୋଇଥିଲେ । ଫଳରେ ଗୃହଯୁଦ୍ଧ ଏକ ବିପଜ୍ଜନକ ବିବାଦରେ ପରିଣତ ହୋଇଥିଲା । ଏହି ଗୃହଯୁଦ୍ଧରେ ୫୦୭,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ଲକ୍ଷ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି ଏବଂ ଦେଶର ଭିତ୍ତିଭୂମି ଏବଂ ଶିଳ୍ପକୁ ବ୍ୟାହତ କରିଛନ୍ତି ।

ତୁର୍କୀ ସିରିଆରେ କ୍ରମାଗତ ସାମରିକ ଆକ୍ରମଣ ଜାରି ରଖିଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ କୁର୍ଦ୍ଦ ଆତଙ୍କବାଦୀଙ୍କୁ ଟାର୍ଗେଟ କରିଛନ୍ତି । ତୁର୍କୀ ସୈନ୍ୟବାହିନୀ ଓ ସେମାନଙ୍କ ସିରିୟା ପ୍ରତିନିଧିମାନେ ସିରିୟା ସୀମାର ଏକ ବଡ ଭାଗକୁ କବଜା କରିନେଇଛନ୍ତି । ଯେଉଁଥିରେ ଅଜାଜ ଭଳି ଅନେକ ପ୍ରମୁଖ ସହର ସାମିଲ ଅଛି ।

## ମୁଁ ଖର୍ଚ୍ଚ ଦେବି ଦେବେନ୍ଦ୍ର ଫଡନଭିସ୍ ମଣିପୁର ଯାଆନ୍ତୁ



**ମୁମ୍ବାଇ:** ଶିବସେନା (ଉଦ୍ଧବ ଠାକରେ ଗୋଷ୍ଠୀ) ଅଧ୍ୟକ୍ଷ ଉଦ୍ଧବ ଠାକରେ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସଙ୍କୁ କଟାକ୍ଷ କରିଛନ୍ତି । ସେ କହିଛନ୍ତି କି, ଦେଶର ବାସ୍ତବ ସ୍ଥିତି ଜାଣିବାକୁ ହେଲେ ଫଡନଭିସଙ୍କୁ ଦେଶର ବିଭିନ୍ନ ଅଞ୍ଚଳ ବୁଲିବାକୁ ପଡିବ । ଉଦ୍ଧବ କହିଛନ୍ତି କି, ଦେବେନ୍ଦ୍ର ଫଡନଭିସଙ୍କ ଗସ୍ତଖର୍ଚ୍ଚ, ରହିବା ଓ ଖାଇବାର ବ୍ୟବସ୍ଥା କରିଦେବି, ସେ କେବଳ ମଣିପୁର, ଅରୁଣାଚଳ ପ୍ରଦେଶ ଓ ଦାର୍ଜିଲିଂ ଗସ୍ତ କରନ୍ତୁ । ଏହାସହ ବାକି ସ୍ଥିତି ବାବଦରେ ଜାଣିବାକୁ ହେଲେ ତାଙ୍କୁ ଲଦାଖ ଗସ୍ତ କରିବାକୁ ମଧ୍ୟ ପଡିବ । କେବଳ ସେତିକି ନୁହେଁ ବଲିଉଡର ଜଣେ ପ୍ରଯୋଜକ ଖୋଜି ମଣିପୁର ଫାଇଲ୍ସ ନାମରେ ଏକ ସିନେମା କରନ୍ତୁ ଫଡନଭିସ୍ ।

ଅନ୍ୟପଟେ ମହାବିକାଶ ଅଘାଡି ମଧ୍ୟରେ ଲୋକସଭା ନିର୍ବାଚନକୁ ନେଇ ଆସନ ବୁଝାମଣା ବାବଦରେ ଚାଲିଥିବା ବିବାଦ ଉପରେ ଉଦ୍ଧବ କହିଛନ୍ତି କି, ଅପେକ୍ଷା କରନ୍ତୁ ଖୁବଶୀଘ୍ର ମେଣ୍ଟ ଭିତରେ ଆସନ ବୁଝାମଣା ହୋଇଯିବ ।

ରାଜନୈତିକ ପରିଦୃଶ୍ୟ ଉପରେ ଟିପ୍ପଣୀ ଦେଇ ଉଦ୍ଧବ କହିଛନ୍ତି କି, କିଛି ନେତା ନିଜନିଜର ଦଳ ଛାଡି ବିଜେପିକୁ ଯିବା ପରେ ମୂଳ ଦଳଗୁଡିକ ଏବେ ଠକ ମୁକ୍ତ ହୋଇଛି । ତେଣୁ ଏବେ ସବୁ ଠକ ଓ ଦୁର୍ନୀତିଖୋର ରାଜନେତାଙ୍କ ଆଶ୍ରୟସ୍ଥଳ ବିଜେପି ପାଲଟିଛି ବୋଲି ସେ କଟାକ୍ଷ କରିଛନ୍ତି ।

## ନିର୍ବାଚନ ପୂର୍ବରୁ ୧୦ ବିଧାନସଭା ଆସନରେ ବିଜେପିର ବାଜିମାତ୍

**ଇଟାନଗର:** ଅରୁଣାଚଳ ପ୍ରଦେଶରୁ ବିଜେପି ପାଇଁ ଏକ ଖୁସି ଖବର ଆସିଛି । କିଛି ସପ୍ତାହ ମଧ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଭୋଟିଂ ପୂର୍ବରୁ ଦଳ ୧୦ ଟି ସିଟ୍ ରେ ଜିତିଥିବାନେଇ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ, ଅରୁଣାଚଳ ପ୍ରଦେଶରେ ବିଜେପି ୧୦ ଟି ବିଧାନସଭା ଆସନ ଜିତିଛି ।

ଶନିବାର ନାମାଙ୍କନ ପ୍ରତ୍ୟାହାର ଅବଧି ଶେଷ ହେବା ପରେ ଏହି ପ୍ରାର୍ଥୀଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ, ଉପମୁଖ୍ୟମନ୍ତ୍ରୀ ଚାଉନା ମେନ୍ ଏବଂ ଅନ୍ୟ ଆଠ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ।



ମୁଫତୋ ବିଧାନସଭା ଆସନରୁ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଏକମାତ୍ର ନାମାଙ୍କନ ଭରିଥିଲେ । ଏହି ସିଟ୍ ରେ ଅନ୍ୟ କୌଣସି ଦଳର ପ୍ରାର୍ଥୀ ନାମାଙ୍କନ ଭରି ନଥିବାରୁ ସେ ବିଜୟୀ ହୋଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ପୱନ କୁମର ସେନ୍ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ଅନ୍ୟ ୯ଟି ବିଧାନସଭା ଆସନରୁ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି ।

ସେ କହିଛନ୍ତି, ୬ ଟି ବିଧାନସଭା ନିର୍ବାଚନମଣ୍ଡଳୀରେ କେବଳ ଗୋଟିଏ ନାମାଙ୍କନପତ୍ର ଦାଖଲ ହୋଇଥିବାବେଳେ, ଅନ୍ୟ ୪ ଟି ଆସନରେ ବିରୋଧୀ ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଛନ୍ତି । ଯାହା ଦ୍ୱାରା ବିଜେପିର ବିଜୟ ହୋଇଛି ।

ହେଲିକପ୍ଟର ଦୁର୍ଘଟଣାରେ ତାଙ୍କ ପିତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦୋରଜୀ ଖାଣ୍ଡୁଙ୍କ ମୃତ୍ୟୁ ପରେ ୨୦୧୦ ଉପ-ନିର୍ବାଚନରେ ଖାଣ୍ଡୁ ଏହି ଆସନରୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ମୁଖ୍ୟମନ୍ତ୍ରୀ ୨୦୧୪ ଏବଂ ୨୦୧୯ ବିଧାନସଭା ନିର୍ବାଚନରେ ବିପୁଳ ବ୍ୟବଧାନରେ ଜିତିଥିଲେ ।

## ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେନି ଗୋବିନ୍ଦା

**ନୂଆଦିଲ୍ଲୀ:** ଲୋକସଭା ନିର୍ବାଚନ ଲଢି ନପାରନ୍ତି ଗୋବିନ୍ଦା । ମାର୍ଚ୍ଚ ୨୮ରେ ଏକନାଥ ସିନ୍ଦେଙ୍କ ଶିବସେନା ଗୋଷ୍ଠୀରେ ଯୋଗ ଦେଇଥିବା ଅଭିନେତା ଗୋବିନ୍ଦା ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ସମ୍ଭାବନା ନଥିବା ବିଶେଷ ସୂତ୍ରରୁ ପ୍ରକାଶ ପାଇଛି । ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପରିବର୍ତ୍ତେ ପ୍ରଚାର କରିପାରନ୍ତି ବୋଲି କୁହାଯାଉଛି । ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, ଅଭିନେତା ତଥା ରାଜନେତା ଗୋବିନ୍ଦା ବିଦର୍ଭ ଅଞ୍ଚଳରେ ପ୍ରଚାର କରିବେ ।

ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ମହାରାଷ୍ଟ୍ରର ରାମଟେକ, ନାଗପୁର, ଭଣ୍ଡାର-ଗୋନ୍ଦିଆ, ଗଡଚିରୋଲି ଏବଂ ଚନ୍ଦ୍ରପୁର ଲୋକସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ । ଗୋବିନ୍ଦା ଏହି ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ।

ଗୋବିନ୍ଦା ଦୀର୍ଘ ୧୪ ବର୍ଷ ହେବ ସକ୍ରୀୟ ରାଜନୀତିରୁ ଦୂରେଇ ରହିଥିଲେ । ସେ ୨୦୦୪ରେ କଂଗ୍ରେସ ଟିକେଟରୁ ଲୋକସଭା ନିର୍ବାଚନ ଜିତିଥିଲେ । ୨୦୦୯ ଯାଏ ରାଜନୀତିରେ ବେଶ ସକ୍ରିୟ ଥିଲେ । କିନ୍ତୁ ୨୦୧୦ରୁ ୨୦୨୪ ଯାଏ ତାଙ୍କୁ ଆଉ ରାଜନୀତିରେ ଦେଖିବାକୁ ମିଳିନଥିଲା । ଏଥର ଲୋକସଭା ନିର୍ବାଚନ ପୂର୍ବରୁ ସେ ରାଜନୀତିକୁ ଫେରିଛନ୍ତି । ସେ ମାର୍ଚ୍ଚ ୨୮ରେ ଏକନାଥ ସିନ୍ଦେଙ୍କ ଉପସ୍ଥିତିରେ ଶିବସେନାରେ ଯୋଗ ଦେଇଥିଲେ ଏବଂ ୧୪ ବର୍ଷର ବନବାସ ପରେ ରାମରାଜ୍ୟକୁ ଫେରିଥିବା କହିଥିଲେ । ଗୋବିନ୍ଦା ସକ୍ରିୟ ରାଜନୀତିରେ ସାମିଲ ହେବା ପରେ ସେ ଲୋକସଭା ନିର୍ବାଚନ ଲଢିବା ନେଇ ଚର୍ଚ୍ଚା ହେଉଥିଲା । କିନ୍ତୁ ଏଥର ସେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ, ବରଂ ପ୍ରଚାର କରିବେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି ।

## ମୋଦି ଜୀ ତୁମ ତୋ ଧୋକେବାଜ ହୋ: ତେଜସ୍ୱୀ

**ପାଟଣା:** 'ମୋଦି ଜୀ ତୁମ ତୋ ଧୋକେବାଜ ହୋ, ବାଦା କର କେ ଭୁଲ ଜାତେ ହୋ' ଏଭଳି କିଛି ଅନ୍ଦାଜରେ ଗୀତ ଗାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି ଆର୍ଜେଡି ନେତା ତେଜସ୍ୱୀ ଯାଦବ । ଦିଲ୍ଲୀରେ ଆୟୋଜିତ ହୋଇଥିବା ଇଣ୍ଡିଆ ବ୍ଲକର ଲୋକତନ୍ତ୍ର ବଞ୍ଚାଅ ମହାରାଲିରେ ଯୋଗ ଦେଇ ଏଭଳି କିଛି ନୂଆ ଅନ୍ଦାଜରେ ମୋଦିଙ୍କ ଉପରେ ବର୍ଷିଛନ୍ତି ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ।

ଦିଲ୍ଲୀରେ ଅୟୋଜିତ ହୋଇଥିବା ମହାରାଲିରେ ତେଜସ୍ୱୀ ଯାଦବ ଯୋଗ ଦେଇଛନ୍ତି । ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କରିଛନ୍ତି କଡା ଟାର୍ଗେଟ । ମଞ୍ଚ ଉପରେ ବଲିଉଡ ଫିଲ୍ମର ଏକ ଗୀତ ଗାଇ ସେ ମୋଦିଙ୍କୁ ମାରିଛନ୍ତି ବାଣ । 'ମୋଦି ଜୀ ତୁମ ତୋ ଧୋକେବାଜ ହୋବାଦା କର କେ ଭୁଲ ଜାତେ ହୋରୋଜ ରୋଜ ମୋଦି ଜୀ ତୁମ ଜୋ ଐସା କରୋଗେଜନତା ଜୋ ରୁଠ୍ ଗଇ ତୋ ହାତ ମଲୋଗେ... ।' ବଲିଉଡ ଅଭିନେତା ଗୋବିନ୍ଦାଙ୍କ ଏକ ଫିଲ୍ମ ଗୀତର ଲିରିକ୍ସକୁ ବଦଳାଇ ସେ ଏଭଳି ଗାଇଛନ୍ତି ।

କେବଳ ସେତିକି ନୁହେଁ ବେକାରୀ ଓ କୃଷକ ପ୍ରସଙ୍ଗ ଉଠାଇ ସେ ମୋଦିଙ୍କୁ ଘେରିଛନ୍ତି । ସେ କହିଛନ୍ତି, ଦେଶର ସବୁଠାରୁ ବଡ ଶତ୍ରୁ ହେଉଛି ବେକାରୀ ସମସ୍ୟା । ଦିନକୁ ଦିନ ଦରଦାମ ବୃଦ୍ଧି ପାଉଛି କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଯାଏଁ କାହାକୁ ବି ଚାକିରି ଖଣ୍ଡିଏ ଦେଇ ନାହାନ୍ତି । ଆଜି କୃଷକ କାଙ୍ଗାଳ ହୋଇଗଲେଣି ଓ ଯୁବକମାନେ ବେକାର ହୋଇ ବସିଛନ୍ତି । ତଥାପି ପ୍ରଧାନମନ୍ତ୍ରୀଙ୍କ ପାଖରେ କୃଷକଙ୍କୁ ଭେଟିବାକୁ ସମୟ ନାହିଁ ।

ସେ ଆହୁରି କହିଛନ୍ତି, ମୋଦି ଜୀ କେବଳ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କୁ ଭେଟିବେ । କୃଷକମାନଙ୍କୁ ସେ ଭେଟିବେ ନାହିଁ । ଚାରିଆଡେ ଘୃଣା ରାଜନୀତି ଚାଲିଛି । ବିଜେପି ଅବକି ବାର୍ ୪୦୦ ପାର୍ ନାରା ଦେଉଛି । ତାଙ୍କର ଏଭଳି ନାରା ଦେବା ପଛରେ ଏବେଠାରୁ ହିଁ ଇଭିଏମ୍ ସେଟିଂ କରାଯାଇଥିବା ସନ୍ଦେହ ହେଉଛି । ଦେଶରେ ଅଘୋଷିତ ଏମରଜେନ୍ସି ଲାଗୁ ହୋଇଯାଇଥିବା ଭଳି ମନେ ହେଉଛି ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫଦାରୀକୁ ବିରୋଧ କରି ଆଜି ଦିଲ୍ଲୀର ରାମଲଲା ମୈଦାନରେ ଇଣ୍ଡିଆ ଅଲାଏନ୍ସ ପକ୍ଷରୁ ମହାରାଲି ଆୟୋଜିତ ହୋଇଛି । ଏହି ରାଲି ଜରିଆରେ କଂଗ୍ରେସ, ଟିଏମ୍ସି, ଆପ୍, ଜେଏମ୍ଏମ୍ ସମେତ ପ୍ରାୟ ୨୮ରୁ ଅଧିକ ବିରୋଧୀ ଦଳ ବିଜେପି ବିରୋଧରେ ଶକ୍ତି ପ୍ରଦର୍ଶନ କରୁଛନ୍ତି । ଏହି ରାଲିରେ ଅରବିନ୍ଦ କେଜରିୱାଲଙ୍କ ପତ୍ନୀ ସୁନୀତା କେଜରିୱାଲ ଓ ହେମନ୍ତ ସୋରେନ୍ଙ୍କ ପତ୍ନୀ କଳ୍ପନା ସୋରେନ୍ ମଧ୍ୟ ସାମିଲ ହୋଇଛନ୍ତି ।

# ବିଜେପିକୁ କଡ଼ା ଚ୍ୟାଲେଞ୍ଜ ଦେଲେ ମମତା

**କୋଲକାତା:** ପାଖେଇ ଆସିଲାଣି ଲୋକସଭା ନିର୍ବାଚନ । ଏଥିପାଇଁ ଜୋରସୋରରେ ଲାଗି ପଡିଛନ୍ତି ସମସ୍ତ ରାଜନୈତିକ ଦଳ । ଏହାର ଭିତରେ ଆରୋପ ପ୍ରତ୍ୟେରୋପ ମଧ୍ୟ ଆରମ୍ଭ ହୋଇସାରିଛି । ଏହିକ୍ରମରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପିକୁ ଦେଇଛନ୍ତି ଖୋଲା ଚ୍ୟାଲେଞ୍ଜ । ବିଜେପିର ୪୦୦ ପାର୍ ନାରାକୁ ନେଇ ସେ କରିଛନ୍ତି ଉପହାସ ।

ରବିବାର ଏକ ରାଲିକୁ ସମ୍ବୋଧିତ କରି ମମତା କହିଛନ୍ତି, 'ବିଜେପି ୪୦୦ରୁ ଅଧିକ



ଆସନରେ ଜିତିବ ବୋଲି ଦାବି କରୁଛି । ମୁଁ ସେମାନଙ୍କୁ ପ୍ରଥମେ ୨୦୦ଆସନରେ ବିଜୟୀ ହୋଇ ଦେଖାଇବାକୁ ଚ୍ୟାଲେଞ୍ଜ କରୁଛି । ୨୦୨୧ ବିଧାନସଭା ନିର୍ବାଚନରେ ସେମାନେ ୨୦୦ରୁ ଅଧିକ ଆସନରେ ଜିତିବା ନେଇ ଆହ୍ୱାନ ଦେଇଥିଲା କିନ୍ତୁ ତାଙ୍କୁ ୭୭ରେ ସନ୍ତୁଷ୍ଟ ହେବାକୁ ପଡିଥିଲା ।

ଏଥିସହ ମମତା ନାଗରିକ ସଂଶୋଧନ ଆଇନ୍ ତଥା ସିଏଏକୁ ନେଇ ମଧ୍ୟ ବିଜେପି ଉପରେ ବର୍ଷିଛନ୍ତି । ରାଜ୍ୟରେ ସିଏଏକୁ କାର୍ଯ୍ୟକାରୀ କରିବାକୁ ଦେବୁ ନାହିଁ ବୋଲି ସେ କହିଛନ୍ତି । ସିଏଏ ପାଇଁ ଆବେଦନ ନକରିବାକୁ ସେ ଲୋକଙ୍କୁ ଅପିଲ କରିଛନ୍ତି । ସିଏଏ ପାଇଁ ଆବେଦନ କରୁଥିବା ବ୍ୟକ୍ତି ବିଦେଶୀ ବନି ଯାନ୍ତି ବୋଲି ସେ ଲୋକଙ୍କୁ ଚେତାଇଛନ୍ତି । ଏଥିପାଇଁ ଆବେଦନ ନକରିବାକୁ ସେ ଅନୁରୋଧ କରିଛନ୍ତି ।

ଆଇନଗତ ନାଗରିକମାନଙ୍କୁ ବିଦେଶୀରେ ପରିଣତ କରିବା ପାଇଁ ସିଏଏ ହେଉଛି ଏକ ଜାଲ । ଆମେ ପଶ୍ଚିମବଙ୍ଗରେ ସିଏଏ କିମ୍ବା ଏନଆରସିକୁ ଅନୁମତି ଦେବୁ ନାହିଁ ବୋଲି ତୃଣମୂଳ କଂଗ୍ରେସ ସୁପ୍ରିମୋ କହିଛନ୍ତି ।

## ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଚାକିରି: ପୂରଣ ହେବ ୧୪୩ ପଦବୀ

बैंक ऑफ़ इंडिया
Bank of India

**ନୂଆଦିଲ୍ଲୀ:** ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଚାକିରି ସୁଯୋଗ । ବିଭିନ୍ନ ପଦବୀ ପାଇଁ ବିଜ୍ଞପ୍ତି ଜାରି କରିଛି । ଏଥିପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଆଶାୟୀ ପ୍ରାର୍ଥୀ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଅଫିସିଆଲ୍ ୱେବସାଇଟ୍ bankofindia.co.inରେ ଅନଲାଇନ୍ ଜରିଆରେ ଆବେଦନ କରିପାରିବେ । **ପଦବୀ** ମୋଟ ୧୪୩ଟି ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ନିଯୁକ୍ତି ଡ୍ରାଇଭରେ ଚତୁର୍ଥ ସ୍କେଲ୍ ପର୍ଯ୍ୟନ୍ତ ବିଭିନ୍ନ ଷ୍ଟ୍ରିମରେ ଅଧିକାରୀ(ଅଫିସିଆଲ୍) ପଦବୀ ପୂରଣ ହେବ । ମାର୍ଚ୍ଚ ୨୭ରୁ ଆବେଦନ କରାଯାଉଛି । ଆବେଦନ କରିବାର ଶେଷ ତାରିଖ ଏପ୍ରିଲ ୧୦, ୨୦୨୪ । ଆବେଦନ ଶୁଳ୍କ ଅନଲାଇନରେ ଡିପୋଜିଟ୍ କରିପାରିବେ । ଆଇଡି ଦ୍ୱାରା ଦେୟ ଉପଲବ୍ଧ ରହିଛି । ଅଧିକ ବିବରଣୀ ପାଇଁ ଅଫିସିଆଲ ୱେବସାଇଟ୍ ଭିଜିଟ୍ କରନ୍ତୁ ।

# ଧୋନି ଲଢ଼ିଲେ, ଚେନ୍ନାଇ ହାରିଲା

ବିଶାଖାପଟନମ୍,୧।୪(ଏଜେନ୍ସି): ଚଳିତ ଆଇପିଏଲ୍-୧୭ରେ ଡିଫେଣ୍ଡିଂ ଚାମ୍ପିଅନ୍ ଚେନ୍ନାଇ ସୁପରକିଙ୍ଗ୍ସ ପ୍ରଥମ ମ୍ୟାଚ ହାରିଛି । ମ୍ୟାଚର ଶେଷ ଭାଗରେ ମହେନ୍ଦ୍ର ସିଂ ଧୋନିଙ୍କ ସଂଘର୍ଷ ସତ୍ତ୍ୱେ ଦଳ ବିଜୟଲକ୍ଷ୍ୟଠାରୁ ୨୦ ରନ୍ ପଛରେ ରହିଯାଇଥିଲା । ଧୋନି ୧୬ ବଲ୍‌ରୁ ୩୭ ରନ୍ ସଂଗ୍ରହ କରି ପରାଜୟ ବ୍ୟବଧାନକୁ କମ୍ କରିଥିଲେ । ଏହି ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୫ ୱିକେଟ୍ ହରାଇ ୧୯୧ ରନ୍ କରିଥିଲା । ଜବାବରେ ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୧ ରନ୍ କରିଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପୃଥ୍ୱୀ ଶ ଓ ଡେଭିଡ ୱାର୍ଣ୍ଣରଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୯୩ ରନ୍ ପାର୍ଟନରସିପ୍ ହୋଇଥିଲା । ପୃଥ୍ୱୀ ୨୭ ବଲ୍‌ରୁ ୪୩ ରନ୍ ଓ ୱାର୍ଣ୍ଣର ୩୫ ବଲ୍‌ରୁ ୫୨ ରନ୍ କରିଥିଲେ । ଏହାପରେ ଅଧିନାୟକ ରିଷଭ ପନ୍ତ ଜମାଣିଆ ଇନିଂସ ଖେଳି ଅର୍ଦ୍ଧଶତକ ପୂରଣ କରିଥିଲେ । ସେ ୩୨ ବଲରୁ ୫୧ ରନ୍ ତଥା ମିଚେଲ ମାର୍ସ ୧୮ ରନ୍ କରିଥିଲେ । ତେଣୁ ଦିଲ୍ଲୀ ୨୦ ଓଭରରେ ୧୯୧/୫ ରନ୍ କରିଥିଲା । ବିଜୟଲକ୍ଷ୍ୟ କରିଥିବା ଚେନ୍ନାଇ ପକ୍ଷରୁ ଆଜିଙ୍କ୍ୟ ରାହାଣେ ୩୦ ବଲ୍‌ରୁ ୪୫, ଡାର୍ଲି ମିଚେଲ ୩୪, ଶିବମ ଦୁବେ ୧୮, ରବିନ୍ଦ୍ର ଜାଡେଜା ୨୧ ରନ୍ ଓ ମହେନ୍ଦ୍ର ସିଂ ଧୋନି ୧୬ ବଲ୍‌ରୁ ୪ଟି ଚୌକା ଓ ୩ଟି ଛକା ସହାୟତାରେ ୩୭ ରନ୍ କରିଥିଲେ । ବୋଲିଂରେ ଦିଲ୍ଲୀର ମୁକେଶ କୁମାର ୩ଟି, ଖଲିଲ ଅହମ୍ମଦ ୨ଟି ଓ ଅକ୍ଷର ପଟେଲ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ । ବିଜୟ ସହ ଦିଲ୍ଲୀ ୩ ମ୍ୟାଚରୁ ୨ ପଏଣ୍ଟ ସହ ଟେବୁଲର ସପ୍ତମ ସ୍ଥାନକୁ ଉଠିଛି ।

# ସନ୍‌ରାଇଜର୍ସଙ୍କୁ ହରାଇଲା ଟାଇଟନ୍ସ

## ଆଇପିଏଲ୍ ମହାସମର



ଅହମ୍ମଦାବାଦ,୧।୪(ଏଜେନ୍ସି): ଆଇପିଏଲ୍ ମହାସମରର ୧୨ତମ ମ୍ୟାଚରେ ଗୁଜରାଟ ଟାଇଟନ୍ସ ଜମାଣିଆ ବିଜୟ ହାସଲ କରିଛି । ରବିବାର ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୭ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରବାଦକୁ ହରାଇଛି । ଚଳିତ ଆଇପିଏଲ୍‌ରେ ଏହା ଗୁଜରାଟର ଦ୍ୱିତୀୟ ବିଜୟ ହୋଇଥିବା ବେଳେ ସନ୍‌ରାଇଜର୍ସର ଦ୍ୱିତୀୟ ପରାଜୟ । ଏହି ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୮ ୱିକେଟ୍ ହରାଇ ୧୬୨ ରନ୍ କରିଥିଲା । ଜବାବରେ ଗୁଜରାଟ ଟାଇଟନ୍ସ ୧୯.୧ ଓଭରରେ ୩ ୱିକେଟ୍ ହରାଇ ୧୬୮ ରନ୍ କରିଥିଲା । ୨୫ ରନ୍ ଦେଇ ୩ ୱିକେଟ୍ ଅକ୍ତିଆର କରିଥିବା ମୋହିତ ଶର୍ମାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା ସନ୍‌ରାଇଜର୍ସ ହାଇଦ୍ରବାଦ ପକ୍ଷରୁ ଟ୍ରେଭିସ ହେଡଙ୍କ ସହ ମୟଙ୍କ ଅଗ୍ରୱାଲ ଇନିଂସ ଓପନ କରିଥିଲେ । ପ୍ରଥମ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ପାଟନରସିପ୍ ହୋଇଥିଲା । ଟ୍ରେଭିସ ୧୪ ବଲରୁ ୧୯ ରନ୍ ଓ ମୟଙ୍କ ଅଗ୍ରୱାଲ ୧୭ ବଲ୍‌ରୁ ୧୬ ରନ୍ କରି ଆଉଟ୍ ହୋଇଥିଲେ । ମଧ୍ୟମକ୍ରମରେ ଅଭିଶେଖ ଶର୍ମା ୨୯ ରନ୍, ଆଦିନ ମାକ୍ରାମ ୧୭ ରନ୍, ହେନରିଚ କ୍ଲାସେନ୍ ୧୩ ବଲ୍‌ରୁ ୨୪ ରନ୍, ସାହାବାଜ ଅହମ୍ମଦ ୨୦ ବଲ୍‌ରୁ ୨୨ ରନ୍ ଏବଂ ଅବଦ୍ଦୁଲ ସମଦ ୧୪ ବଲ୍‌ରୁ ୨୯ ରନ୍ କରିବାରୁ ସନ୍‌ରାଇଜର୍ସର ଦଳୀୟ ସ୍କୋର ୨୦ ଓଭରରେ ୧୬୨/୮ ରନ୍‌ରେ ପହଞ୍ଚିଥିଲା । ବୋଲିଂରେ ଗୁଜରାଟର ମୋହିତ ଶର୍ମା ୩ ୱିକେଟ୍, ନୂରଅହମ୍ମଦ, ରସିଦ ଖାନ୍, ଉମେଶ ଯାଦବ, ଅଜମତୁଲ୍ଲା ଉମାରଯାଇ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୧୬୩ ରନ୍‌ର ବିଜୟଲକ୍ଷ୍ୟ ସହ ପଡ଼ିଆକୁ ଓହ୍ଲାଇଥିଲା ଗୁଜରାଟ ଟାଇଟନ୍ସ ଅଧିନାୟକ ଶୁଭମନ ଗିଲ ଓ ରିଦ୍ଧିମାନ ଶାହା ପାଳି ଆରମ୍ଭ କରିଥିଲେ । ପ୍ରଥମେ ୱିକେଟ୍ ପାଇଁ ଦୁହେଁ ୩୬ ରନ୍ ସଂଗ୍ରହ କରିଥିଲେ । ପ୍ରଥମ ୱିକେଟ୍ ଭାବେ ରିଦ୍ଧିମାନ ୧୩ ବଲରୁ ୨୫ ରନ୍ କରି ସାହାବାଜ ଅହମ୍ମଦଙ୍କ ଶିକାର ହୋଇଥିଲେ । ଗିଲ୍ ୨୮ ବଲ୍‌ରୁ ୨ଟି ଚୌକା ଓ ଗୋଟିଏ ଛକା ମାରି ୩୬ ରନ୍ କରିଥିଲେ । ଗିଲଙ୍କ ୱିକେଟ୍ ପତନ ସତ୍ତ୍ୱେ ମଧ୍ୟମକ୍ରମରେ ସାଇ ସୁଦର୍ଶନ, ଡେଭିଡ ମିଲର ଓ ବିଜୟ ଶଙ୍କର ଦଳକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାକୁ ସକ୍ଷମ ହୋଇଥିଲେ । ସାଇ ସୁଦର୍ଶନ ୩୬ ବଲ୍‌ରୁ ୪୫ ରନ୍ କରିଥିଲେ । ଡେଭିଡ ମିଲର (କିଲର ମିଲର) ୨୭ ବଲ୍‌ରୁ ୪୪ ରନ୍ ଏବଂ ବିଜୟ ଶଙ୍କର ୧୧ ବଲରୁ ୧୪ ରନ୍ କରିବାରୁ ଗୁଜରାଟ ୫ଟି ବଲ ପୂର୍ବରୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଇଥିଲା । ବୋଲିଂରେ ସନରାଇଜର୍ସର ସାହାବାଦ ଅହମ୍ମଦ, ମୟଙ୍କ ମାର୍କଣ୍ଡେ ଓ ପାର୍ଟ କୁମିନ୍ସ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ । ଏହି ବିଜୟ ସହ ୪ ପଏଣ୍ଟ ହାସଲ କରି ଗୁଜରାଟ ଟାଇଟନ୍ସ ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନକୁ ଉଠିଛି ।

**ଆଜିର ମ୍ୟାଚ**

**ମୁମ୍ବାଇ-ରାଜସ୍ଥାନ**
**ସମୟ: ରାତି ୭.୩୦**
**ସ୍ଥାନ: ୱାଙ୍ଖେଡେ**
**ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା**

# ସର୍ବଭାରତୀୟ ଟି-୨୦: ନର୍ଥଇଷ୍ଟର୍ଣ୍ଣ ବିଜୟୀ



ଜଟଣୀ,୧।୪(ସବ୍ୟୁ): ପୂର୍ବତଟ ରେଳବାଇ ସ୍ପୋର୍ଟ୍ସ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ୬୭ତମ ସର୍ବଭାରତୀୟ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ ନର୍ଥ ଇଷ୍ଟର୍ଣ୍ଣ ରେଳବାଇ ବିଜୟୀ ହୋଇଛି । ଏହି ମ୍ୟାଚରେ ନର୍ଥ ଇଷ୍ଟର୍ଣ୍ଣ ରେଳବାଇ ଓ ସାଉଥ ଇଷ୍ଟର୍ଣ୍ଣ ରେଳବାଇ ଭେଟାଭେଟି ହୋଇଥିଲେ । ଏଥିରେ ନର୍ଥ ଇଷ୍ଟର୍ଣ୍ଣ ୧୭ ରନ୍ ବ୍ୟବଧାନରେ ବିଜୟୀ ହୋଇଥିଲା । ସାହାବ ଯୁବରାଜ ସିଂଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଦ୍ୱିତୀୟ ମ୍ୟାଚରେ ପୂର୍ବତଟ ରେଳବାଇ ୧୭ ରନ୍ ବ୍ୟବଧାନରେ ନର୍ଥ ଇଷ୍ଟ ଫ୍ରଣ୍ଟିୟର ରେଳବାଇକୁ ହରାଇଥିଲା । ବିଜୟୀ ଦଳର ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା ।

# ରାମେଶ୍ୱର କପ୍: ଆଲଫା ସ୍ପୋର୍ଟିଂ ଚାମ୍ପିଅନ୍




ଭୁବନେଶ୍ୱର,୧।୪(ସବ୍ୟୁ): ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଷଷ୍ଠ ରାମେଶ୍ୱର କପ୍ ୧୭ ବର୍ଷରୁ କମ୍ କମଳା ପରିଡା ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମର ଆଲଫା ସ୍ପୋର୍ଟିଂ ଚାମ୍ପିଅନ୍ ହୋଇଛି । ରବିବାର ଅନୁଷ୍ଠିତ ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଆଲଫା ସ୍ପୋର୍ଟିଂ ୩୩.୨ ଓଭରରେ ୯ ୱିକେଟ୍ ହରାଇ ୧୪୬ ରନ୍ କରିଥିଲା । ଅମନ ଦାଶ ସର୍ବାଧିକ ୮୧ ରନ୍ କରିଥିଲେ । ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୨୯ ଓଭରରେ ୧୩୦ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଶୁଭାଶିଷ ମଲ୍ଲିକ ୩୭ ରନ୍ ଓ ଶୁଭ୍ରାକାନ୍ତ ପରିଡା ୨୮ ରନ୍ କରିଥିଲେ । ଆଲଫା'ର ଅମନ ଦାଶଙ୍କୁ ପ୍ଲେୟାର ଅଫ୍ ଦ ଫାଇନାଲ ଏବଂ ଆର୍ ସମର୍ଥଙ୍କୁ ପ୍ଲେୟାର ଅଫ୍ ଦ ସିରିଜ୍, ସ୍ୱୟମ୍ ପଣ୍ଡାଙ୍କୁ ଶ୍ରେଷ୍ଠ ବ୍ୟାଟର, ଶୁଭ୍ରକାନ୍ତ ପରିଡାଙ୍କୁ ଶ୍ରେଷ୍ଠ ବୋଲର । ବାବୁସାନ ମାଝୀଙ୍କୁ ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଚନ୍ଦ୍ରଶେଖର ମାଲିଆ, ଶିବ ବେହେରା, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଦିବ୍ୟ ରଞ୍ଜନ ବେହେରା, ହେମାନନ୍ଦ ମହାପାତ୍ର, ବିଜୟ ଭାସ୍କର ସିଂ ସାମନ୍ତ ଉପସ୍ଥିତ ଥିଲେ । ଅମ୍ପାୟାର ସତ୍ୟବ୍ରତ ମହାପାତ୍ର ଓ ବିଶ୍ୱଜିତ ମଲ୍ଲିକ ମ୍ୟାଚ ପରିଚାଳନା କରିଥିଲେ ।

# ବିଜୟଶ୍ରୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ : କଟକ ନିମପୁର ଚାମ୍ପିଅନ

ବାସୁଦେବପୁର,୧।୪(ସବ୍ୟୁ): ବାସୁଦେବପୁର ଉକିଳିକା ସ୍କଟିଙ୍ଗ୍ ପକ୍ଷରୁ ଅଟଳ ବିହାରୀ କଲେଜ ପରିସର ମଧ୍ୟରେ ଓଡିଶାର ପୂର୍ବତନ ମନ୍ତ୍ରୀ ଦିବଙ୍ଗତ ନେତା ତଥା ବାସୁଦେବପୁର ବିଧାୟକ ବିଜୟଶ୍ରୀ ରାଉତରାୟଙ୍କ ସ୍ମୃତିରେ ତିନିଦିନ ବ୍ୟାପି ଚାଲିଥିବା ବିଜୟଶ୍ରୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଦିନ ଫାଇନାଲ ମ୍ୟାଚରେ ଭଦ୍ରକ ରେଲେୱ୍ୱକୁ ହରାଇ କଟକର ନିମ୍‌ପୁର ବିଜୟ ଲାଭକରି ଚମ୍ପିୟନ ହୋଇଛି। ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ବିଜୟଶ୍ରୀଙ୍କ ଜ୍ୟେଷ୍ଠ ପୁତ୍ର ଦୁର୍ଗାଦତ୍ତ ରାଉତରାୟ ଯୋଗଦେଇ ଉଦଘାଟନ କରିଥିଲେ। ମ୍ୟାଚରେ ଆଜି ନିମ୍‌ପୁର ପ୍ରଥମେ ବ୍ୟାଟିଙ୍ଗ କରି ୨୦ ଓଭରରେ ୮ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ଇନିଙ୍ଗସରେ ଭଦ୍ରକ ରେଲେୱ୍ୱ ସମସ୍ତ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ସଭାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ,କ୍ରିକେଟର ପ୍ରଭଞ୍ଜନ ମଲ୍ଲିକ,ପୌରପାଳିକାର ଉପାଧକ୍ଷ ଉତ୍ତମ କୁମାର ବାରିକ,ମାନସ ରଞ୍ଜନ ସାହୁ,ଆରୁହା ସରପଂଚ ରାଜେନ୍ଦ୍ର ସାହୁ,ବିଜେଡିର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଦେବଦର୍ଶନ ଦାଶ,କାଉଁନସିଲର ଚନ୍ଦନ ସେନ,ଗୌତ୍ତମ ସେଠୀ,କୃଷ୍ଣଚନ୍ଦ୍ର ଘଡେଇ,କାଳନ୍ଦୀ ଚରଣ ସାହୁ,ଶଶିକାନ୍ତ ବାରିକ ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ ସଭାରେ ଉଦୟ କୁମାର ଜେନା ସଂଯୋଜନା କରିଥିଲେ। କଟକର ନିମ୍‌ପୁର ଖେଳାଳୀ ଜାର୍ହି ବାତସି ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ଟର୍ଣ୍ଣାମେଣ୍ଟ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ଲଲାଟ କେଶରୀ ନନ୍ଦ,ସାର୍ଥକ ବିଶ୍ୱାଳ,ଦେବବ୍ରତ ଦାଶ ଓ ରଞ୍ଜନ ମହାନ୍ତି ଖେଳ ପରିଚାଳନା କରିଥିଲେ। ବିଜୟୀ କଟକର ନିମପୁରକୁ ଚମ୍ପିଅନ ଦଳ ଭାବେରେ ନଗଦ ୩୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିବା ସହିତ ଭଦ୍ରକ ରେଲେୱ୍ୱକୁ ରନ୍‌ର୍ସ ଅପ୍ ଦଳ ଭାବେ ନଗଦ ୨୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସଂଯୋଜନା କରୁଥିବା ଉତ୍ତମ କୁମାର ଦାସଙ୍କୁ ବିଧାୟକ ଶ୍ରୀରାଉତରାୟ ସମ୍ବର୍ଦ୍ଧିତ କରିଥିଲେ ।

**SALE SALE SALE**

Flex Printing Machine (10 feet)
As on Where Basis.

Company Name:
"MONOTECH"
Systems PVT.LTD.
For Contact : 8917518606

## ରାଜ୍ୟ ଓପନ ଚେସ ଚାମ୍ପିଅନ୍‌ସିପ୍

# ହର୍ଷିତ ରଞ୍ଜନ ବିଜେତା

ଭୁବନେଶ୍ୱର,୧।୪(ସବ୍ୟୁ): କେଶୁରା ସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ଧନଞ୍ଜୟ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କଟକର ହର୍ସିତ ରଞ୍ଜନ ସାହୁ ଚାମ୍ପିଅନ୍ ହୋଇଛନ୍ତି । କଟକର ଲଳିତ ରଞ୍ଜନ ସାହୁ ଦ୍ୱିତୀୟ, ରବିନ୍ଦ୍ର କୁମାର ଓଝା ତୃତୀୟ, ରୁଦ୍ରପ୍ରତାପ ମିଶ୍ର ଚତୁର୍ଥ, ଅଞ୍ଜଳୀ ମିଶ୍ର ପଞ୍ଚମ, ଆଦଭିକ୍ ଆଦିତ୍ୟ ସ୍ୱାଇଁ ଷଷ୍ଠ ଏବଂ ଜଟଣୀର ଅଭିନାଶ ବଳିଆର ସିଂ ସପ୍ତମ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ବିଭିନ୍ନ ବୟସବର୍ଗରେ ମଧ୍ୟ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଲିମିଟେଡ ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ଯୋଗଦେଇଥିଲେ । ଅନ୍ୟମାନଙ୍କ ଦେବାଶିଷ ପାଣିଗ୍ରାହୀ (ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ), ସ୍ୱର୍ଗତଃ ଧନଞ୍ଜୟ ମହାନ୍ତିଙ୍କ ଭଉଣୀ ସୁମିତ୍ରା ମହାନ୍ତି ଏବଂ ଝିଅ ଶିବାଙ୍ଗୀ ଶ୍ରେୟା ମହାନ୍ତି ଉପସ୍ଥିତ ଥିଲେ ।

# ଜାତୀୟ ପାରାସନ୍ତରଣରେ ଓଡ଼ିଶାକୁ ୧୮ ପଦକ

ଭୁବନେଶ୍ୱର,୧।୪(ସବ୍ୟୁ): ମାର୍ଚ୍ଚ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଗ୍ୱାଲିୟର ସ୍ଥିତ ଅଟଳବିହାରୀ ବାଜପେୟୀ ଟ୍ରେନିଂ ସେଣ୍ଟରରେ ୨୩ତମ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଓଡ଼ିଶାକୁ ୧୮ପଦକ ମିଳିଛି । କମଳାକାନ୍ତ ନାୟକ ବ୍ୟକ୍ତିଗତ ଭାବେ ୩ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । କମଳାକାନ୍ତଙ୍କ ବ୍ୟତୀତ ଆକାଶ ବଥ୍ଲୋର ଦୁଇଟି ସ୍ୱର୍ଣ୍ଣ ସହିତ ଗୋଟିଏ ରୌପ୍ୟ, ମହିଳା ପ୍ରତିଯୋଗୀ କବିତା ଦଳେଇ ୩ଟି ରୌପ୍ୟ, ନରହରି ବେହେରା ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ଦିନେଶ ମୋହନ ମାଝୀ ଦୁଇଟି ବ୍ରୋଞ୍ଜ, ମୋନାଲି ସ୍ୱର୍ଣ୍ଣ ଗୋଟିଏ ବ୍ରୋଞ୍ଜ, ରସ୍ମିତା ଜେନା ଗୋଟିଏ ବ୍ରୋଞ୍ଜ, ଦିଗନ୍ତଭାନୁ ମଲ୍ଲିକ ଦୁଇଟି ରୌପ୍ୟ ଏବଂ ଲୋକନାଥ ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତା ପୂର୍ବରୁ ରାଜ୍ୟ କ୍ରୀଡା ବିଭାଗ ଭିନ୍ନକ୍ଷମ ସନ୍ତରଣ ପ୍ରତିଯୋଗୀଙ୍କ ପାଇଁ ୧୮ ଜଣଙ୍କ ପ୍ରଶିକ୍ଷଣ ଶିବିର ଆୟୋଜନ କରିଥିଲା । ଏହି ଦୁଇଟି ସମସ୍ତ ସନ୍ତରଣକାରୀ ଉଚ୍ଚକୋଟୀର ଅଭ୍ୟାସ କରି ରାଜ୍ୟ ପାଇଁ ପଦକ ସଫଳତା ଆଣି ଦେଇଛନ୍ତି । ପୂର୍ବବର୍ଷ ଏହି ପ୍ରତିଯୋଗିତାରେ କେବଳ ଓଡ଼ିଶା କେବଳ ୩ଟି ପଦକ ଜିତିଥିଲା । ଚଳିତ ବର୍ଷ ପଦକ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି ।



AT KURANGA PHULNAKHARA

Meera's COURTYARD



Huge lush green happening space situated in between Cuttack and Bhubaneswar.

- Pollution free ambience
- Blend of traditionalism & modernity
- Far from the madding crowd
- Truely magnificent setting
- Hassel free parking,

WILL perfectly match to your dream to make your event a memorable one.



For:
- Wedding
- Star night
- Conference and work shops
- Birthday party
- Musical events
- Corporate meet

Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

# ଦିଲ୍ଲୀପ କୁମାର ପଣ୍ଡା ସ୍ମାରକୀ କ୍ରିକେଟ୍: ଶେଖର ସ୍ପୋର୍ଟିଂ ବିଜୟୀ

ଭୁବନେଶ୍ୱର,୧।୪(ସବ୍ୟୁ): ନହରକଣ୍ଟା ସ୍ଥିତ ଶ୍ରୀଜୟଦେବ କ୍ରୀଡା ସଂଘ ଆନୁକୂଲ୍ୟରେ ଆୟୋଜିତ ଦିଲ୍ଲୀପ କୁମାର ପଣ୍ଡା ସ୍ମାରକୀ କ୍ରିକେଟ ଲିଗ୍‌ର ତୃତୀୟ ଦିନ ଶେଖର ସ୍ପୋର୍ଟିଂ ୯ ୱିକେଟ୍‌ରେ ଟାଉନ୍ କ୍ଲବ୍‌କୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ଟାଉନ୍ କ୍ଲବ୍ ୨୭.୨ ଓଭରରେ ୧୨୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଦଳ ପକ୍ଷରୁ ଅର୍ଣ୍ଣବ ପଟ୍ଟନାୟକ ୩୩ ରନ୍ ଓ ସୁନୀଲ ପାତ୍ର ୨୫ ରନ୍ କରିଥିଲେ । ବୋଲର ଇଶାନ ମହାପାତ୍ର ଓ ଅମ୍ଲାନ ପଟ୍ଟନାୟକ ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ୧୩୯ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଶେଖର ସ୍ପୋର୍ଟିଂ ୨୩.୫ ଓଭରରେ ୧ ୱିକେଟ୍ ହରାଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା । ଦଳ ପକ୍ଷରୁ ଆୟାନ ନାୟକ ୬୨ ରନ୍ ଏବଂ ଇଶାନ ମହାପାତ୍ର ୪୨ ରନ୍ ସଂଗ୍ରହ କରିଥିଲେ । ସୁଶୀଲ କୁମାର ପରିଡା ଏବଂ ଶାଶ୍ୱତି ଶତପଥୀ ମ୍ୟାଚ ପରିଚାଳନା କରିଥିଲେ । ଚତୁର୍ଭୁଜ ଜେନା (ଦେବରାୟ କଲେଜ କ୍ରୀଡା ଅଧିକାରୀ) ଏବଂ ପୂର୍ବତନ ଖେଳାଳି ଦୀପକ ମଙ୍ଗରାଜ ଅତିଥି ଭାବେ ଯୋଗଦେଇଥିଲେ ।

# ହାର୍ଦ୍ଦିକ, ସଲିମାଙ୍କୁ ବଲବୀର ସିଂ ଆୱାର୍ଡ

ନୂଆଦିଲ୍ଲୀ,୧।୪(ଏଜେନ୍ସି): ହକି ଇଣ୍ଡିଆର ବାର୍ଷିକ କ୍ରୀଡା ପୁରସ୍କାର ରବିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି । ତାରକା ହକି ଖେଳାଳି ହାର୍ଦ୍ଦିକ ସିଂ ଓ ସଲିମା ଟେଟେଙ୍କୁ ୨୦୨୩ ବର୍ଷ ପାଇଁ ବଲବୀର ସିଂ (ପ୍ଲେୟାର ଅଫ୍ ଦ ଇଅର) ଆୱାର୍ଡ ପ୍ରଦାନ କରାଯାଇଛି । ଅଶୋକ କୁମାରଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ହକି ଇଣ୍ଡିଆ ତରଫରୁ ମର୍ଯ୍ୟାଦାଜନକ ମେଜର ଧ୍ୟାନଚାନ୍ଦ ଲାଇଫ ଟାଇମ୍ ଆର୍ଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି । ଚଳିତବର୍ଷ ଏହା ହକି ଇଣ୍ଡିଆର ଷଷ୍ଠ ପୁରସ୍କାର ସଂସ୍କରଣ । ଏଥର ମୋଟ ୭.୫୬ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି ।

ବିବେକସାଗର ପ୍ରସାଦ, ହାର୍ଦ୍ଦିକ ସିଂ, ନଳୀକାନ୍ତ ଶର୍ମା, ସୁମିତ, କ୍ରିଷ୍ଣା ବାହାଦୂର ପାଠକ, ଉଦିତା, ସଲିମା ଟେଟେ, ଗୁରଜନ୍ତ ସିଂ ପ୍ରମୁଖଙ୍କୁ ୧୦୦ତମ ମ୍ୟାଚ ପୂରଣ ପାଇଁ ୧ ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ନିକି ପ୍ରଧାନ, ଅମିତ ରୋହିଦାସ, ଲଳିତ କୁମାର ଉପାଧ୍ୟାୟ ଓ ନେହାଙ୍କୁ ୧୫୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ସକାଶେ ଦେଢ଼ ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ମହିଳା ହକି ଦଳର ଡିଫେଣ୍ଡର ହରମନପ୍ରୀତ ସିଂ ୨୦୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବାରୁ ତାଙ୍କୁ ୨ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି । ଗୋଲକିପର ସବିତା ୨୫୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି । ତେଣୁ ତାଙ୍କୁ ୨.୫ ଲକ୍ଷ ଟ୍ରଫି ସହ, ପିଆର୍ ଶ୍ରୀଜେସଙ୍କୁ ୩ ଲକ୍ଷ ଟଙ୍କା ସହ ଟ୍ରଫି, ବନ୍ଦନା କାଟାରିଆ ଭାରତର ପ୍ରଥମ ହକି ଖେଳାଳି ଭାବେ ୩୦୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବାରୁ ତାଙ୍କୁ ୩ ଲକ୍ଷ ଟଙ୍କା ସହ ଟ୍ରଫି ତଥା ୩୫୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ମନପ୍ରୀତ ସିଂଙ୍କୁ ଟ୍ରଫି ସହ ୩.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ୭୦ ଦଶକର ପୂର୍ବତନ ହକି ଖେଳାଳି ଅଶୋକ କୁମାରଙ୍କୁ ଲାଇଫ୍ ଟାଇମ୍ ଆର୍ଚିଭମେଣ୍ଟ ବାବଦକୁ ୩୦ ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିଭଳି ପୁରୁଷ ବର୍ଗରେ ୨୦୨୩ ବର୍ଷ ପାଇଁ ହାର୍ଦ୍ଦିକ ସିଂ ଶ୍ରେଷ୍ଠ ଖେଳାଳି ଭାବେ ୨୫ ଲକ୍ଷ ଟଙ୍କା ଓ ମହିଳା ଖେଳାଳି ସଲିମା ଟେଟେ ୨୫ ଲକ୍ଷ ଟଙ୍କା ସହ ଟ୍ରଫି ଓ ମାନପତ୍ର ହାସଲ କରିଛନ୍ତି ।

**ସୂଚନା**

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541